بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4 | ସଂଖ୍ୟା 5

ସାପ୍ତାହିକ ବଦର କାଦିଆନ

The Weekly BADAR Qadian ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

31 ଜାନୁଆରୀ 2019   31 ସୁଲାହ୍ 1398 ହି.ଶ   24 ଜମାଦିଲ୍ ଅୱ୍ୱଲ୍ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

قُلِ اللّٰہُمَّ مٰلِکَ الۡمُلۡکِ تُؤۡتِی الۡمُلۡکَ مَنۡ تَشَآءُ وَتَنۡزِعُ الۡمُلۡکَ مِمَّنۡ تَشَآءُ ۫ وَتُعِزُّ مَنۡ تَشَآءُ وَتُذِلُّ مَنۡ تَشَآءُ ؕ بِیَدِکَ الۡخَیۡرُ ؕ

(آل عمران:27)

ଅନୁବାଦ - ତୁମ୍ଭେ କୁହ ''ହେ ଅଲ୍ଲାଃ ! ତୁମେ ସକଳ ରାଜ୍ୟର ଅଧିଶ୍ୱର, ତୁମେ ଯାହାକୁ ଇଛା ରାଜତ୍ୱ ପ୍ରଦାନ କର ଏବଂ ଯାହାଠାରୁ ଇଛା ରାଜତ୍ୱ ଛଡାଇ ନିଅ । ତୁମ୍ଭେ ଯାହାକୁ ଇଛା ସମ୍ମାନିତ କର ଏବଂ ଯାହାକୁ ଇଛା ଅପମାନିତ କର । ସକଳ କଲ୍ୟାଣ ତୁମ୍ଭ ହସ୍ତରେ ରହିଅଛି ।

(ଆଲେ ଇମ୍ରାନ୍: ୨୭)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ଼ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍ଦୋଲିଲ୍ଲାଃ)

ହୁଜୁର ଅନ୍ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ସୟଦ୍ନା ହଜ୍ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ହେ ପ୍ରିୟ ଲୋକମାନେ ! ଏହା ଦୀନ୍ ପାଇଁ ଓ ଦୀନ୍‌ର ଉଦ୍ଦେଶ୍ୟ ନିମନ୍ତେ ସେବା କରିବାର ସମୟ । ଏ ସମୟକୁ ଉପଯୁକ୍ତ ମଣ କି ପୁଣି କେବେ ଏହା ମିଳିବନାହିଁ ଅର୍ଥାତ୍ ଜକାତ୍ ଦେଉଥିବା ଲୋକେ ଏ ସ୍ଥାନକୁ ନିଜର ଜକାତ୍ ପଠାଇବା ଉଚିତ୍ । ଏବଂ ପ୍ରତ୍ୟେକ ବ୍ୟକ୍ତି ନିରର୍ଥକ କାର୍ଯ୍ୟରୁ ନିଜକୁ ବଂଚାନ୍ତୁ ଏବଂ ଏହି ମାର୍ଗରେ ସେହି ଟଙ୍କାକୁ ଦିଅନ୍ତୁ ଏବଂ ଯଥାସମ୍ଭବ ସଦିଚ୍ଛା ଦେଖାନ୍ତୁ ଫଳତଃ (ଅଲ୍ଲାଃଙ୍କ) କରୁଣା ଏବଂ ରୁହୁଲ୍ କୁଦୁସ୍‌ର ପୁରସ୍କାର ପାଇବ ।

# କଶ୍ତିନୁହ୍ ପୁସ୍ତକରୁ ସୟଦ୍ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଏହି ସମସ୍ତ ଉପଦେଶ ଯାହାସବୁ ମୁଁ ଲେଖିସାରିଛି, ତାହା ଏ ଉଦ୍ଦେଶ୍ୟରେ (ଲେଖିଛି) କି ଯଦ୍ୱାରା ଆମ ଜମାତ୍ ଖୁଦାତାଲାଙ୍କ (ଭକ୍ତି) ଭୟରେ ଉନ୍ନତି କରୁ ଏବଂ ତାହା ଏ ଯୋଗ୍ୟ ହୋଇଯାଉ କି ଇଶ୍ୱରଙ୍କ ଯେଉଁ କ୍ରୋଧ ପୃଥିବୀରେ ପଡିଛି ତାହା ସେମାନଙ୍କଠାରେ ନପହଂଚୁ ଏବଂ ଏହି ତାଉନ୍ ଦିନ ଗୁଡିକରେ ସେମାନେ ବିଶେଷ ରୂପେ ବଂଚିଯାଆନ୍ତୁ । ସଚ୍ଚା ତକ୍‌ୱା (ଆଃ..ବହୁତ କମ୍ ସଚ୍ଚା ତକ୍‌ୱା ଅଛି) ଖୁଦାଙ୍କୁ ରାଜି କରିଦିଏ ଏବଂ ଖୁଦା ନା ସାଧାରଣ ରୂପେ ବରଂ ମୋ ଚିହ୍ନ ରୂପେ କାମିଲ୍ ମୁତକି (ପୂର୍ଣ୍ଣ ନିଷ୍ଠାବାନ୍)ଙ୍କୁ ବିପତିରୁ ବଂଚାଇଥାଏ । ପ୍ରତ୍ୟେକ ଧୋକାବାଜ ବା ମୂର୍ଖ (ଯିଏ) ମୁତ୍‌ତକି ହେବାର ଦାବି କରିଥାଏ, କିନ୍ତୁ ମୁତ୍‌ତକି ତ ହେଉଛି ସେ ଯିଏ ଖୁଦାଙ୍କ ନିଦର୍ଶନ ଦ୍ୱାରା ମୁତ୍‌ତକି ପ୍ରମାଣିତ ହୁଏ । ପ୍ରତ୍ୟେକ କହିପାରେ କି ମୁଁ ଖୁଦାଙ୍କୁ ପ୍ରେମ କରୁଅଛି କିନ୍ତୁ ଖୁଦାଙ୍କ ସହିତ ସେ ପ୍ରେମ କରିଥାଏ ଯାହାର ପ୍ରେମ ଆକାଶୀୟ ସାକ୍ଷଦ୍ୱାରା ପ୍ରମାଣିତ ହୋଇଥାଏ । ଏବଂ ପ୍ରତ୍ୟେକ କହିଥାନ୍ତି କି ମୋ ଧର୍ମ ହେଉଛି ସଚ୍ଚା କିନ୍ତୁ ସଚ୍ଚା ଧର୍ମ ସେହି ବ୍ୟକ୍ତିର ଯାହାଙ୍କୁ ଏ ସଂସାରରେ ନୁର୍ (ଜ୍ୟୋତି) ମିଳିଥାଏ । ଏବଂ ପ୍ରତ୍ୟେକ କହିଥାନ୍ତି କି ମୋତେ ନଜାତ୍ (ମୋକ୍ଷ) ମିଳିବ କିନ୍ତୁ ଏ କଥାରେ ସଚ୍ଚା ହେଉଛି ସେ ବ୍ୟକ୍ତି ଯିଏ ଏ ସଂସାରରେ ନଜାତ୍‌ର ଜ୍ୟୋତିକୁ ଦେଖିଥାଏ । ସୁତରାଂ ତୁମେ ଚେଷ୍ଟା କର କି ଖୁଦାଙ୍କ ପ୍ରିୟ ହୋଇଯାଅ ଯଦ୍ୱାରା ତୁମେ ପ୍ରତ୍ୟେକ ବିପତିରୁ ବଂଚାଇ ଦିଆଯିବ । ସମ୍ପୂର୍ଣ୍ଣ ନିଷ୍ଠାବାନ୍‌କୁ ତାଉନ୍‌ରୁ ବଂଚାଇ ଦିଆଯିବ । କାରଣ ସେମାନେ ଖୁଦାଙ୍କ ଶରଣରେ ଅଛନ୍ତି । ତେଣୁ ତୁମେ କାମିଲ୍ ମୁତ୍‌ତକି (ସମ୍ପୂର୍ଣ୍ଣ ନିଷ୍ଠାବାନ୍) ହୋଇଯାଅ । ଯାହାକିଛି ଖୁଦା ତାଉନ୍ ସମ୍ବନ୍ଧରେ କହିଛନ୍ତି ତାହା ତୁମେ ଶୁଣିସାରିଛ । ତାହା ଏକ ପ୍ରକାର କ୍ରୋଧର ଅଗ୍ନି । ତେଣୁ ତୁମେ ନିଜକୁ ସେହି ଅଗ୍ନିରୁ ବଂଚାଅ । ଯେଉଁବ୍ୟକ୍ତି ସତ୍ୟତାର ସହିତ ମୋର ଅନୁସରଣ କରିଥାଏ ଏବଂ କୌଣସି ପ୍ରକାରର ଖୟାନତ୍ ତା ଭିତରେ ନଥାଏ ଏବଂ ନା ଅଳସ ଏବଂ ନା ଅବହେଳା ଥାଏ ଏବଂ ନା ପୁଣ୍ୟ ସହିତ କୁକର୍ମକୁ ଏକାଠି କରିଥାଏ ତାକୁ ବଂଚାଇ ଦିଆଯିବ କିନ୍ତୁ ଯିଏ ଏ ମାର୍ଗରେ ଆଳସ୍ୟତାର ପାଦରେ ଚାଲିଥାଏ ଏବଂ ତକ୍‌ୱାର ମାର୍ଗରେ ସମ୍ପୂର୍ଣ୍ଣ ରୂପେ ପାଦ ରଖେନାହିଁ ବା ସଂସାରରେ ପଡିଥାଏ ସେ ନିଜକୁ ପରୀକ୍ଷାରେ ପକାଇଥାଏ । ପ୍ରତ୍ୟେକ ପାର୍ଶ୍ୱରୁ ଖୁଦାଙ୍କ ଆଜ୍ଞାପାଳନ କର ଏବଂ ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜକୁ ବୟତ୍ କରିଥିବା ଲୋକମାନଙ୍କ ମଧ୍ୟରେ ବିବେଚନା କରିଥାଏ ତାହାପାଇଁ ଏହି ସମୟ ଆସିଛି କି (ସେ) ନିଜର ମାଲ୍‌ରୁ ମଧ୍ୟ ଏହି ସିଲ୍‌ସିଲାର ସେବା କରୁ । ଯେଉଁବ୍ୟକ୍ତି ଏକ ପଇସାର ସାମର୍ଥ୍ୟ ରଖିଛି ସେ ଏହି ସିଲ୍‌ସିଲାର ଖର୍ଚ୍ଚ ନିମନ୍ତେ ମାସକୁ ମାସ ଏକ ପଇସା ଦେଉ ଏବଂ ଯେଉଁ ବ୍ୟକ୍ତି ଏକଟଙ୍କା ମାସିକ ଦେଇପାରେ ସେ ଏକଟଙ୍କା ମାସିକ ପ୍ରଦାନ କରୁ । କାରଣ ଲଙ୍ଗର୍‌ଖାନାର ଖର୍ଚ୍ଚ ବ୍ୟତୀତ ଧର୍ମକାର୍ଯ୍ୟଗୁଡିକରେ ମଧ୍ୟ ବହୁତ ଖର୍ଚ୍ଚ ଆବଶ୍ୟକ ହେଉଛି । ଶହ ଶହ ଅତିଥି ଆସୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଅତିଥିମାନଙ୍କ ନିମନ୍ତେ ଆବଶ୍ୟକତା ଅନୁସାରେ ଆରାମ ଦେଉଥିବା ଘର ଯୋଗାଇ ଦିଆଯାଇପାରିନାହିଁ, ଯେପରି ହେବା ଉଚିତ୍ । ଖଟର ବ୍ୟବସ୍ଥା ନାହିଁ । ମସ୍‌ଜିଦ୍‌କୁ ବଢ଼ାଇବାର ଆବଶ୍ୟକତା ମଧ୍ୟ ରହିଛି । ତାଲିଫ୍ ଏବଂ ଇଶାଅତ୍ (ପୁସ୍ତକ ପ୍ରକାଶନ)ର ସିଲ୍‌ସିଲା ବିରୋଧିମାନଙ୍କ ମୁକାବିଲାରେ ଅତ୍ୟନ୍ତ ଗୌଣ । ଇସାଇମାନଙ୍କ ତରଫରୁ ଯେଉଁଠି ପଚାଶ ହଜାର ପତ୍ରିକା ଓ ଧାର୍ମିକ ପତ୍ର ବାହାରୁଛି ଆମ ତରଫରୁ ନିୟମିତ ମାସକୁ ମାସ ଏକହଜାର ମଧ୍ୟ ବାହାରିପାରୁନାହିଁ । ଏହି ସବୁ କଥା ରହିଛି ଯାହାପାଇଁ ପ୍ରତ୍ୟେକ ବୟତ କରିଥିବା ଲୋକକୁ (ସାମର୍ଥ୍ୟ ମୁତାବକ) କିଛି ଅଧିକା ସାହାଯ୍ୟ କରିବା ଉଚିତ୍ । ଫଳତଃ ଖୁଦାତାଲା ତାଙ୍କୁ ସାହାଯ୍ୟ କରିବ । ଯଦି ଅନବରତ ମାସକୁ ମାସ ସେମାନଙ୍କର ସାହାଯ୍ୟ ପହଂଚି ଚାଲିବ ତାହା ଅଳ୍ପ ସାହାଯ୍ୟ ହେଉପଛେ, ତାହା ସେହି ସାହାଯ୍ୟଠାରୁ ଉତମ ଯାହା ବହୁତ ଦିନ ପର୍ଯ୍ୟନ୍ତ ଭୁଲିଯାଇ ପୁଣି କୌଣସି ସମୟରେ ନିଜ ଭାବନା ମୁତାବକ କରାଯାଇଥାଏ । ପ୍ରତ୍ୟେକ ବ୍ୟକ୍ତିର ପୁଣ୍ୟତା ସେବାଦ୍ୱାରା ହିଁ ଚିହ୍ନିତ ହୋଇଥାଏ । ହେ ପ୍ରିୟ ଲୋକମାନେ ! ଏହା ଦୀନ୍ ପାଇଁ ଓ ଦୀନ୍‌ର ଉଦ୍ଦେଶ୍ୟ ନିମନ୍ତେ ସେବା କରିବାର ସମୟ । ଏ ସମୟକୁ ଉପଯୁକ୍ତ ମଣ କି ପୁଣି କେବେ ଏହା ହାତକୁ ଆସିବ ନାହିଁ । ଅର୍ଥାତ୍ ଜକାତ୍ ଦେଉଥିବା ଲୋକେ ଏ ସ୍ଥାନକୁ ନିଜର ଜକାତ୍ ପଠାଇବା ଉଚିତ୍ । ଏବଂ ପ୍ରତ୍ୟେକ ବ୍ୟକ୍ତି ନିରର୍ଥକ କାର୍ଯ୍ୟରୁ ନିଜକୁ ବଂଚାନ୍ତୁ ଏବଂ ଏହି ମାର୍ଗରେ ସେହି ଟଙ୍କାକୁ ଦିଅନ୍ତୁ ଏବଂ ଯଥାସମ୍ଭବ ସତ୍ୟତା ଦେଖାନ୍ତୁ ଫଳତଃ (ଅଲ୍ଲାଃଙ୍କ) କରୁଣା ଏବଂ ରୁହୁଲ୍ କୁଦୁସ୍‌ର ପୁରସ୍କାର ପାଇବ । କାରଣ ଏହି ପୁରସ୍କାର ସେହି ଲୋକମାନଙ୍କ ପାଇଁ ପ୍ରସ୍ତୁତ ରହିଛି ଯେଉଁମାନେ ଏହି ସିଲ୍‌ସିଲାରେ ଦାଖିଲ ହୋଇଛନ୍ତି । ଆମ ନବୀ ସ:ଆ:ସଙ୍କ ଉପରେ ରୁହୁଲ୍ କୁଦୁସ୍‌ର ଯେଉଁ ଜ୍ୟୋତି ପ୍ରକାଶ ହୋଇଥିଲା ତାହା ପ୍ରତ୍ୟେକ ଜ୍ୟୋତିରୁ ବଳିକରି ଥିଲା । ରୁହୁଲ୍ କୁଦୁସ୍ ତେବେ କୌଣସି ନବୀ ରୂପରେ କପୋତ ରୂପରେ ପ୍ରକାଶ ହୋଇଛି ଏବଂ ଆଉକେବେ କୌଣସି ନବୀ ବା ଅବତାରଙ୍କ ଉପରେ ଗାଈ ରୂପରେ ପ୍ରକାଶ ହୋଇଛି ଏବଂ ଆଉକାହା ଉପରେ କିଛି ରୂପରେ ବା ନିଶ ରୂପରେ ପ୍ରକାଶ ହୋଇଛି ଏବଂ ମନୁଷ୍ୟର ରୂପର (ପ୍ରକାଶ ହେବାର) ସମୟ ଆସିନଥିଲା ଯେପର୍ଯ୍ୟନ୍ତ ପୂର୍ଣ୍ଣମାନବ ଅର୍ଥାତ୍ ଆମ ନବୀ ସ:ଆ:ସ ଆବିର୍ଭାବ ହୋଇନଥିଲେ । ଯେବେ ଆଁ ହଜ୍‌ରତ୍ ସ:ଆ:ସ ଆବିର୍ଭାବ ହୋଇଗଲେ ସେତେବେଳେ ରୁହୁଲ୍ କୁଦୁସ୍ ମଧ୍ୟ ଆପଣ (ସ:ଆ:ସ) ପୂର୍ଣ୍ଣ ମାନବ ହୋଇଥିବା ଯୋଗୁ, (ଆପଣଙ୍କ) ଉପରେ ମନୁଷ୍ୟ ରୂପରେ ହିଁ ପ୍ରକାଶ ହେଲା । ଏବଂ ଯେହେତୁ ରୁହୁଲ୍ କୁଦୁସ୍‌ର ଜ୍ୟୋତିର ଶକ୍ତି (ଏପରି) ଥିଲା ଯାହା ପୃଥିବୀରୁ ଆକାଶ ପର୍ଯ୍ୟନ୍ତ ଭରିରହିଥିଲା ସେଇଥିପାଇଁ ପବିତ୍ର କୋରାନ୍‌ର ଶିକ୍ଷା ଶିର୍କ୍ (ଅନେକେଶ୍ୱରବାଦ)ରୁ ସୁରକ୍ଷିତ ରହିଲା । କିନ୍ତୁ ଯେହେତୁ ଇସାଇ ଧର୍ମର ପ୍ରତିଷ୍ଠାତାଙ୍କ ଉପରେ ରୁହୁଲ୍ କୁଦୁସ୍ ଅତ୍ୟନ୍ତ ଦୁର୍ବଳ ଉପରେ ପ୍ରକାଶ ହୋଇଥିଲା ଅର୍ଥାତ୍ କପୋତ ରୂପରେ । ତେଣୁ ଅପବିତ୍ର ଆତ୍ମା ଅର୍ଥାତ୍ ସଇତାନ୍ ସେହି ଧର୍ମ ଉପରେ ବିଜୟ ଲାଭ କଲା ଏବଂ ସେ ନିଜର ବୈଭବ ଓ ଶକ୍ତି ଏତେ ମାତ୍ରାରେ ଦେଖାଇଲା ଯେ ଏକ ବିରାଟ ଅଜଗର ସାପ ସଦୃଶ ଆକ୍ରମଣ କଲା । ଏହି କାରଣ ଯୋଗୁ ପବିତ୍ର କୋରାନ୍ ଇସାଇୟତ୍‌ର ପଥଭ୍ରଷ୍ଟତାକୁ ପୃଥିବୀର ସମସ୍ତ ପଥଭ୍ରଷ୍ଟତାଠାରୁ ପ୍ରଥମ ସ୍ତରରେ ଗଣନା କରିଛି ଏବଂ କହିଛି କି ସମ୍ଭବତଃ ଆକାଶ ଓ ପୃଥିବୀ ଫାଟିଯିବ ଓ ଖଣ୍ଡଖଣ୍ଡ ହୋଇଯିବ କାରଣ ପୃଥିବୀ ଉପରେ ଏହା ଏକ ବହୁତ ବଡ ପାପ ହୋଇଛି ଯେ ମନୁଷ୍ୟକୁ ଖୁଦା ଓ ଖୁଦାଙ୍କ ପୁତ୍ର ରୂପେ ବନାଯାଇଛି । ଏବଂ ପବିତ୍ର କୋରାନ୍‌ର ପ୍ରାରମ୍ଭରେ ମଧ୍ୟ ଇସାଇମାନଙ୍କ ରଦ୍ଦ ଓ ତାଙ୍କର ଚର୍ଚ୍ଚା କରାଯାଇଛି । ଯେପରିକି ଆୟତ *ଇୟାକା ନାବୁଦୁ* ଏବଂ *ୱଲଜ୍ ଜ୍ୱାଲ୍ଲିନ୍* ରୁ ବୁଝାପଡୁଛି ଏବଂ ପବିତ୍ର କୋରାନ୍‌ର ଶେଷରେ ମଧ୍ୟ ଇସାଇମାନଙ୍କର ରଦ୍ଦ କରାଯାଇଛି ଯେପରିକି ସୁରଃ *କୁଲ୍ ହୁୱଲ୍ଲାହୋ ଅହଦ୍ ଅଲ୍ଲାହୁସ୍ ସମଦ୍ ଲମ୍ ୟଲିଦ୍ ୱଲମ୍ ୟୁଲଦ୍* ରୁ ବୁଝାପଡୁଛି ଏବଂ ପବିତ୍ର କୋରାନ୍‌ର ମଧ୍ୟ (ଭାଗ) ରେ ମଧ୍ୟ ଧର୍ମର ଫିତ୍‌ନା (ବିଭ୍ରାଟହେବା) ଓ ଚର୍ଚ୍ଚା ରହିଛି ଯେପରିକି ଆୟତ *ତକାଦୁସ୍ ସମାୱାତେ ୟତଫତ୍ ତର୍‌ନା ମିନ୍‌ହୁ* ରୁ ବୁଝାପଡୁଛି ଏବଂ କୁର୍‌ଆନ୍‌ରୁ ପ୍ରକାଶ୍ୟ ଯେ ଯେବେଠାରୁ ଏ ସଂସାର ହେଲାଣି ମଖ୍‌ଲୁକ୍ ପରସ୍ତି (ପ୍ରାଣୀ ଓ ପ୍ରକୃତିକୁ ପୂଜା କରିବା) ଏବଂ ବିଭ୍ରାଟର ମାର୍ଗ ଉପରେ ଏପରି କେବେ ଜୋର୍ ଦିଆଯାଇନାହିଁ । ସେଇଥିପାଇଁ ମୁବାହିଲା ନିମନ୍ତେ ମଧ୍ୟ ଇସାଇମାନେ ହିଁ ଡକାଯାଇଥିଲେ ନା ଆଉ କୌଣସି ମୁସ୍‌ରିକ୍ । ଏବଂ ଏ ଯେଉଁ ରୁହୁଲ୍ କୁଦୁସ୍ ଯିଏ ପ୍ରଥମେ ପକ୍ଷୀ ବା ପଶୁ ରୂପରେ ପ୍ରକାଶ ହେଉଥିଲା ସେଥିରେ କଣ କାରଣ ଥିଲା, ବୁଝୁଥିବା ବ୍ୟକ୍ତି ସ୍ୱୟଂ ବୁଝିନେଉ ଏବଂ ଏତିକି ଆମେ କହିଦେଉଛୁ ଯେ ଏହା ଏକଥା ପ୍ରତି ଇସାରା ଥିଲା ଯେ ଆମ ନବୀ ସଲମ୍‌ଙ୍କ ମାନବିକତା ଏତେ ଜବର୍‌ଦସ୍ତ୍ ଅଟେ କି ରୁହୁଲ୍ କୁଦୁସ୍ ମଧ୍ୟ ମାନବିକତା ଆଡକୁ ଟାଣି ଆଣିଲା । ସୁତରାଂ ତୁମେ ଏପରି ଭବ୍ୟ ନବୀଙ୍କ ଅନ୍ତର୍ଗତ ରହି କାହିଁକି ସାହସ ହାରୁଛ । ତୁମେ ନିଜର ଏପରି ଦୃଷ୍ଟାନ୍ତ ଦେଖାଅ ଯେଉଁଥିରେ ଫରିସ୍ତାମାନେ ମଧ୍ୟ ଆକାଶରେ ତୁମ ସତ୍ୟତା ଯୋଗୁ ଆଶ୍ଚର୍ଯ୍ୟ ହୋଇଯିବେ ଏବଂ ତୁମ ଉପରେ ଦରୁଦ୍ ପ୍ରେରଣ କରିବେ । ତୁମେ ଗୋଟିଏ ମୃତ୍ୟୁକୁ ଗ୍ରହଣ କରିନିଅ ଫଳତଃ ତୁମକୁ ଜୀବନ ମିଳୁ ଏବଂ ତୁମେ ନିଜ ମନର ଉନ୍ମାଦକୁ ନିଜ ଭିତରୁ ଖାଲି କରିଦିଅ, ଯଦ୍ୱାରା ଖୁଦା ସେଥିରେ ଅବତୀର୍ଣ୍ଣ ହେବେ । ଗୋଟିଏ ପଟେ ଦୃଢ଼ତାର ସହିତ ଛିନ୍ନ କର ଓ ଗୋଟିଏପଟେ ସମ୍ପୂର୍ଣ୍ଣ ରୂପେ ସମ୍ପର୍କ ସ୍ଥାପନ କର (ଫଳତଃ) ଖୁଦା ତୁମକୁ ସାହାଯ୍ୟ କରିବେ ।

ଏବେ ମୁଁ ଶେଷ କରୁଛି ଏବଂ ଦୁଆ କରୁଛି କି ମୋର ଏହି ଶିକ୍ଷା ତୁମପାଇଁ ଲାଭପ୍ରଦ ହେଉ ଓ ତୁମ ଭିତରେ ଏପରି ପରିବର୍ତନ ସୃଷ୍ଟି ହେଉ କି ତୁମେ ପୃଥିବୀର ତାରା ହୋଇଯାଅ ଏବଂ ପୃଥିବୀ ସେହି ଜ୍ୟୋତି ଦ୍ୱାରା ଆଲୋକିତ ହେଉ ଯାହା ତୁମର ପାଳନକର୍ତାଙ୍କ ଠାରୁ ତୁମକୁ ମିଳିଛି । ଆମିନ୍ ସୁମ୍ମା ଆମିନ୍ । ***(କଶ୍ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୮୨-୮୫)***


ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଖୁତ୍‌ବା ଇଦୁଲ୍ ଫିତର୍

''ଇଦ୍‌ର ଦିନଟି ଆମକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଏବଂ ମନେପକାଇ ଦେଉଛି ଯେ ଯେଉଁ ପୁଣ୍ୟଗୁଡିକର ସ୍ୱାଦ ଆମେ ଏକମାସ ଚାଖିଛେ ସେ ସବୁକୁ ଆମେ ଜାରି ରଖିବା ଉଚିତ୍ ।''

''ଯେଉଁ କାମ ଦ୍ୱାରା ସତୁରୀ ଅଶୀ ପ୍ରତିଶତ ଫଳ ମିଳୁନାହିଁ ତା ପାଇଁ ସଠିକ୍ ରୂପେ ଏକ ମନୋଭାବର ସହିତ ଚେଷ୍ଟା କରାଯାଉନାହିଁ''

''ଆମକୁ ତକ୍‌ୱା ଉପରେ ପରିଚାଳିତ ହୋଇ ସର୍ବଦା ନିଜ ଉପାସନାରେ ତାକ୍ ଏବଂ ନିୟମିତ ରହିବାପାଇଁ ଚେଷ୍ଟା କରିବା ଉଚିତ୍''

''ହୁକୁକୁଲ୍ ଇବାଦ୍ ପ୍ରତି ଧ୍ୟାନ ଦେଇ ଗରୀବଙ୍କ ପ୍ରତି ଧ୍ୟାନ ରଖିବାର ଆବଶ୍ୟକତା ଅଛି''

''ବନ୍ଧୁବାନ୍ଧବ ଏବଂ ନିକଟ ସମ୍ପର୍କୀୟଙ୍କ ସହିତ ସଦ୍‌ବ୍ୟବହାର କରିବାର ଆବଶ୍ୟକତା ରହିଛି, ନିଜ ମନକୁ ଅହଂଭାବରୁ ପବିତ୍ର କରି ରଖିବାର ଆବଶ୍ୟକତା ରହିଛି, ସୃଷ୍ଟଜଙ୍କ ପ୍ରତି ଉତମ ସହାନୁଭୂତିର ସ୍ତରକୁ କାଏମ୍ କରିବାର ଆବଶ୍ୟକତା ରହିଛି''

''ନିଜ ସନ୍ତାନମାନଙ୍କ ମଧ୍ୟରେ ଏ ଅଭ୍ୟାସ ପକାଇଦିଅନ୍ତି ଯେ ବଡ ବୟସର ଲୋକମାନେ ସେମାନଙ୍କୁ ଯାହା କିଛି ଇଦି ଦେଇଥାନ୍ତି ସେଥିରୁ କିଛି ନା କିଛି ପୃଥିବୀର ଗରିବ ପିଲାମାନଙ୍କ ପାଇଁ ମଧ୍ୟ ଦିଅନ୍ତୁ''

''ମଖ୍‌ଲୁକ୍ ସହିତ ସହାନୁଭୂତି ଦେଖାଇବା ହେଉଛି ଏପରି ବସ୍ତୁ । ଯଦି ମନୁଷ୍ୟ ତାକୁ ପରିତ୍ୟାଗ କରେ ଓ ତାଠାରୁ ଦୂରେଇଯାଏ ତେବେ ସେ ଧିରେଧିରେ ପଶୁ ପାଲଟିଯାଏ''

ମୁସଲ୍‌ମାନ୍ ମାନଙ୍କ ନିମନ୍ତେ, ପାକିସ୍ତାନ୍ ଏବଂ ଇଣ୍ଡୋନେସିଆର ଅହେମଦୀ ମାନଙ୍କ ନିମନ୍ତେ, ତତ୍‌ସହିତ ନିଃସ୍ୱାର୍ଥପର ହୋଇ ହୁକୁକୁଲ୍ ଇବାଦ୍‌କୁ ପ୍ରଦାନ କରୁଥିବା ୱାକିଫିନେ ଜିନ୍ଦେଗୀ, ଜମାତ୍‌ର ସେବା କରୁଥିବା ଲୋକେ ଏବଂ ମାଲି କୁର୍ବାନୀ କରୁଥିବା ଲୋକମାନଙ୍କ ପାଇଁ ଦୁଆ କରିବା ନିମନ୍ତେ ତେହ୍‌ରିକ୍ ।

ପ୍ରାଣୀଜଗତଙ୍କ ନିମନ୍ତେ ସହାନୁଭୂତି ଦେଖାଇବା ଏବଂ ପ୍ରାଣୀଜଗତର ଅଧିକାରକୁ ପ୍ରଦାନ କରିବା ସମ୍ବନ୍ଧରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ ଆଲୋକରେ ଜ୍ଞାନବର୍ଦ୍ଧକ ଖୁତ୍‌ବା ଇଦୁଲ୍ ଫିତର୍ ।

## ଖୁତ୍‌ବା ଇଦୁଲ୍ ଫିତର୍ : ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୬ ଜୁନ୍ ୨୦୧୮ ଅନୁଯାୟୀ ୧୬ ଏହ୍‌ସାନ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ଆଜି ଇଦ୍‌ର ଦିନଟି ଆମକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଉଛି ଏବଂ ମନେପକାଇ ଦେଉଛି ଯେ ଯେଉଁ ପୁଣ୍ୟଗୁଡିକର ସ୍ୱାଦ ଆମେ ଏକମାସ ଚାଖିଛେ ସେ ସବୁକୁ ଆମେ ଜାରି ରଖିବା ଉଚିତ୍ । ଯେଉଁ କଥାଗୁଡିକ ପ୍ରତି ସାଧାରଣତଃ ରମ୍‌ଜାନ୍ ମାସରେ ଧ୍ୟାନ ଦିଆଯାଇଥାଏ ସେଗୁଡିକ ମଧ୍ୟରେ ଉପାସନା, ସଦ୍‌କାତ୍, ମାଲି କୁର୍ବାନୀ ଏବଂ ହୁକୁକୁଲ୍ ଇବାଦ୍‌ର ଧ୍ୟାନ ରଖିବା ମଧ୍ୟ ରହିଛି । ଏହିକଥା ଗୁଡିକ ଏବେ ସାମୁହିକ ରୂପେ ଗୋଟିଏ ବିଶେଷ ପରିବେଶ ଅନ୍ତର୍ଗତ ପାଳନ କରିବାର ସମୟ ତ ଶେଷ ହୋଇଯାଇଛି କିନ୍ତୁ ଜଣେ ମୋମିନ୍‌ର ପ୍ରକୃତ ଦାୟିତ୍ୱ ଓ ପଦମର୍ଯ୍ୟାଦା ହେଉଛି ଏହା କି ସେ ନା କେବଳ ଉକ୍ତ ପୁଣ୍ୟଗୁଡିକୁ ଜାରି ରଖିବ ବରଂ ସେଥିରେ ବଢ଼ିଚାଲିବ । ସୁତରାଂ କାଲିଠାରୁ ଏବର୍ଷର ଫର୍ଜ୍ (ବାଧ୍ୟତାମୂଳକ) ରୋଜା ରଖିବାର ଦିନ ତ ଶେଷ ହୋଇଯାଇଛି ଯେଉଁଥିରେ ଆମେ ବହୁତ ନଫ୍‌ଲି ଇବାଦତ୍ ମଧ୍ୟ କଲୁ କିନ୍ତୁ ଅନ୍ୟ ଯେଉଁ ଉପାସନା ଗୁଡିକ ଏବଂ ହୁକୁକୁଲ୍ ଇବାଦ୍ (ସୃଷ୍ଟଜଙ୍କ ଅ ଅଧିକାର ପ୍ରଦାନ କରିବା) ପ୍ରତି ଆମର ଧ୍ୟାନ ଆକର୍ଷଣ ହୋଇଥିଲା ସେଗୁଡିକୁ ଆମେ ଜାରି ରଖିବା ଉଚିତ୍ । ନୱାଫିଲ୍ ପ୍ରତି ଯଦି ଧ୍ୟାନ ଆକର୍ଷଣ ହୋଇଛି ତେବେ ତାକୁ ଜାରି ରଖିବା ପାଇଁ ଚେଷ୍ଟା କରିବା ଉଚିତ୍ । ନିୟମିତ ନମାଜ ପଢ଼ିବା ପ୍ରତି ଯେଉଁ ଧ୍ୟାନ ଆକର୍ଷଣ ହୋଇଛି ସେ ସବୁକୁ ଜାରି ରଖିବାକୁ ହେବ ନିଜ ମନକୁ ଆୟତ କରିବାର ଯେଉଁ ଟ୍ରେନିଂ ହୋଇଛି ତାକୁ କାଏମ୍ ରଖିବା ପାଇଁ ଚେଷ୍ଟା ରଖିବା ଉଚିତ୍ । ଲୋକମାନଙ୍କ ସହିତ ସହାନୁଭୂତି ଦେଖାଇବାର ଯେଉଁ ଧ୍ୟାନ ଆକର୍ଷଣ କରାଯାଇଛି ତା ଉପରେ ମଧ୍ୟ ନିଜକୁ କାଏମ୍ ରଖିବା ଉଚିତ୍ । କିଛି ଲୋକ କହିଦେଉଛନ୍ତି ଯେ ଆମେ ଚେଷ୍ଟା କରୁଛୁ କି ନମାଜ ନିୟମିତ ପାଠ କରିବୁ କିନ୍ତୁ ଯଦି ସେମାନେ ନିଜର ମନକୁ ଅନୁଶୀଳନ କରିବେ ତେବେ ସେ ଏକଥା ପାଇବେ ଯେ ତାହା ତାଙ୍କ ମନର ଧୋକା ଥିଲା । ସେମାନେ ଚେଷ୍ଟା କରୁନଥିଲେ । ନମାଜ ପାଠ କରିବାର ଯେଉଁ ଦାୟିତ୍ୱ ଅଛି ତାକୁ ବୁଝୁନଥିଲେ । ଯଦି ସେମାନେ ବୁଝିଥାଆନ୍ତେ ତେବେ ସେମାନଙ୍କର ଚେଷ୍ଟା କେବେ ଅସଫଳ ହୋଇନଥାନ୍ତା । କାରଣ ରମ୍‌ଜାନ୍ ମାସରେ ସାଧାରଣତଃ ସବୁକିଛି ଠିକ୍ ହୋଇଯାଏ କାରଣ ? ଏଇଥିପାଇଁ କି ସେହି ଦିନଗୁଡିକରେ ପ୍ରକୃତ ଚେଷ୍ଟା କରାଯାଇଥାଏ । ରାତିରେ ଉଠିବା ପାଇଁ ମନସ୍ଥ କରାଯାଏ । ରମ୍‌ଜାନ୍‌ରେ ସହ୍‌ରୀ (ଉପବାସ ରଖିବା ନିମନ୍ତେ ଯେଉଁ ଖାଦ୍ୟ ଖିଆଯାଏ) ନିମନ୍ତେ ମଧ୍ୟ ଓ ଜଣେ ଅନ୍ୟଜଣକୁ ଦେଖିକରି ମଧ୍ୟ ଉଠିଥାନ୍ତି । ଅଳସୁଆରୁ ଅଳସୁଆ ଲୋକ ମଧ୍ୟ ସାଧାରଣତଃ ଫଜର୍ ନମାଜ ସମୟରେ ପଢ଼ିବା ପାଇଁ ଚେଷ୍ଟା କରିଥାଏ । ଏହା ପ୍ରକୃତ ଚେଷ୍ଟା ହୋଇଥାଏ ଯାହାର ଫଳ ଆମେ ଦେଖିଥାଉ । ସୁତରାଂ ସର୍ବଦା ମନେରଖିବା ଉଚିତ୍ କି ଯେଉଁ କାର୍ଯ୍ୟର ସତୁର ଅଶି ପ୍ରତିଶତ ଫଳ ବାହାରେ ନାହିଁ ତା ପାଇଁ ସଠିକ୍ ରୂପେ ମନୋଭାବ ରଖି ଚେଷ୍ଟା କରାଯାଇନଥାଏ । ସୁତରାଂ ଆଜି ଆମେ ଦୃଢ଼ ପ୍ରତିଜ୍ଞା କରିବା ଯେ ସମସ୍ତ ପୂଣ୍ୟ କର୍ମଗୁଡିକୁ ସମ୍ପାଦନ କରିବା ପାଇଁ ଆମେ ବାସ୍ତବିକ ଚେଷ୍ଟା କରିବା । କେବଳ ନିଜର ମନକୁ ଧୋକା ଦେବାନାହିଁ ଯେ ଆମେ ଚେଷ୍ଟା କରୁଅଛୁ ବୋଲି । ଯେତେବେଳେ ଏପରି ହେବ ସେତେବେଳେ ଆମର ଏହି ଇଦ୍ ପ୍ରକୃତ ଇଦ୍ ହେବ, ସେତେବେଳେ ଆମର ଆଜିର ଏହି ଖୁସି ସାରା ବର୍ଷଯାକର ଖୁସିକୁ ଆବରି ନେବ ଏବଂ ଏହା ହିଁ ହେଉଛି ଇଦ୍‌ର ବାସ୍ତବିକ ଉଦ୍ଦେଶ୍ୟ । ଯଦି ଏପରି ନାହିଁ ତେବେ ଆଜି ବିଶେଷ ରୂପେ ପ୍ରସ୍ତୁତ ହେବା, ଭଲ ଭଲ ଖାଦ୍ୟ ଖାଇବା, ବନ୍ଧୁବାନ୍ଧବଙ୍କ ସହିତ ମିଶିବା ଏବଂ ଅନ୍ୟାନ୍ୟ ପ୍ରୋଗ୍ରାମ୍ ବନାଇବା ବେକାର୍ ଅଟେ । ଆଜିର ଏହି ଖୁସିର ପ୍ରଚ୍ଛଦପଟରେ ଅସଲ ଆତ୍ମା ତ ହେଉଛି ଏହା କି ଏକମାସ ବିଶେଷ ରୂପେ ନିଜର ତର୍‌ବିୟତ୍ ପାଇଁ ଆମେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ କିଛି ବୈଧ କାର୍ଯ୍ୟଗୁଡିକରୁ ବଂଚିତ ରହିବା ଏବଂ ଏହା ଆନନ୍ଦର ସହିତ ଓ ବଳିଦାନ ଦେଇ ସେଗୁଡିକରୁ ଦୂରେଇ ରହିବା । ଆଜି ଆମେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ସେହି ଖୁସି ଓ ଆନନ୍ଦକୁ ପାଳନ କରୁଅଛେ କି ଆମେ ପୁରା ମାସଟିଯାକ ବିତାଇଦେଲୁ । କିନ୍ତୁ ତତ୍‌ସହିତ ଆମେ ଏହା ମଧ୍ୟ ପ୍ରତିଶ୍ରୁତି କରୁଅଛୁ କି ଏହି ଏକମାସର ତର୍‌ବିୟତ୍ ଯୋଗୁ ହୁକୁକୁଲ୍ଲାଃ ଏବଂ ହୁକୁକୁଲ୍ ଇବାଦ୍ ପ୍ରଦାନ କରିବା ପ୍ରତି ଆମେ ଆସନ୍ତାକୁ ମଧ୍ୟ ଧ୍ୟାନ ଦେଇ ଚାଲିବୁ ।

ସୁତରାଂ ଏକତାକୁ ଆମ ମଧ୍ୟରୁ ସମସ୍ତେ ଠିକ୍ ରୂପେ ମନରେ ରଖିବା ଉଚିତ୍ କି ବର୍ଷକରେ କେବଳ ଏକମାସ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହେବା ଏବଂ ତାର ଅଧିକାରକୁ ପ୍ରଦାନ କରିବା ଦ୍ୱାରା ଆମ ଜୀବନର ଉଦ୍ଦେଶ୍ୟ ପୂରଣ ହୋଇଯାଏନାହିଁ ଏବଂ ନା ହିଁ କେବଳ ଏକମାସ ହୁକୁକୁଲ୍ ଇବାଦ୍ ପ୍ରଦାନ କରିବା ଦ୍ୱାରା ଆମର ଉଦ୍ଦେଶ୍ୟ ପୂରଣ ହୋଇଥାଏ ବରଂ ଉଦ୍ଦେଶ୍ୟ ତ ସେତେବେଳେ ପୂରଣ ହେବ ଯେତେବେଳେ ଆମେ ଉକ୍ତ କଥାଗୁଡିକ ଉପରେ ନିୟମିତ ପରିଚାଳିତ ହେବା ଅର୍ଥାତ୍ ସବୁବେଳ ପାଇଁ କରିବା । ଏବଂ ଯେଉଁ ଅବହେଳା ଗୁଡିକ ରମ୍‌ଜାନ୍ ମାସ ଯୋଗୁ ଦୂର ହୋଇଯାଇଛି ସେଗୁଡିକୁ ଏବେ ସଦାସର୍ବଦା ପାଇଁ ଦୂରେଇ ରଖିବା । ଯେଉଁ ପୁଣ୍ୟ କାର୍ଯ୍ୟଗୁଡିକୁ ଆମକୁ ସମ୍ପାଦନ କରିବା ପାଇଁ ସୌଭାଗ୍ୟ ମିଳିଛି ସେଗୁଡିକୁ ଆମେ ସଦାସର୍ବଦା କରିଚାଲିବା ଯଦ୍ୱାରା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିପାରିବା ଫଳତଃ ପ୍ରତ୍ୟେକ ଦିନ ଆମପାଇଁ ଇଦ୍‌ର ଦିନ ହୋଇଯିବ । ପ୍ରତ୍ୟେକ ଦିନ ଯାହା ଆମ ଉପରେ ଉଦୟ ହେବ ତାହା ଅଲ୍ଲାଃତାଲାଙ୍କ ପ୍ରସନ୍ନତାକୁ ସାଥିରେ ନେଇ ଉଦୟ ହେବ । ତେଣୁ ଯଦି ଆମେ ଚାହୁଁଛେ ଯେ କି ଆମେ ତକ୍‌ୱା ଉପରେ ପରିଚାଳି ହେବା ତେବେ ସର୍ବଦା ନିଜର ଉପାସନାକୁ ନିୟମିତ ପ୍ରଦାନ କରିବାର ଆବଶ୍ୟକ ରହିଛି । ହୁକୁକୁଲ୍ ଇବାଦ୍ ପ୍ରତି ଧ୍ୟାନ ଦେଇ ଗରିବ ମାନଙ୍କର ଖିଆଲ୍ ରଖିବାର ଆବଶ୍ୟକତା ରହିଛି । ବନ୍ଧୁବାନ୍ଧବ ଓ ନିକଟ ସମ୍ପର୍କୀୟଙ୍କ ସହିତ ସଦ୍‌ବ୍ୟବହାର କରିବାର ଆବଶ୍ୟକତା ଅଛି । ନିଜର ମନକୁ ଅହଂଭାବରୁ ପବିତ୍ର କରିବାର ଆବଶ୍ୟକତା ରହିଛି । ଲୋମାନଙ୍କ ସହିତ ସହାନୁଭୂତି ଦେଖାଇବାର ଉଚ୍ଚତମ ସ୍ତର କାଏମ୍ କରିବାର ଆବଶ୍ୟକତା ରହିଛି । ମୁଁ ଆଜି ପ୍ରାଣୀ ଜଗତଙ୍କ ସହିତ ସହାନୁଭୂତି ଦେଖାଇବା ଏବଂ ପ୍ରାଣୀଜଗତଙ୍କ ଅଧିକାରକୁ ପ୍ରଦାନ କରିବା ପ୍ରତି ବିଶେଷ ରୂପେ ଏହି ଇଦ୍ ପ୍ରସଙ୍ଗରେ ଧ୍ୟାନ ଆକର୍ଷଣ କରାଇବାକୁ ଚାହୁଁଛି । ଅଲ୍ଲାଃତାଲାଙ୍କ ଭକ୍ତଙ୍କ ହକ୍‌କୁ ପ୍ରଦାନ କରିବା ମଧ୍ୟ ହେଉଛି ଏକ ଇବାଦତ୍ (ଉପାସନା) ଏବଂ ଏହା ଉପାସନାର ପରିଧି ଭିତରେ ଆସିଥାଏ । ଏକଥାର ମହତ୍ୱ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବହୁତ ସ୍ପଷ୍ଟ ରୂପେ ପ୍ରଦାନ କରିଛନ୍ତି । ସୁତରାଂ ଆଜି ଆମେ ଇଦ୍ ପାଳନ କରୁଛେ । ବିଶେଷ ରୂପେ ଏହି ଉନ୍ନତଶୀଳ ରାଷ୍ଟ୍ରଗୁଡିକରେ ରହୁଥିବା ଅହେମଦୀ ଓ ସ୍ୱଚ୍ଛଳ ଅବସ୍ଥାରେ ରହୁଥିବା ଅହେମଦୀମାନେ ଏକଥା ପ୍ରତି ଧ୍ୟାନ ଦିଅନ୍ତୁ ଯେ ଏ ପୃଥିବୀରେ ଅଗଣିତ ଲୋକେ ବହୁତ ଖରାପ ପରିସ୍ଥିତିରେ ଦିନ ବିତାଉଛନ୍ତି ଏପରିକି ଗୋଟିଏ ଆକଳନ ମୁତାବକ ଆଠଶହ ପନ୍ଦର ମିଲିୟନ୍ ଲୋକେ ଭୋକିଲା ରହୁଛନ୍ତି । ସେମାନଙ୍କୁ ଖାଦ୍ୟ ମିଳୁନାହିଁ । ପ୍ରତ୍ୟହ ପ୍ରତ୍ୟେକ ନଅଜଣରେ ଜଣେ ବ୍ୟକ୍ତି ଭୋକିଲା ଶୋଇଥାଏ । କୌଣସି ଖାଦ୍ୟ ନଖାଇ ସାରାଦିନ ଭୋକିଲା ରହିଥାଏ । ଏବଂ ତିନିଜଣ ମଧ୍ୟରୁ ଜଣେ ବିଶେଷ ରୂପେ ପିଲାମାନେ ଖାଦ୍ୟାଭାବର ଶିକାର ହୋଇଥାନ୍ତି ବା ତାଙ୍କୁ ଉଚିତ୍ ଖାଦ୍ୟ ମିଳିନଥାଏ ବରଂ ଏହି ଯେଉଁ ପରିସଂଖ୍ୟନ ଦିଆଯାଇଛି ମୋ ମତରେ ଏହା ଠିକ୍ ନୁହେଁ । ଏହାଠାରୁ ଅଧିକା ଭୋକିଲା ରହୁଛନ୍ତି ଏବଂ ଏବେ ଏହା ଇରାକ୍, ଶିରିଆ ଏବଂ ୟମନ୍ ଲିବିୟା ଇତ୍ୟାଦି ଦେଶଗୁଡିକରେ ଯୁଦ୍ଧ ଯୋଗୁ ବହୁତ ଲୋକେ ଓ ବିଶେଷ ରୂପେ ପିଲାମାନେ ଖାଦ୍ୟାଭାବରେ ଅଛନ୍ତି ଓ ଚିକିତ୍ସାରୁ ବଂଚିତ ଅଛନ୍ତି ଏବଂ ଏ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି । ବିଗତ ଦିନ ସୋସିଆଲ୍ ମିଡିଆରେ ଗୋଟିଏ ଛବି ଚାଲିଥିଲା ଯେଉଁଥିରେ ଲେଖାଯାଇଥିଲା ଯେ ଜଣେ ଡାକ୍ତର କୌଣସି ଏକ ପିଲାକୁ ରୋଟି ଦେଉଅଛି ଏବଂ ସେହି ପିଲାଟି ଡାକ୍ତରକୁ କହୁଛି ଯେ କଣ ତୁମ ପାଖରେ କୌଣସି ଔଷଧ ଅଛି ଯାହା ଖାଇବା ଦ୍ୱାରା ମୋତେ ଭୋକ ଅନୁଭବ ହେବନାହିଁ । ଡାକ୍ତର ପିଲାଟିର ଏକଥା ଶୁଣି କାନ୍ଦିବାକୁ ଲାଗୁଛି । ତେବେ ଏ ଫଟୋଟି ଠିକ୍ ବା ଭୁଲ୍ ଏହା ତ ଅଲଗା କଥା କିନ୍ତୁ ଏକଥା ସତ୍ୟ ଅଟେ ଯେ ଏ ପୃଥିବୀରେ ଭୋକ ଯୋଗୁ ପିଲାମାନଙ୍କର ଅବସ୍ଥା ଏପରି ଅଛି କିନ୍ତୁ ଯୁଦ୍ଧଖୋର୍ ଲୋକମାନଙ୍କର ଏଥିପ୍ରତି କୌଣସି ଧ୍ୟାନ ନାହିଁ, ପିଲାମାନଙ୍କର ଅବସ୍ଥା କଣ ହେଉଛି । ପିଲାମାନେ ମାଆବାପାଙ୍କ ଠାରୁ ବଂଚିତ ରହୁଛନ୍ତି ଏବଂ ନା କେବଳ ବଂଚିତ ରହୁଛନ୍ତି ବରଂ ସେଇଥିପାଇଁ ଭୋକିଲା ଜୀବନ ବିତାଉଛନ୍ତି ।

ସେ ଯାହାହେଉ ଏହିଭଳି ଅବସ୍ଥା ଥିବାବେଳେ ଆମେ ପେଟପୁରା ଖାଉଥିବା ଲୋକମାନେ ଓ ଆଜି ଇଦ୍ ଦିନ ଉତମ ଖାଦ୍ୟ ସେବନ କରୁଥିବା ଲୋକମାନଙ୍କୁ ଏ ଅନୁଭବ ଅଧିକା ହେବା ଉଚିତ୍ ଯେ

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

## ‘‘ମସିହ୍ ମଉଦ୍ ଆ:ସଙ୍କୁ ଗ୍ରହଣ କରି ପୁଣି ତାଙ୍କର ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ହେଉଛି ସଫଳତା ଓ ବିଜୟ ପ୍ରାପ୍ତ କରିବାର ଜମାନତ୍’’

ଆଜ୍ଞାକାରୀ ଏବଂ ନିଷ୍ଠା ଓ ଭକ୍ତିଭାବରେ ପରିପୁର୍ଣ୍ଣ ବଦ୍‌ରି ସାହାବା କରାମ୍ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ରବିଇ ଅନ୍‌ସାରୀ, ହଜ୍‌ରତ୍ ଅତିଆବିନ୍ ନୁଓ୍ୱେରାଃ, ହଜ୍‌ରତ୍ ସହଲ୍ ବିନ୍ କଏସ୍, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ହମୀର୍ ଅଲ୍ ଅସ୍‌ଜଇ, ହଜ୍‌ରତ୍ ଉବୈଦ୍ ବିନ୍ ଅଓସ୍ ଅନ୍‌ସାରୀ ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର:ଅଙ୍କ ପବିତ୍ର ଜୀବନ ଚରିତର ଚର୍ଚ୍ଚା ।

‘‘ଅଲ୍ଲାଃତାଲା ଯେଉଁଭଳି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଏବଂ ତାଙ୍କ ସାଥିମାନଙ୍କୁ ନିଷ୍ଠାର ସହିତ ହୁକୁମ୍‌ର ଆତ୍ମାକୁ ବୁଝିବାବାଲା ବନାଇଥିଲା ସେହିଭଳି ଆମକୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ କି ଆମେ ଅଲ୍ଲାଃତାଲାଙ୍କ ଠାରୁ ତା ହୁକୁମ୍‌କୁ ବୁଝିପାରିବା ବାଲା ହେଉ ଏବଂ ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ବାଲା ହେଉ ଓ ଏହିପରି ସର୍ବଦା ଅଲ୍ଲାଃତାଲାଙ୍କ କରୁଣାର ଉତରାଧିକାରୀ ହୋଇଚାଲିବା’’ ।

ଶିରିଆ ସହିତ ସମ୍ପର୍କ ରଖିଥିବା ପୁଣ୍ୟବନ୍ତ, ନିଷ୍ଠାବାନ୍ ଏବଂ ଭଦ୍ର ଅହେମଦୀ ମୋହତରମ୍ ନାଦିରୁଲ୍ ହସନୀ ସାହେବ୍‌ଙ୍କ ଦେହାନ୍ତରେ ତାଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

### ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
### (ପ୍ରଦତ୍ତ: ୨୮ ଡିସେମ୍ବର୍ ୨୦୧୮ ଅନୁଯାୟୀ ୨୮ ଫତାହ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . اِيَّاكَ نَعْبُدُ وَ اِيَّاكَ نَسْتَعِيْنُ .
اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ଆଜି ଯେଉଁ ବଦ୍‌ରି ସାହାବାମାନଙ୍କର ମୁଁ ଏଠାରେ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରୁ ପ୍ରଥମ ନାମ ହେଉଛି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅର୍‌ରବି ଅନ୍‌ସାରୀ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅର୍‌ରବି ଙ୍କ ସମ୍ବନ୍ଧ ଖଜରଜ୍ କବିଲାର ବନୁ ଅବ୍‌ଜର୍ ସହିତ ଥିଲା ଏବଂ ତାଙ୍କ ମାଆଙ୍କ ନାମ ଫାତିମା ବିନ୍‌ତ୍ ଉମର୍ ଥିଲା । ସେ ବୟତେ ଉକ୍‌ବା ସାନିଆରେ ସାମିଲ୍ ହୋଇଥିଲେ ଏବଂ ତାଙ୍କୁ ବଦର୍, ଓ୍ୱହଦ୍ ଏବଂ ମୌତା ଯୁଦ୍ଧରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ମୌତା ଯୁଦ୍ଧ ଅବସରରେ ସେ ଶହୀଦ୍ ହେବାର ଗୌରବ ପ୍ରାପ୍ତ କଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୦୭, ଅବ୍‌ଦୁଲ୍ଲାଃ ବିନ୍ ଅର୍‌ରବି, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ତାରିଖେ ମଦ୍‌ନିୟା ଦମଶ୍‌କ୍ ଖଣ୍ଡ-୨, ପୃଷ୍ଠା-୧୧..... ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ୍ ୧୯୯୫)

ଦ୍ୱିତୀୟ ସାହାବୀଜଣକ ହେଉଛନ୍ତି ହଜ୍‌ରତ୍ ଅତିୟା ବିନ୍ ନୁଓ୍ୱିରାଃ । ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ତାଙ୍କ ବିଷୟରେ କେବଳ ଏତିକି ହିଁ ମିଳୁଛି ଯେ ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୪, ପୃଷ୍ଠା-୪୫, ‘‘ଅତିୟା ବିନ୍ ନୁଓ୍ୱିରାଃ ର:ଅ’’, ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ହଜ୍‌ରତ୍ ସୁହେଲ୍ ବିନ୍ କଏସ୍ ନାମକ ଜଣେ ସାହାବୀ । ତାଙ୍କ ମାଆଙ୍କ ନାମ ନାଏଲା ବିନ୍‌ତ୍ ସଲାମା ଥିଲା । ପ୍ରସିଦ୍ଧ କବି ହଜ୍‌ରତ୍ କାଆବ୍ ବିନ୍ ମାଲିକ୍‌ଙ୍କର ସେ ଚାଚା ପୁଅ ଭାଇ ଥିଲେ । ହଜ୍‌ରତ୍ ସୁହେଲ୍ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ଶହୀଦ ହେବାର ସୌଭାଗ୍ୟ ପ୍ରାପ୍ତ କଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୬, ସୁହେଲ୍ ବିନ୍ କଏସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଆଁ ହଜ୍‌ରତ୍ ସ:ଆ:ସ ପ୍ରତ୍ୟେକ ବର୍ଷ ଓ୍ୱହଦ୍‌ରେ ଶହୀଦ୍ ହୋଇଥିବା ଲୋକମାନଙ୍କ କବର ନିକଟକୁ ଯାଆନ୍ତି । ଯେତେବେଳେ ଆପଣ ସ:ଆ:ସ ଉକ୍ତ ଘାଟିରେ ପ୍ରବେଶ କରନ୍ତି ସେତେବେଳେ ଉଚ୍ଚ ସ୍ୱରରେ କୁହନ୍ତି:-

*ଅସ୍‌ସଲାମୋ ଆଲୈକୁମ୍ ବିମା ସବର୍‌ତୁମ ଫନେମା ଉକ୍‌ବଦ୍‌ଦାର୍* । ଏହା ସୁରଃ ରାଆଦ୍‌ର ଆୟାତ ଅଟେ । ସେଠାରେ ଅସଲାମୋ ଆଲୈକୁମ୍ ପରିବର୍ତେ ସଲାମୁନ୍ ଆଲୈକୁମ୍ (ସୁରଃ ରାଆଦ୍: ୨୫) ରୁ ଆରମ୍ଭ ହୋଇଛି । ଅର୍ଥାତ୍- ତୁମେମାନେ ଧୈର୍ଯ୍ୟ ଧରିଥିବା ଯୋଗୁ ତୁମ ଉପରେ (ଇଶ୍ୱରଙ୍କ) ସଲାମତି ଅବତୀର୍ଣ୍ଣ ହେଉ । *ଅସ୍‌ସଲାମୋ ଆଲୈକୁମ୍ ବିମା ସବର୍‌ତୁମ ଫନେମା ଉକ୍‌ବଦ୍‌ଦାର୍* । ଅର୍ଥାତ୍ ତୁମମାନଙ୍କ ପ୍ରତି ଶାନ୍ତି (ବର୍ଷଣ) ହେଉ । କାରଣ ତୁମେମାନେ ଧୈର୍ଯ୍ୟଧାରଣ କରିଥିଲ । ସୁତରାଂ ଏହି ଗୃହ ପରିଣାମ ଦୃଷ୍ଟିରୁ କେତେ ଉତମ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଅନ୍ତେ ହଜ୍‌ରତ୍ ଅବୁ ବକର୍ ର:ଅ, ହଜ୍‌ରତ୍ ଉମର୍ ର:ଅ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅ ମଧ୍ୟ ଉକ୍ତ ପ୍ରଥାକୁ ଜାରି ରଖିଲେ । ପୁଣି ମାଓ୍ୱିୟା ମଧ୍ୟ ଯେବେ ହଜ୍ ବା ଉମ୍‌ରାଃ ନିମନ୍ତ ଆସନ୍ତି ସେତେବେଳେ ଓ୍ୱହ୍‌ଦ୍ ଯୁଦ୍ଧରେ ଶହୀଦ୍ ହୋଇଥିବା ସାହାବୀମାନଙ୍କ କବର ନିକଟକୁ ଯାଆନ୍ତି । ଆଁ ହଜ୍‌ରତ୍ ସ:ଆ:ସ କହୁଥିଲେ କି *ଲୈତା ଅନ୍ନି ଗୁଦିର୍‌ତୁ ମା ଅସ୍‌ହାବିଲ୍ ଜବଲ୍* ଅର୍ଥାତ୍- କାଳେ ମୁଁ ଏହି ପାହାଡବାଲାଙ୍କ ସହିତ ଥାଆନ୍ତି ଅର୍ଥାତ୍ ମୋତେ ମଧ୍ୟ ସେହିଦିନ କାଳେ ଶାହାଦତ୍ ପ୍ରାପ୍ତ ହୋଇଥାଆନ୍ତା କି । ସେହିଭଳି ଯେବେ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ ଗାବା ନାମକ ଗ୍ରାମକୁ ନିଜର ସମ୍ପତି ଆଣିବା ପାଇଁ ଯାଆନ୍ତି ସେହି ଗାବା ସ୍ଥାନଟି ମଦିନାର ଉତର-ପଶ୍ଚିମ ଦିଗରେ ଅବସ୍ଥିତ, ସେତେବେଳେ ଓ୍ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇଥିବା ଲୋକମାନଙ୍କ କବର୍ ନିକଟକୁ ଯାଆନ୍ତୁ । ସେଠାରେ ସେମାନଙ୍କୁ ତିନିଥର ସଲାମ୍ କୁହନ୍ତି ପୁଣି ନିଜ ସାଥିମାନଙ୍କୁ ସମ୍ବୋଧନ କରି କୁହନ୍ତି କି କଣ ତୁମେମାନେ ଏହି ଲୋକମାନଙ୍କ ଉପରେ ସଲାମତି (ଶାନ୍ତି) ପ୍ରେରଣ କରିବ ନାହିଁ ଯେଉଁମାନେ ତୁମ ସଲାମର ଉତର ଦେବେ । ଯିଏ ମଧ୍ୟ ତାଙ୍କୁ ସଲାମ୍ ପ୍ରେରଣ କରିବ ସେମାନେ କୟାମତ୍ ଦିନ ସଲାମ୍‌ର ଉତର ଦେବେ ।

ଏକଦା ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍‌ଙ୍କ କବର୍‌ଙ୍କ ନିକଟ ଦେଇ ଯିବା ସମୟରେ ସେଠାରେ ରହିଯାଇ ଦୁଆକଲେ ଓ ଏହି ଆୟତଟିକୁ ତିଲାଓ୍ୱତ୍ କଲେ । *ମିନଲ୍ ମୁମିନୀନା ରିଜାଲୁନ୍ ସଦକୁ ମା ଆହଦୁଲ୍ଲାହା ଆଲୈହି । ଫମିନ୍‌ହୁମ୍ ମନ୍ କଜାଆ ନହ୍‌ବହୁ ଓ୍ୱମିନ୍‌ହୁମ୍ ମୈ ଯନ୍‌ତଜିରୁ । ଓ୍ୱମା ବଦ୍‌ଦଲୁ ତବ୍‌ଦିଲା ।* (ଅହ୍‌ଜାବ୍: ୨୪) ଅର୍ଥାତ୍ ଏହି ବିଶ୍ୱାସକାରୀଙ୍କ ମଧ୍ୟରେ କେତେକ ଏପରି ଅଛନ୍ତି ଯେଉଁମାନେ ଅଲ୍ଲାଃଙ୍କ ସହିତ କରିଥିବା ଅଙ୍ଗୀକାରକୁ ସତ୍ୟ ସାବ୍ୟସ୍ତ କରି (ଦେଖାଇ) ଥିଲେ । ସେମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ପ୍ରତିଜ୍ଞାକୁ ପାଳନ କରିଥିଲେ (ଅର୍ଥାତ୍ ଯୁଦ୍ଧକରି ନିହତ ହୋଇଥିଲେ) । ଏବଂ ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ ଏପରି ଅଛନ୍ତି ଯେଉଁମାନେ ଏବେ ବି ଅପେକ୍ଷା କରୁଛନ୍ତି ଏବଂ ସେମାନେ ନିଜ ସଂକଳ୍ପରେ କୌଣସି ପ୍ରକାରର ଦୁର୍ବଳତା ପ୍ରକାଶ କରିନଥିଲେ । ପୁଣି ଆପଣ ସ:ଆ:ସ କହୁଛନ୍ତି କି ମୁଁ ସାକ୍ଷ ଦେଉଅଛି ଯେ ସେ କୟାମତ୍ ଦିନ ଅଲ୍ଲାଃଙ୍କ ନିକଟରେ ଶହୀଦ୍ ହେବେ । ତୁମେମାନେ ତାଙ୍କ ନିକଟକୁ ଆସୁଥାଅ । ଏଠାରେ ଆସି ସେମାନଙ୍କ ଉପରେ ଶାନ୍ତିପ୍ରେରଣ କର । ମୁଁ ତାହାଙ୍କ ରାଣ ଖାଇ କହୁଅଛି ଯାହାଙ୍କ ଅଧିନରେ ମୋର ଜୀବନ ରହିଛି କି କୟାମତ୍ ଦିନ ପର୍ଯ୍ୟନ୍ତ ଯିଏ ମଧ୍ୟ ତାଙ୍କ ଉପରେ ସଲାମତି (ଶାନ୍ତି) ପ୍ରେରଣ କରିବ ସେ ସେମାନଙ୍କର ଉତର ଦେବେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସାହାବା ସେଠାକୁ ଯାଆନ୍ତି ଓ ତାଙ୍କ ପାଇଁ ଦୁଆ କରନ୍ତି ଏବଂ ସଲାମତି ପ୍ରେରଣ କରନ୍ତି । (କିତାବୁଲ୍ ମଗାଜି ଜିକ୍‌ର୍ ମିନ୍ ଗଜ୍‌ଓ୍ୱା ଅହଦ୍, ପ୍ରଥମ ଖଣ୍ଡ, ପୃଷ୍ଠା-୨୬୭, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୪)

ହଜ୍‌ରତ୍ ସହଲ୍ ବିନ୍ କଏସ୍‌ଙ୍କ ଭଉଣୀମାନେ ହଜ୍‌ରତ୍ ସୁଖ୍‌ତା ଏବଂ ହଜ୍‌ରତ୍ ଉମ୍‌ରାଃ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିଲେ ଓ ଆପଣ ସ:ଆ:ସଙ୍କ ବୟତ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୮, ପୃଷ୍ଠା-୩୦୧, ସଖ୍‌ତା ବିନ୍ କଏସ୍, ଉମ୍‌ରାଃ ବିନ୍‌ତ୍ କଏସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ହୁମୈର୍ ଅଲ୍‌ଅଶ୍‌ଜଇ । ତାଙ୍କ ସମ୍ବନ୍ଧ ବନୁ ଦୁହ୍‌ମାନ୍ ସହିତ ଥିଲା ଯିଏ ଅନ୍‌ସାରଙ୍କ ବନ୍ଧୁ କବିଲା ଥିଲା । ସେ ବଦର୍ ଯୁଦ୍ଧରେ ନିଜ ଭାଇ ହଜ୍‌ରତ୍ ଫାରିଜାଙ୍କ ସହିତ ଯୋଗ ଦେଇଥିଲେ । ସେହିପରି ସେ ଓ୍ୱହଦ୍ ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୨୧୮-୨୧୯, ‘‘ଅବ୍‌ଦୁଲ୍ଲାଃ ବିନ୍ ହୁମୈର୍’’, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୩) । ତାଙ୍କ ସ୍ତ୍ରୀଙ୍କ ନାମ ହଜରତ୍ ଉମ୍ମେ ସାବିତ୍ ବିନ୍‌ତ୍ ହାରିସା ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାମ୍ ଆଣିଥିଲେ । (ଅଲ୍ ଅସାବା, ଖଣ୍ଡ-୮, ପୃଷ୍ଠା-୩୬୬, ଉମ୍ମେ ସାବିତ୍ ବିନ୍‌ତ୍ ହାରିସା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ ୧୯୯୫)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ହୁମୈର୍ ସେହି ଅଳ୍ପ କିଛି ସାହାବା ମାନଙ୍କ ମଧ୍ୟରେ ଥିଲେ ଯେଉଁମାନେ ଓ୍ୱହଦ୍ ଯୁଦ୍ଧରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସହିତ ଦର୍‌ରାଃ ଉପରେ ଦୃଢ଼ତାର ସହିତ ରହିଥିଲେ । ଯେତେବେଳେ ବାକି ସାହାବାମାନେ ବିଜୟର ଦୃଶ୍ୟକୁ ଦେଖିବା ପରେ ମୁସଲ୍‌ମାନ୍ ମାନଙ୍କର ଅନ୍ୟ ଗୋଷ୍ଠୀମାନଙ୍କ ସହିତ ମିଶିବା ପାଇଁ ତଳକୁ ଓହ୍ଲାଇ ଯିବାକୁ ଲାଗିଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ହୁମୈର୍ ସେମାନଙ୍କୁ ଉପଦେଶ ଦେବାପାଇଁ ଛିଡାହେଲେ । ସେ ପ୍ରଥମେ ଅଲ୍ଲାଃତାଲାଙ୍କ ବିଶେଷ ଗୁଣଗାନ କଲେ । ତା’ପରେ ଅଲ୍ଲାଃତାଲା ଓ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଆଜ୍ଞାପାଳନ କରିବା ନିମନ୍ତେ ଉପଦେଶ ଦେଲେ । କିନ୍ତୁ ସେମାନେ ତାଙ୍କ କଥାକୁ ନମାନି ଚାଲିଗଲେ । ଏପରିକି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସହିତ ଉକ୍ତ ଦର୍‌ରାଃଠାରେ ଦଶଜଣରୁ ଅଧିକା ସାହାବା ନଥିଲେ । ସେତିକିବେଳେ ଖାଲିଦ୍ ବିନ୍ ଓ୍ୱଲିଦ୍ ଏବଂ ଅକ୍‌ରମା ବିନ୍ ଅବୁ ଜହଲ୍ ଦର୍‌ରାଃଟିକୁ ଖାଲି ହୋଇଯାଇଥିବାର ଦେଖି ଯେଉଁ ସାହାବୀମାନେ ସେଠାରେ ରହିଯାଇଥିଲେ, ସେମାନଙ୍କ ଉପରେ ଆକ୍ରମଣ କଲେ । ସେହି ଛୋଟ ଦଳଟି ସେମାନଙ୍କ ଉପରେ ତୀର ବର୍ଷା କଲେ । (ଏହାସତ୍ୱେ ମଧ୍ୟ) ସେମାନେ ତାଙ୍କ ନିକଟରେ ପହଂଚିଗଲେ ଓ କ୍ଷଣକ ମଧ୍ୟରେ ସମସ୍ତଙ୍କୁ ଶହୀଦ୍ କରିଦେଲେ । (ଇମ୍‌ତାଉଲ୍ ଅସ୍‌ମାଆ, ଖଣ୍ଡ-୯, ପୃଷ୍ଠା-୨୨୯.....ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୯)

ଓ୍ୱହଦ୍ ଯୁଦ୍ଧର ଏହି ଘଟଣାଟିକୁ ଆହୁରି ଅଧିକା ବ୍ୟାଖ୍ୟା କରି ହଜରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ସିରତ୍ ଖାତମୁନ୍ ନବିଇନ୍‌ରେ ଲେଖଛନ୍ତି କି ‘‘ଆଁ ହଜ୍‌ରତ୍ ସ:ଆ:ସ ଇଶ୍ୱରଙ୍କ ସାହାଯ୍ୟ ଉପରେ ଭରଷା କରି ଆଗକୁ ବଢ଼ିଲେ ଓ ଓ୍ୱହଦ୍ ପାହାଡ ତଳେ ଡେରା ପକାଇଲେ । ଏପରି ଅବସ୍ଥାରେ ସେମାନେ ରହିଲେ ଯେ ଓ୍ୱହଦ୍‌ର ପାହାଡଟି ମୁସଲ୍‌ମାନଙ୍କ ପଛପଟକୁ ରହିଲା ଓ ମଦିନା ସମ୍ମୁଖରେ ରହିଲା । ଏହିପରି ଆପଣ ସ:ଆ:ସଙ୍କର ସେନା ପଛପଟୁ ସୁରକ୍ଷିତ ରହିଲା । ପଛପଟ ପାହାଡରେ ଗୋଟିଏ ଦର୍‌ରାଃ ଥିଲା । ତା ଜରିଆରେ ଆକ୍ରମଣ ହୋଇପାରିଥାଆନ୍ତା । ତେଣୁ ତାକୁ ଜଗିବା ପାଇଁ ଆପଣ ସ:ଆ:ସ ଏ ବ୍ୟବସ୍ଥା କଲେ କି ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ନେତୃତ୍ୱରେ ପଚାଶ ଜଣ ତୀର ଚାଳକ ସାହାବୀଙ୍କୁ ସେଠାରେ ନିୟୋଜିତ କରିଦେଲେ ଏବଂ ତାଙ୍କୁ ତାଗିଦ୍ କଲେ କି କିଛି ମଧ୍ୟ ହୋଇଯାଉ, ସେମାନେ ଉକ୍ତ ସ୍ଥାନକୁ ଖାଲି କରିବେ ନାହିଁ ଓ ତୀର ଚାଳନା ଜାରି ରଖିବେ । ଆପଣ ସ:ଆ:ସଙ୍କୁ ଉକ୍ତ ଦର୍‌ରାଃଟିର ସୁରକ୍ଷା ନିମନ୍ତେ ଏତେମାତ୍ରାରେ ଧ୍ୟାନ ଥିଲା ଯେ ଆପଣ ସ:ଆ:ସ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କୁ ବାରମ୍ବାର ଏକଥା କହୁଥିଲେ କି ଦେଖ ସେହି ଦର୍‌ରାଃଟିକୁ କୌଣସି ଅବସ୍ଥାରେ ମଧ୍ୟ ଖାଲି କରିବ ନାହିଁ ଏପରିକି ଯଦିତୁମେ ଏକଥା ଦେଖ ଯେ ଆମେ ବିଜୟପ୍ରାପ୍ତ କରିସାରିଛୁ ଓ ଶତୃପକ୍ଷ ପଛକୁ ଫେରି ପଳାୟନ କରିସାରିଛନ୍ତି, ତେବେ ମଧ୍ୟ ତୁମେ ଉକ୍ତ ଦର୍‌ରାଃଟିକୁ

ଖାଲି ଛାଡିବନାହିଁ ଏବଂ ଯଦି ତୁମେ ଏ ଅବସ୍ଥା ଦେଖ କି ମୁସଲ୍‌ମାନ୍‌ମାନେ ହାରିଯାଇଛନ୍ତି ଓ ଶତୃ ପକ୍ଷ ଜିତିଯାଇଛନ୍ତି ବୋଲି । ଏପରି ପରିସ୍ଥିତିରେ ମଧ୍ୟ ତୁମେମାନେ ଉକ୍ତ ସ୍ଥାନଟିକୁ ଛାଡିବନାହିଁ । ଆଉଗୋଟିଏ ରିଓ୍ୱାୟତ୍‌ରେ ଏପରି ଶବ୍ଦ ମଧ୍ୟ ଆସିଛି କି ''ଯଦି ତୁମେ ଦେଖ କି ପକ୍ଷୀମାନେ ଆମ ମାଂସକୁ ଛିନ୍ନଭିନ୍ନ କରି ଖାଉଛନ୍ତି ତେବେ ମଧ୍ୟ ତୁମେ ସେଠାରୁ ହଟିବ ନାହିଁ ଏପରିକି ତୁମକୁ ସେଠାରୁ ହଟିଯିବା ପାଇଁ ନିର୍ଦ୍ଦେଶ ମିଳିବ'' ଅର୍ଥାତ୍ ଆପଣ ସ:ଆ:ସଙ୍କ ତରଫରୁ କୌଣସି ନିର୍ଦ୍ଦେଶ ଆସିଯାଏ । ''ସେହିପରି ନିଜର ପଛପଟକୁ ସମ୍ପୂର୍ଣ୍ଣ ରୂପେ ସୁଦୃଢ଼ କରି ଆପଣ ସ:ଆ:ସ ଇସ୍‌ଲାମୀୟ ସେନାଙ୍କ ଧାଡି ବାନ୍ଧିଲେ । ଏବଂ ବିଭିନ୍ନ ଦଳର ଅଲଗା ଅଲଗା ଅମୀର୍ ନିୟୋଜିତ କଲେ... ।

ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସାଥିମାନେ ଏ ଦୃଶ୍ୟ ଦେଖିଲେ ଯେ ଏବେ ତ ବିଜୟପ୍ରାପ୍ତ ହୋଇସାରିଛି ସେତେବେଳେ ସେମାନେ ତାଙ୍କ ଅମୀର୍ ଅବ୍‌ଦୁଲ୍ଲାଃଙ୍କୁ କହିଲେ କି ବର୍ତମାନ ତ ବିଜୟ ଲାଭ ହୋଇସାରିଲାଣି ଓ ମୁସଲ୍‌ମାନ୍‌ମାନେ ଗନିମତ୍‌ର ଧନକୁ ଏକାଠି କରୁଛନ୍ତି (ତେଣୁ) ଆପଣ ଆମକୁ ଅନୁମତି ଦିଅନ୍ତୁ ଯେ ଆମେ ମଧ୍ୟ ସେନାଙ୍କ ସହିତ ଯାଇ ସାମିଲ୍ ହୋଇଯିବୁ । ଅବ୍‌ଦୁଲ୍ଲାଃ ସେମାନଙ୍କୁ ରୋକିଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଦିଆଯାଇଥିବା ତାଗିଦ୍ ଉପଦେଶକୁ ମନେପକାଇଦେଲେ । କିନ୍ତୁ ସେମାନେ ବିଜୟର ଖୁସିରେ ସବୁକିଛି ଭୁଲିଯାଇଥିଲେ । ସେଇଥିପାଇଁ କଥା ମାନିଲେ ନାହିଁ ଓ ଏକଥା କହି ତଳକୁ ଓହ୍ଲାଇଗଲେ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ କହିବାର କଥା ତ କେବଳ ଏତିକି ଥିଲା ଯେ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ଶାନ୍ତ୍ୱନା ନମିଳିଯିବ ସେପର୍ଯ୍ୟନ୍ତ ଦର୍‌ରାଃଟିକୁ ଖାଲି ଛାଡିବନାହିଁ ଏବଂ ବର୍ତମାନ ଯେହେତୁ ବିଜୟ ଲାଭ ହୋଇସାରିଛି ସେଥିପାଇଁ ଏବେ ଯିବାରେ କିଛି ଅସୁବିଧା ନାହିଁ । ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଏବଂ ତାଙ୍କର ପାଂଚଜଣ ସାଥିଙ୍କ ବ୍ୟତୀତ ଦର୍‌ରାଃଟିର ସୁରକ୍ଷା ନିମନ୍ତେ ଆଉ କେହି ରହିଲେ ନାହିଁ । ଖାଲିଦ୍ ବିନ୍ ଓ୍ୱଲିଦ୍‌ଙ୍କ ତେଜ୍ ଆଖି ଦୂରରୁ ଉକ୍ତ ଦର୍‌ରାଃ ଉପରେ ପଡିଲା । ସେ ଯେତେବେଳେ ଦେଖିଲେ କି ସେହି କ୍ଷେତ୍ରଟି ଖାଲି ପଡିଯାଇଛି ତେଣୁ ସେ ନିଜ ଘୋଡାକୁ ଶିଘ୍ରଶିଘ୍ର ଏକାଠି କରି ଯଥାଶିଘ୍ର ଦର୍‌ରାଃ ଆଡକୁ ଗମନ କଲେ ଏବଂ ତାଙ୍କ ପଛେପଛେ ଅକ୍‌ରମା ବିନ୍ ଅବୁ ଜହଲ୍ ମଧ୍ୟ ଯୁଦ୍ଧରେ ବଂଚିଯାଇଥିବା କିଛି ଲୋକଙ୍କୁ ସାଥିରେ ନେଇ ସେଠାରେ ପହଂଚିଲେ ଓ ଏହି ଦୁଇଟି ଦଳ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଏବଂ ତାଙ୍କର ଅଳ୍ପକିଛି ସାଥିମାନଙ୍କୁ କ୍ଷଣକ ମଧ୍ୟରେ ସେଠାରେ ଶହୀଦ୍ କରିଦେଇ ଇସ୍‌ଲାମୀ ସେନାର ପଛପଟୁ ଆକ୍ରମଣ କରିଦେଲେ'' । (ସିରତ୍ ଖାତମୁନ୍ ନବୀଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅମେହଦ୍ ସାହେବ୍ ର:ଅ ଏମ୍.ଏ, ପୃଷ୍ଠା-୪୮୭-୪୮୮, ୪୯୧)

ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଉବୈଦ୍ ବିନ୍ ଅଓସ୍ ଅନ୍‌ସାରୀ । ତାଙ୍କ ବାପାଙ୍କ ନାମ ଅଓସ୍ ବିନ୍ ମାଲିକ୍ । ହଜ୍‌ରତ୍ ଉବୈଦ୍ ବିନ୍ ଅଓସ୍ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଓ ସେହି ବଦର୍ ଯୁଦ୍ଧରେ ସେ ହଜ୍‌ରତ୍ ଅକିଲ୍ ବିନ୍ ଅବୁ ତାଲିବ୍‌ଙ୍କୁ କଏଦୀ କରିଥିଲେ । ଏପରି କୁହାଯାଏ କି ସେ ହଜ୍‌ରତ୍ ଅବ୍‌ବାସ୍ ର:ଅ ଏବଂ ହଜ୍‌ରତ୍ ନଓଫିଲ୍ ର:ଅଙ୍କୁ ମଧ୍ୟ କଏଦୀ ବନାଇଥିଲେ । ଯେତେବେଳେ ସେ ଉକ୍ତ ତିନିଜଣ କଏଦୀଙ୍କୁ ରସିରେ ବାନ୍ଧି ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ହାଜିର୍ ହେଲେ ସେତେବେଳେ ଆପଣ ସ:ଆ:ସ କହିଲେ କି *ଲକଦ୍ ଆନକା ଆଲୈହିମ୍ ମଲକୁନ୍ କରୀମ୍* ଅର୍ଥାତ୍ ଏହି ମାମଲାରେ ଜଣେ ସମ୍ମାନୀୟ ଫରିସ୍ତା ତୁମକୁ ସାହାଯ୍ୟ କରିଛନ୍ତି । ଏ ଆଧାରରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ମୁକରରିନ୍‌ର ଉପାଧି ପ୍ରଦାନ କଲେ ଅର୍ଥାତ୍ ଜଞ୍ଜିର୍‌ରେ ବାନ୍ଧିବାବାଲା । (ଉସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୫୨୮-୫୨୯, ''ଉବୈଦ୍ ବିନ୍ ଅଓସ୍'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) । ଆଉଗୋଟିଏ ରିଓ୍ୱାୟତ୍‌ରେ ମଧ୍ୟ ଆସୁଛି କି ହଜ୍‌ରତ୍ ଅବ୍‌ବାସ୍‌ଙ୍କୁ ବଦର୍ ଯୁଦ୍ଧରେ ଯିଏ କଏଦୀ କରିଥିଲେ ସେ ହେଉଛନ୍ତି ହଜ୍‌ରତ୍ ଅବୁଲ୍ ୟସର୍ କାଆବ୍ ବିନ୍ ଉମ୍‌ରୋ । (ଉସଦୁଲ୍ ଗାବା, ଖଣ୍ଡ-୬, ପୃଷ୍ଠା-୩୨୬-୩୨୭, ''ଅବୁଲ୍ ୟସର୍'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ହଜ୍‌ରତ୍ ଉବୈଦ୍ ବିନ୍ ଅଓସ୍ ହଜ୍‌ରତ୍ ଉମୈମା ବିନ୍‌ତ୍ ନୋମାନଙ୍କୁ ବିବାହ କରିଥିଲେ । ହଜ୍‌ରତ୍ ଉମୈମା ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିଲେ ଓ ଆପଣଙ୍କ ବୟତ କରିବାର ସୌଭାଗ୍ୟ ପାଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୮, ପୃଷ୍ଠା-୨୫୭, ଉମୈମା ବିନ୍‌ତ୍ ନୋମାନ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ବର୍ତମାନ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ପାଳି ଯାହାଙ୍କ ବିଷୟରେ ପୂର୍ବରୁ ଆଉଜଣେ ସାହାବୀଙ୍କ ଚର୍ଚ୍ଚା କରିବା ସମୟରେ ହୋଇସାରିଛି । ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ସେହି ୭୦ଜଣ ଅନ୍‌ସାରୀମାନଙ୍କ ମଧ୍ୟରେ ଥିଲେ ଯେଉଁମାନେ ବୟତେ ଉକ୍‌ବା ସାନିଆରେ ସାମିଲ୍ ହୋଇଥିଲେ ଏବଂ ସେ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଛନ୍ତି ଓ ଓ୍ୱହଦ୍ ଯୁଦ୍ଧରେ ସେ ଶହୀଦ୍ ହେବାର ସୌଭାଗ୍ୟ ପ୍ରାପ୍ତ କଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୬୨, ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହଜ୍‌ରତ୍ ଅବ୍‌ବୁଲ୍ ଆସ୍ ଯିଏ ଆଁ ହଜ୍‌ରତ୍ ସ:ଆ:ସଙ୍କ ଝିଅ ହଜ୍‌ରତ୍ ଜଏନାମ୍‌ଙ୍କ ସ୍ୱାମୀ ଥିଲେ, ସେ ବଦର୍ ଯୁଦ୍ଧ ସମୟରେ ମୁସ୍‌ରିକ୍ ମାନଙ୍କ ତରଫରୁ ସାମିଲ୍ ହୋଇଥିଲେ ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ତାଙ୍କୁ କଏଦୀ କରିଥିଲେ । (ଅଲ୍ ମୁସ୍‌ତଦରକ୍ ଅଲସ୍ ସହିହିନ୍, କିତାବ୍ ମାରେଫତୁ ସାହାବା.... ହଦିସ୍ ୫୦୩୭, ଖଣ୍ଡ-୩, ପୃଷ୍ଠା-୨୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨) । ଏହାକୁ ବ୍ୟାଖ୍ୟା କରି ସିରତ୍ ଖାତମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଏପରି ଲେଖୁଛନ୍ତି କି:-

''ଆଁ ହଜ୍‌ରତ୍ ସ:ଆ:ସଙ୍କ ଜ୍ୱାଇଁ ଅବୁଲ୍ ଆସ୍ ମଧ୍ୟ ବଦର୍ ଯୁଦ୍ଧରେ କଏଦୀ ହୋଇଥିବା ଲୋକମାନଙ୍କ ମଧ୍ୟରେ ଥିଲେ । ତାଙ୍କ ଫିଦିୟା (କଏଦୀରୁ ମୁକ୍ତି ମିଳିବା ପାଇଁ ପ୍ରତିବଦଳରେ ଯେଉଁ ଧନ ଦିଆଯାଏ) ରେ ତାଙ୍କ ସ୍ତ୍ରୀ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସୁପୁତ୍ରୀ ଜଏନବ୍ ର:ଅ, ଯିଏ ଏପର୍ଯ୍ୟନ୍ତ ମକାରେ ଥିଲେ କିଛି ଜିନିଷ ପଠାଇଲେ । ସେଥିରେ ତାଙ୍କର ଗୋଟିଏ ହାର ମଧ୍ୟ ଥିଲା । ସେହି ହାରଟିକୁ ହଜ୍‌ରତ୍ ଖଦିଜା ଝିଅ ଜଏନବ୍‌ଙ୍କୁ ତାଙ୍କ ବିବାହର ସମୟରେ ଉପହାର ଦେଇଥିଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ହାରଟିକୁ ଦେଖିଲେ ସେତେବେଳେ ମୃତ ଖଦିଜା ର:ଅଙ୍କ ମନ ପଡ଼ିଗଲା । ଫଳତଃ ଆପଣ ସ:ଆ:ସଙ୍କ ଆଖି ଲୁହରେ ଭରିଗଲା । ତେଣୁ ଆପଣ ସ:ଆ:ସ ସାହାବାମାନଙ୍କୁ କହିଲେ ଯଦି ତୁମେ ଚାହଁ ତେବେ ଜଏନବ୍‌ଙ୍କ ଧନ ତାଙ୍କୁ ଫେରାଇ ଦିଅ । ସାହାବାମାନେ ଏ କଥା ଶୁଣିବା ମାତ୍ରେ ଜଏନବ୍‌ଙ୍କ ମାଲ୍‌କୁ ତତ୍‌କ୍ଷଣାତ୍ ଫେରାଇଦେଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସ ନଗଦ ଫିଦିୟାର ପ୍ରତିବଦଳରେ ଅବୁଲ୍ ଆସ୍‌ଙ୍କ ସହିତ ଏ ସର୍ତ ଧାର୍ଯ୍ୟ କଲେ କି ସେ ମକ୍କାରେ ପହଂଚି ଜଏନବ୍‌ଙ୍କୁ ମଦିନା ପଠାଇବେ । ଏବଂ ଏହିପରି ଗୋଟିଏ ମୋମିନ୍ ଆତ୍ମା ଅମାନ୍ୟକାରୀଙ୍କ ଘରୁ ମୁକ୍ତି ପାଇଗଲା । କିଛି ଦିନ ପରେ ଅବୁଲ୍ ଆସ୍ ମଧ୍ୟ ମୁସଲ୍‌ମାନ୍ ହୋଇ ମଦିନାକୁ ହିଜ୍‌ରତ୍ କରି ଚାଲିଆସିଲେ । ଏହିପରି ସ୍ୱାମୀ ସ୍ତ୍ରୀ ପୁଣି ଏକାଠି ହୋଇଗଲେ'' । (ସିରତ୍ ଖାତମୁନ୍ ନବିଇନ୍, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୬୮)

ଓ୍ୱହଦ୍ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କୁ ପଚାଶଜଣ ତୀର ଚାଳକଙ୍କ ଦଳର ସେନାପତି ରୂପେ ନିଯୁକ୍ତି କଲେ ଯାହାକୁ ଆପଣ ସ:ଆ:ସ ମୁସଲ୍‌ମାନ୍ ମାନଙ୍କ ପଛପଟେ ଥିବା ଦର୍‌ରାଃଟିର ସୁରକ୍ଷା ନିମନ୍ତେ ନିୟୋଜିତ କରିଥିଲେ । ବାକି ସମସ୍ତ କଥା ଅବ୍‌ଦୁଲ୍ଲାଃ ବିନ୍ ହୁମୈର୍‌ଙ୍କ ଘଟଣା ବର୍ଣ୍ଣନା କରିବା ସମୟରେ ବର୍ଣ୍ଣନା କରାଯାଇଛି । ଏବଂ କିଛିଟା ଅଧିକା କଥା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏପରି ଲେଖୁଛନ୍ତି କି:-

''ଆଁ ହଜ୍‌ରତ୍ ସ:ଆ:ସ ଇଶ୍ୱରଙ୍କ ନିକଟରୁ ସାହାଯ୍ୟ ମିଳିବାର ଭରଷା କରି ଆଗକୁ ବଢ଼ିଚାଲିଲେ ଓ ଓ୍ୱହଦ୍‌ର ପାଦତଳେ ଡେରା ପକାଇଲେ । ଏପରିକି ଓ୍ୱହଦ୍ ପାହାଡଟି ମୁସଲ୍‌ମାନ୍ ମାନଙ୍କ ପଛପଟକୁ ରହିଲା ଓ ମଦିନା ସମ୍ମୁଖରେ ରହିଲା । ଏହିଭଳି ଆପଣ ସ:ଆ:ସ ସେନାର ପଛଭାଗଟିକୁ ସୁରକ୍ଷିତ କରିନେଲେ..... । ଆପଣ ସ:ଆ:ସ ଏ ବ୍ୟବସ୍ଥା କଲେ କି ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ନେତୃତ୍ୱରେ ୫୦ ଜଣ ତୀରଚାଳକ ସାହାବୀ ମାନଙ୍କୁ ସେଠାରେ ନିୟୋଜିତ କରିଦେଲେ ଏବଂ ଏକତା ତାଗିଦ୍ କରି କହିଲେ କି ଯାହା ପଛେ ତାହା ହୋଇଯାଉ ସେମାନେ ଉକ୍ତ ସ୍ଥାନଟିକୁ ଖାଲି ଛାଡିବେ ନାହିଁ । ଏବଂ ଶତୃଙ୍କ ଉପରେ ତୀରଚାଳନା ଜାରି ରଖିବେ'' । (ସିରତ୍ ଖାତମୁନ୍ ନବିଇନ୍, ଲେଖକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୪୮୭)

ଯେପରିକି ପ୍ରଥମେ ମଧ୍ୟ ଏକଥା ବର୍ଣ୍ଣନା କରାଯାଇଛି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଉକ୍ତ ଦର୍‌ରାଃଟିର ସୁରକ୍ଷା ନିମନ୍ତେ ଏତେମାତ୍ରାରେ ଧ୍ୟାନ ଥିଲା ଯେ ଆପଣ ସ:ଆ:ସ ଅବ୍‌ଦୁଲ୍ଲାଃ ଜୁବୈର୍‌ଙ୍କ ବାରମ୍ୱାର ଏକଥା କହୁଥିଲେ କି ଦେଖ ଦର୍‌ରାଃଟିକୁ କୌଣସି ପରିସ୍ଥିତିରେ ମଧ୍ୟ ଖାଲି ଛାଡିବେ ନାହିଁ ଏବଂ ଯଦି ବିଜୟ ମଧ୍ୟ ପ୍ରାପ୍ତ ହୋଇଯାଏ ଓ ଶତୃପକ୍ଷ ହାରିଯାଇ ପଛକୁ ଫେରିଯାଏ ତେବେ ମଧ୍ୟ ତୁମେ ଉକ୍ତ ସ୍ଥାନଟିକୁ ଛାଡିବନାହିଁ ଏବଂ ଯଦି ମୁସଲ୍‌ମାନମାନେ ହାରିଯାଆନ୍ତି ଓ ଶତୃପକ୍ଷ ଜିତିଯାଆନ୍ତି ତେବେ ମଧ୍ୟ ତୁମେ ଉକ୍ତ ସ୍ଥାନଟିକୁ ଛାଡିବନାହିଁ ।

ହଜ୍‌ରତ୍ ବରାଅ ବିନ୍ ଆଜିବ୍ ବର୍ଣ୍ଣନା କରୁଛନ୍ତି କି ନବୀ କରିମ୍ ସ:ଆ:ସ ଓ୍ୱହଦ୍ ଯୁଦ୍ଧଦିନ ପଦାଧିକ ବାହିନୀଙ୍କ ଉପରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କୁ ନିୟୋଜିତ କଲେ ଓ ଏମାନେ ପଚାଶ ଜଣ ଥିଲେ ଏବଂ ସେମାନଙ୍କୁ ଏ ନିର୍ଦ୍ଦେଶ ଦେଲେ କି କିଛି ହୋଇଗଲେ ମଧ୍ୟ ନିଜର ସେହି ସ୍ଥାନଟିରୁ ହଟିବ ନାହିଁ । ଯଦି ତୁମେ ଏହା ଦେଖକି ପକ୍ଷୀମାନେ ମଧ୍ୟ ଆମ ଉପରେ ଝପଟି ପଡ଼ିଛନ୍ତି (ଅର୍ଥାତ୍ ଯଦି ଆମେ ଏ ଯୁଦ୍ଧରେ ହାରି ମରିଯାଉ ଓ ପକ୍ଷୀମାନେ ଆମ ମାଂସକୁ ଖାଇବାକୁ ଲାଗିପଡନ୍ତି) । ନିଜ ସ୍ଥାନରେ ଦୃଢ଼ତାର ସହିତ ରହିବ ଯେପର୍ଯ୍ୟନ୍ତ ମୁଁ ତୁମ ନିକଟକୁ କୌଣସି ଏତେଲା ନକରିଛି । ଯଦି ତୁମେମାନେ ଆମକୁ ଏପରି ଅବସ୍ଥାରେ ମଧ୍ୟ ଦେଖ କି ଆମେ ଲୋକମାନଙ୍କୁ ହରାଇଦେଇଛୁ ଓ ସେମାନଙ୍କୁ ଆମେ ତଳିତଳାନ୍ତ କରିଦେଇଛୁ ତେବେ ମଧ୍ୟ ତୁମେମାନେ ଏଠାରୁ ହଟିବ ନାହିଁ ଯେପର୍ଯ୍ୟନ୍ତ ତୁମପାଖକୁ ହଟିବା ପାଇଁ ମୁଁ ଖବର ନପଠାଇଛି । ସୁତରାଂ ମୁସଲ୍‌ମାନ୍‌ମାନେ ସେମାନଙ୍କୁ ହରାଇଦେଲେ । ହଜ୍‌ରତ୍ ବରାଅ କହୁଛନ୍ତି କି ଇଶ୍ୱରଙ୍କ ରାଣ ମୁଁ ମୁସ୍‌ରିକ୍ ମହିଳାମାନଙ୍କୁ ଏପରି ଅବସ୍ଥାରେ ଦେଖିବାକୁ ପାଇଲି ଯେ ସେମାନେ ଏଣେତେଣେ ଦୌଡି ବୁଲୁଥିଲେ ଏବଂ ନିଜର ପରିଧାନ ଗଡିକୁ ଉଠାଉ ଚାଲୁଥିଲେ । (ସେ ଯୁଗରେ ସେନାମାନଙ୍କ ସହିତ ମହିଳାମାନେ ମଧ୍ୟ ସେମାନଙ୍କ ଭାବନାକୁ ଉଦ୍ରେକ କରିବାପାଇଁ ଯାଉଥିଲେ) । ସେମାନଙ୍କର ପାଉଁଜି ଓ ଗୋଡର ପେଣ୍ଡା ଖାଲି ରହୁଥିଲା । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ସାଥିମାନେ ଏହା ଦେଖି କହିଲେ କି:- ହେ ଲୋକମାନେ ! ଚାଲନ୍ତୁ ଗନିମତ ହାସଲ କରିବା । ତୁମ ସାଥିମାନେ ବିଜୟପ୍ରାପ୍ତ କରିସାରିଛନ୍ତି । ତୁମେମାନେ କାହାର ଅପେକ୍ଷାରେ ଅଛ ? ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ କହିଲେ କଣ ତୁମେମାନେ ସେକଥାକୁ ଭୁଲିଗଲ, ଯେଉଁ କଥାକୁ ରସୁଲୁଲ୍ଲା ସ:ଆ:ସ କହିଥିଲେ ? ଯେଉଁ ଲୋକମାନେ ଉକ୍ତ ସ୍ଥାନଟିକୁ ଛାଡିଦେବା ପାଇଁ ଚାହୁଁଥିଲେ, ସେମାନେ ଏକଥା କହୁଥିଲେ କି ଅଲ୍ଲାଃଙ୍କ ରାଣ ଆମେ ମଧ୍ୟ ନିଶ୍ଚିତ ରୂପେ ଉକ୍ତ ଲୋକମାନଙ୍କ ନିକଟରେ ପହଂଚବୁ ଏବଂ ଗନିମତ୍‌ର ଧନକୁ ସାଉଁଟିବୁ । ସେଠାରେ ବାକି ଲୋକମାନେ ଗନିମତର୍ ଧନକୁ ନେଉଛନ୍ତି ତେଣୁ ଆମେ ମଧ୍ୟ ସେଠାକୁ ଯିବୁ । ଯେତେବେଳେ ସେମାନେ ସେଠାରେ ପହଂଚିଲେ ଏବଂ ହାରିଯାଇ ସେଠାରୁ ଫେରିଲେ ଅର୍ଥାତ୍ ପୁଣି ଶତୃପକ୍ଷ ସେମାନଙ୍କ ଉପରେ ଆକ୍ରମଣ କରିଦେଲା ଫଳତଃ ଜିତିଥିବା ଯୁଦ୍ଧ ହାରିଗଲେ । ହଜ୍‌ରତ୍ ବରାହ୍ ଲେଖୁଛନ୍ତି କି ଏହା ହେଉଛି ସେହି ଘଟଣା ଯାହା ସମ୍ୱନ୍ଧରେ ଅଲ୍ଲାଃତାଲା କହୁଛନ୍ତି- ଯେବେ କି ରସୁଲୁଲ୍ଲାଃ ତୁମମାନଙ୍କର ସବୁଠାରୁ ପଛ ଜମାତ୍‌ରେ ଛିଡା ହୋଇ ତୁମକୁ ଡାକୁଥିଲେ । ଏହା ହେଉଛି ଆଲେ ଇମ୍‌ରାନ୍‌ର ଆୟତ । ନବୀ ସ:ଆ:ସଙ୍କ ନିକଟରେ ୧୨ଜଣ ଲୋକଙ୍କ ବ୍ୟତୀତ ଆଉକେହି ନଥିଲେ ଓ କାଫିର୍ (ଅମାନ୍ୟକାରୀ ଗୋଷ୍ଠୀ) ଆମମାନଙ୍କ ମଧ୍ୟରୁ ୭୦ ଜଣ ଲୋକଙ୍କୁ ଶହୀଦ୍ କରିଦେଲେ ଏବଂ ନବୀ ସ:ଆ:ସ ଓ ଆପଣଙ୍କ ସାହାବାମାନେ ବଦର୍ ଯୁଦ୍ଧରେ ମୁସ୍‌ରିକ୍ ମାନଙ୍କ ୧୪୦ଜଣ ଲୋକଙ୍କୁ କ୍ଷତି ପହଂଚାଇଥିଲେ । ୭୦ଜଣ କଏଦୀ ଓ ୭୦ଜଣ ହତ୍ୟା ହୋଇଥିଲେ ।

ଅବୁ ସୁଫିୟାନ୍ ତିନିଥର ଡାକ ପକାଇ କହିଲେ- (ଏହି ସମ୍ପୂର୍ଣ୍ଣ ଘଟଣାଟି ଓ୍ୱହଦ୍ ଯୁଦ୍ଧ ବିଷୟରେ ହିଁ ବର୍ଣ୍ଣନା ହେଉଅଛି) କି କଣ ଏହି ଲୋକମାନଙ୍କ ମଧ୍ୟରେ ମୁହମ୍ମଦ୍ ଅଛନ୍ତି । ସ୍ୱଲଲ୍ଲାହୋ ଆଲୈହେ ଓ୍ୱସ୍ ସଲାମ୍ ? ନବୀ ସ:ଆ:ସ ସାହାବାମାନଙ୍କୁ ତା କଥାର ଉତର ଦେବାପାଇଁ ମନାକଲେ । ପୁଣି ସେ ତିନିଥର ଡାକି ପଚାରିଲା ଯେ କଣ ଏହି ଲୋକମାନଙ୍କ ଗହଣରେ ଅବୁ କାହାଫାର ପୁତ୍ର ଅଛନ୍ତି ଅର୍ଥାତ୍ ହଜ୍‌ରତ୍ ଅବୁ ବକର୍ ? ପୁଣି ତିନିଥର ପଚାରିଲା କଣ ଏହି ଲୋକମାନଙ୍କ ମଧ୍ୟରେ ଇବ୍‌ନେ ଖତ୍‌ତାବ୍ ଅଛନ୍ତି ଅର୍ଥାତ୍ ଉମ୍ମର୍‌ଙ୍କ ସମ୍ୱନ୍ଧରେ ପଚାରିଲା ? ପୁଣି ସେ ନିଜ ସାଥିମାନଙ୍କ ପାଖକୁ ଫେରିଗଲା ଏବଂ ଆଁ ହଜ୍‌ରତ୍ ସ:ଆ:ସ ତା'ର ପ୍ରତ୍ୟେକ ପଚାରିବା ସମୟରେ ଏ ନିର୍ଦ୍ଦେଶ ଦେଉଥିଲେ କି ତାର ଉତର ଦିଅନାହିଁ । ପୁଣି କହୁଛନ୍ତି କି ସେ ନିଜ ସାଙ୍ଗସାଥିମାନଙ୍କ ନିକଟକୁ ଫେରିଯାଇ କହିଲା କି ଏମାନେ ସମସ୍ତେ ମରିସାରିଛନ୍ତି । ଏହି ତିନିଜଣ ଲିଡର୍ ମରିଯାଇଛନ୍ତି । ଏକଥା ଶୁଣି ହଜ୍‌ରତ୍ ଉମର୍ ର:ଅ ନିଜକୁ ଆୟତରେ ରଖିପାରିଲେ ନାହିଁ ଏବଂ କହିଲେ ହେ ଅଲ୍ଲାଃଙ୍କ ଶତୃ ! ଅଲ୍ଲାଃଙ୍କ ରାଣ, ତୁମେ ମିଥ୍ୟା କହିଅଛ । ଯେଉଁମାନଙ୍କର ତୁମେ ନା ନେଇଛ ସେମାନେ ସମସ୍ତେ ଜୀବିତ ଅଛନ୍ତି । ଯେଉଁକଥା ତୁମକୁ ଅସୁବିଧାରେ ପକାଇବ ଏବେ ତ ତାହା ଆହୁରି ବାକି ରହିଛି । ଏଥିରେ ଅବୁ ସୋଫିଆନ୍ କହିଲା ଏ ଯୁଦ୍ଧ ବଦର୍ ଯୁଦ୍ଧର ପ୍ରତିଶୋଧ ଏବଂ ଯୁଦ୍ଧ ତ ଗୋଟିଏ ମାଠିଆ ସଦୃଶ । କେବେ ଗୋଟିଏ ପଟର ଜିତାପଟ୍ ତ କେବେ ଆଉଜଣଙ୍କର ଜିତାପଟ୍ । ତୁମେମାନେ ଏହି ଲୋକମାନଙ୍କ ମଧ୍ୟରୁ ଏପରି କିଛି ଲୋକଙ୍କୁ ପାଇବ ଯେଉଁମାନଙ୍କର ନାକ କାନ କଟାଯାଇଛି ଅର୍ଥାତ୍ ମୁସ୍‌ଲା କରାଯାଇଛି ।

ସେ କହିଲା କି ମୁଁ ଏହାର ନିର୍ଦ୍ଦେଶ ଦେଇନାହିଁ ଏବଂ ମୁଁ ଏହାକୁ ଖରାପ ବୋଲି ମଧ ଭାବୁନାହିଁ । ପୁଣି ସେ ପରେ ଯୁଦ୍ଧ ସଂଗୀତ ପାଠ କରିବାକୁ ଲାଗିଲା - *ଉଲୁ ହୁବଲ୍ ଉଲୁ ହୁବଲ୍* (ଅର୍ଥାତ୍ ହୁବଲ୍‌ର ଜୟ ହେଉ, ହୁବଲ୍‌ର ଜୟ ହେଉ) ଏଥିରେ ନବୀ ସ:ଆ:ସ କହିଲେ ଏବେ କଣ ତାକୁ ଉତର ଦେବନାହିଁ ? ସାହାବାମାନେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ । ଆମେ କି ପ୍ରକାର ଉତର ଦେବୁ ? ଏଥିରେ ଆପଣ ସ:ଆ:ସ କହିଲେ- ତୁମେ କୁହ *ଅଲ୍ଲାଃହୁ ଆଲା ଓ୍ୱ ଅଜଲ୍ଲୁ* ଅର୍ଥାତ୍ ଅଲ୍ଲାଃ ହେଉଛନ୍ତି ସବୁଠାରୁ ଉତମ ଓ ଉଚ୍ଚରେ ବିରାଜମାନ ଏବଂ ବହୁତ ବୈଭବଶାଳୀ । ପୁଣି ଅବୁ ସୁଫିଆନ୍ କହିଲା କି ଉଜ୍ଜା ନାମକ ପ୍ରତିବା ଆମ ପାଖରେ ଅଛି ଓ ତୁମର କୌଣସି ଉଜ୍ଜା ନାହିଁ । ନବୀ ସ:ଆ:ସ ଏହା ଶୁଣି କହିଲେ କି କଣ ତୁମେମାନେ ଏହାର ଉତର ଦେବନାହିଁ । ହଜ୍‌ରତ୍ ବରାଅ ବିନ୍ ଆଜିବ୍ କହୁଛନ୍ତି କି ଏଥିରେ ସାହାବାମାନେ କହିଲେ- ହେ ଅଲ୍ଲାଃଙ୍କ ରସୁଲ୍ ଆମେ କଣ କହିବୁ ? ଆପଣ ସ:ଆ:ସ କହିଲେ- *ଅଲ୍ଲାହୁ ମୌଲାନା ଓ୍ୱଲା ମୌଲା ଲକୁମ୍* ଅର୍ଥାତ୍ ଅଲ୍ଲାଃ ହେଉଛନ୍ତି ଆମର ସାହାଯ୍ୟକାରୀ ଓ ତୁମର କେହି ସାହାଯ୍ୟକାରୀ ନାହାଁନ୍ତି । (ସହ୍‌ହି ବୁଖାରୀ, କିତାବୁଲ୍ ଜିହାଦ୍....ହଦିସ୍ ନଂ-୩୦୩୯)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ମଧ ଏହି ଘଟଣା ଉପରେ ବହୁତ ବ୍ୟାଖ୍ୟା ମୁଳକ ତର୍କ କରିଛନ୍ତି ଏବଂ ଓ୍ୱହଦ୍ ଯୁଦ୍ଧ ଉପରେ ଆଲୋକପାତ କରିଛନ୍ତି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ କହୁଛନ୍ତି କି ''ଯେଉଁ ସାହାବାମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଚତୁଃପାର୍ଶ୍ୱରେ ଥିଲେ ଏବଂ ଯେଉଁମାନେ କୁଫାର୍‌ମାନଙ୍କ ଆକ୍ରମଣ ଯୋଗୁ ପଛକୁ ଚାଲିଯାଇଥିଲେ କୁଫାର୍ ପଛକୁ ହଟିବା ସଙ୍ଗେସଙ୍ଗେ ହିଁ ସେମାନେ ପୁଣି ରସୁଲୁଲ୍ଲାଃ ସ:ଆ:ସଙ୍କ ଚତୁଃପାର୍ଶ୍ୱରେ ଏକତ୍ରିତ ହୋଇଗଲେ । ଆପଣ ସ:ଆ:ସଙ୍କ ପବିତ୍ର ଶରୀରକୁ ସେମାନେ ଉଠାଇଲେ ଏବଂ ଜଣେ ସାହାବୀ ଉବୈଦା ବିନ୍ ଜର୍‌ରହ ର:ଅ ନିଜ ଦାନ୍ତ ଜରିଆରେ ଆପଣ ସ:ଆ:ସଙ୍କ ମୁଣ୍ଡରେ ପଶିଯାଇଥିବା ଲୁହା ଖଣ୍ଡିକୁ ଏତେ ଜୋର୍ ଦେଇ ବାହାର କଲେ ଯେ ଏହାଦ୍ୱାରା ତାଙ୍କ ଦାନ୍ତ ଭାଙ୍ଗିଗଲା । କିଛି ସମୟ ପରେ ରସୁଲୁଲ୍ଲାଃ ସ:ଆ:ସଙ୍କ ଚେତା ଫେରିଲା ଓ ସାହାବାମାନେ ଯୁଦ୍ଧକ୍ଷେତ୍ରର ଚାରିଆଡେ ଲୋକମାନଙ୍କୁ ପଠାଇଲେ କି ମୁସଲ୍‌ମାନ୍‌ମାନେ ପୁଣି ଏକାଠି ହୋଇଯାଆନ୍ତୁ ଫଳତଃ ଛତ୍ରଭଙ୍ଗ ଦେଇଥିବା ସେନା ପୁଣି ଏକତ୍ରିତ ହେବା ଆରମ୍ଭ ହୋଇଗଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ସେମାନଙ୍କୁ ନେଇ ପାହାଡ ତଳକୁ ଚାଲିଗଲେ । ପାହାଡ କଡରେ ଥିବା ଏହି ସେନାମାନଙ୍କୁ ଅବୁ ସୁଫିଆନ୍ ବହୁ ଉଚ୍ଚ ସ୍ୱରରେ ଡାକପକାଇ କହିଲା- ଆମେ ମୁହମ୍ମଦ୍ (ସ:ଆ:ସ)କୁ ମାରିଦେଇଛୁ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ଅବୁ ସୁଫିଆନ୍‌ର କଥାର ଉତର ଦେଲେନାହିଁ । କାରଣ ଏହାଦ୍ୱାରା ଶତୃ ବାସ୍ତବିକତାକୁ ଜାଣି ଆକ୍ରମଣ କରିନଦେଉ'' । କାରଣ ମୁସଲ୍‌ମାନ୍ ବର୍ତମାନ ଦୁର୍ବଳ ଅବସ୍ଥାରେ ଥିଲେ । ''ଏବଂ କ୍ଷତାକ୍ତ ମୁସଲ୍‌ମାନ୍‌ମାନେ ଏତଦ୍ୱାରା ପୁଣି ଶତୃମାନଙ୍କ ଆକ୍ରମଣର ଶିକାର ହୋଇଯିବେ । ଯେତେବେଳେ ଇସ୍‌ଲାମୀୟ ସେନା ସେହି କଥାର କୌଣସି ଉତର ନଦେଲା ସେତେବେଳେ ଅବୁ ସୁଫିଆନ୍ ଏକଥା ବିଶ୍ୱାସ କରିନେଲା ଯେ ତାର ଭାବନା ଠିକ୍ ଅଛି । ତେଣୁ ସେ ଉଚ୍ଚ ସ୍ୱରରେ କହିଲା ଆମେ ଅବୁ ବକର୍‌କୁ ମଧ ମାରିଦେଇଛୁ । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ଅବୁ ବକର୍‌ଙ୍କୁ ଏ ନିର୍ଦ୍ଦେଶ ଦେଲେ କି କୌଣସି ଉତର ଦିଅନାହିଁ । ପୁଣି ଅବୁ ସୁଫିୟାନ୍ ଉଚ୍ଚ ସ୍ୱରରେ କହିଲା ଆମେ ଉମର୍‌କୁ ମଧ ମାରିଦେଇଛୁ । ଉମର୍ ବହୁତ ଜୋସିଲା ବ୍ୟକ୍ତି ଥିଲେ, ସେ ତା କଥାର ଉତରରେ ଏକଥା କହିବାକୁ ଚାହୁଁଥିଲେ କି ଆମେମାନେ ଇଶ୍ୱରଙ୍କ ଦୟାବଳରୁ ଜିବୀତ ଅଛୁ ଓ ତୁମ ସହିତ ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛୁ । କିନ୍ତୁ ରସୁଲୁଲ୍ଲାଃ ସ:ଆ:ସ ମନା କରିଛନ୍ତି ଯେ ମୁସଲ୍‌ମାନ୍‌ମାନଙ୍କୁ କଷ୍ଟ ନମିଳୁ, ତେଣୁ ଚୁପ୍ ରୁହ । ଏବେ କୁଫାର୍‌ଙ୍କୁ ଏ ବିଶ୍ୱାସ ହୋଇଗଲା ଯେ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କୁ ମଧ ଓ ତାଙ୍କ ଡାହାଣପଟେ ଓ ବାମପଟେ ଥିବା (ଶକ୍ତିଶାଳୀ ଲୋକମାନଙ୍କୁ) ମଧ ଆମେ ମାରିଦେଇଛୁ । ତେଣୁ ଅବୁ ସୁଫିୟାନ୍ ଏବଂ ତା ସାଙ୍ଗସାଥିମାନେ ଆନନ୍ଦିତ ହୋଇ ଏ ସ୍ଲୋଗାନ୍ ଦେଲେ- ଉଲୁ ହୁବଲ୍, ଉଲୁ ହୁବଲ୍ ଅର୍ଥାତ୍ ଆମର ସମ୍ମାନିତ ପ୍ରତିମା ହୁବଲ୍‌ର ଜୟ ହେଉ । ସେ ଆଜି ଇସ୍‌ଲାମ୍‌କୁ ନିଃଶେଷ କରିଦେଇଛି....'' । ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି କି ସେହି ରସୁଲେ କରିମ୍ ସ:ଆ:ସ ଯିଏ ନିଜର ମୃତ୍ୟୁ ଘୋଷଣାରେ, ଅବୁ ବକର୍ ର:ଅଙ୍କ ମୃତ୍ୟୁ ଘୋଷଣାରେ ଏବଂ ଉମର୍ ର:ଅଙ୍କ ମୃତ୍ୟୁ ଘୋଷଣାରେ ଚୁପ୍ ରହିବା ପାଇଁ ଉପଦେଶ ଦେଉଥିଲେ, କାଳେ ଏପରି ନହୋଇଯାଉ କି ମୁସଲ୍‌ମାନ୍‌ଙ୍କ ଉପରେ ପୁଣି କୁଫାର୍‌ଙ୍କର ସେନା ଆକ୍ରମଣ କରିଦେବ ଏବଂ ଅଳ୍ପ କିଛି ମୁସଲ୍‌ମାନ୍ (ଯେଉଁମାନେ ଯୁଦ୍ଧରେ ବଂଚିଯାଇଛନ୍ତି) ସେମାନଙ୍କ ହାତଦ୍ୱାରା ଶହୀଦ୍ ହୋଇଯିବେ । ଏବେ ଯେବେ କି ଏକ ଖୁଦାର ସମ୍ମାନର ପ୍ରଶ୍ନ ଉଠିଲା ଏବଂ ଶିର୍କ୍‌ର ସ୍ଲୋଗାନ୍ ଯୁଦ୍ଧ କ୍ଷେତ୍ରରେ ଦିଆଗଲା ସେତେବେଳେ ଆପଣ ସ:ଆ:ସଙ୍କ ଆତ୍ମା ବ୍ୟତିବ୍ୟସ୍ତ ହୋଇଗଲା ଏବଂ ଆପଣ ସ:ଆ:ସ ଅତ୍ୟନ୍ତ ଜୋସ୍‌ର ସହିତ ସାହାବା ମାନଙ୍କ ଆଡକୁ ଦେଖି କହିଲେ- ତୁମେମାନେ କାହିଁକି ଉତର ଦେଉନାହଁ ? ସାହାବାମାନେ କହିଲେ- ହେ ଅଲ୍ଲାଃଙ୍କ ରସୁଲ ! ଆମେ କି ପ୍ରକାର ଉତର ଦେବୁ ? କହିଲେ- *ଅଲ୍ଲାହୁ ଆଲା ଓ୍ୱ ଅଜଲ୍ଲୁ ଅଲ୍ଲାହୁ ଆଲା ଓ୍ୱ ଅଜଲ୍ଲୁ* କୁହ । ଅର୍ଥାତ୍ ତୁମେ ମିଛ କହୁଅଛି କି ହୁବଲ୍‌ର ଜୟ ହେଉ ବୋଲି (ବରଂ) ଏକ ଓ ଅଦ୍ୱିତୀୟ ଅଲ୍ଲାଃ ହିଁ ହେଉଛନ୍ତି ସମ୍ମାନୀୟ ଏବଂ ତାଙ୍କର ହିଁ ଜୟ ହେଉ ଏବଂ ଏହିପରି ଆପଣ ସ:ଆ:ସ ନିଜର ଜିବୀତ ହେବାର ଖବର ଶତୃମାନଙ୍କ ପର୍ଯ୍ୟନ୍ତ ପହଂଚାଇଦେଲେ'' । କହୁଛନ୍ତି କି ''ଏହି ନିର୍ଭୀକ ଓ ବାହାଦୁରି ଉତରର ପ୍ରଭାବ କୁଫାର୍‌ମାନଙ୍କ ସେନା ଉପରେ ଏତେ ଗଭୀର ମାତ୍ରାରେ ପଡିଲା ଯେ ତାଙ୍କ ସମ୍ମୁଖରେ ଅଳ୍ପ କିଛି କ୍ଷତାଙ୍କ ମୁସଲ୍‌ମାନ୍ ଛିଡା ହୋଇଥିବା ସତ୍ୱେ ମଧ ସେମାନଙ୍କର ଆଶା ଧୂଳିରେ ମଉଳି ଗଲା । ସେମାନେ ପୁନର୍ବାର ଆକ୍ରମଣ କରିବା ପାଇଁ ସାହସ ଜୁଟାଇ ପାରିଲେ ନାହିଁ ଓ ଯେତେମାତ୍ରାରେ ତାଙ୍କୁ ବିଜୟ ଲାଭ ହୋଇଥିଲା ସେମାନେ ସେତିକି ଖୁସିର ଉତ୍ସବ ପାଳନ କରି ମକା ଫେରି ଚାଲିଗଲେ'' । (ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନ୍‌ଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃଷ୍ଠା-୨୫୨-୨୫୩)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଗୋଟିଏ ଆୟତର ବ୍ୟାଖ୍ୟା କରି କହୁଛନ୍ତି କି:-

''*ଫଲ୍ ୟହ୍‌ଜରିଲ୍ ଲଜିନା ୟୁଖାଲିଫୁନା ଅନ୍ ଅମ୍‌ରିହି ଅନ୍ ତୁସିବହୁମ୍ ଫିତ୍‌ନତୁନ୍ ଅଉ ୟୁସିବହୁମ୍ ଅଜାବୁନ୍ ଅଲିମ୍* ଅର୍ଥାତ୍ ଯେଉଁ ଲୋକମାନେ ଏହି ରସୁଲ୍‌ଙ୍କ ନିର୍ଦ୍ଦେଶାବଳୀର ବିରୋଧ କରୁଛନ୍ତି ସେମାନଙ୍କୁ ଏକଥା ଯୋଗୁ ଡରିବା ଉଚିତ୍ କି କାଳେ ତାଙ୍କୁ ଖୁଦାତାଲାଙ୍କ ତରଫରୁ କୌଣସି ବିପତି ନପହଂଚିଯାଉ ବା ସେମାନେ କୌଣସି ଭୟଙ୍କର ଦଣ୍ଡରେ ଦଣ୍ଡିତ ନହୋଇଯାଆନ୍ତୁ । ସୁତରାଂ ଦେଖିନିଅ....'' ଆପଣ ର:ଅ କହୁଛନ୍ତି କି ଦେଖିନିଅ ଯେ ''ଓ୍ୱହଦ୍ ଯୁଦ୍ଧରେ ଏହି ନିର୍ଦ୍ଦେଶର ଅବମାନନା ଯୋଗୁ ଇସ୍‌ଲାମୀୟ ସେନାକୁ କିଭଳି କ୍ଷତି ପହଂଚିଲା । ରସୁଲୁଲ୍ଲାଃ ସ:ଆ:ସ ଗୋଟିଏ ପାହାଡ ଦର୍‌ରାଃର ସୁରକ୍ଷା ନିମନ୍ତେ ପଚାଶ ଜଣ ସିପାହୀ ନିୟୋଜିତ କରିଥିଲେ । ଏବଂ ଉକ୍ତ ଦର୍‌ରାଃଟି ଏତେ ଗୁରୁତ୍ୱପୁର୍ଣ୍ଣ ଥିଲା ଯେ ଆପଣ ସ:ଆ:ସ ସେମାନଙ୍କ ଅଫିସର୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଅନ୍‌ସାରୀ ର:ଅଙ୍କୁ ଡାକି ନିର୍ଦ୍ଦେଶ ଦେଲେ କି ଆମକୁ ମାରିଦିଆଯାଉ ପଛେ ବା ଆମେ ଯୁଦ୍ଧ ଜିତିଯାଉ । କୌଣସି ପରିସ୍ଥିତିରେ ତୁମେ ସେହି ଦର୍‌ରାଃଟିକୁ ଛାଡିବନାହିଁ । କିନ୍ତୁ ଯେତେବେଳେ କୁଫାର୍ ହାରିଗଲେ ଓ ମୁସଲ୍‌ମାନ୍‌ମାନେ ସେମାନଙ୍କର ଅନୁଧାବନ କରିବା ଆରମ୍ଭ କରିଦେଲେ ସେତେବେଳେ ଉକ୍ତ ଦର୍‌ରାଃରେ ଯେଉଁ ସିପାହୀମାନେ ନିୟୋଜିତ ହୋଇଥିଲେ ସେମାନେ ତାଙ୍କ ଅଫିସର୍‌କୁ କହିଲେ କି ଏବେ ତ ବିଜୟ ହୋଇସାରିଛି (ତେଣୁ) ବର୍ତମାନ ଆମର ଏଠାରେ ରହିବା ନିରର୍ଥକ । ଆମକୁ ଅନୁମତି ଦିଅନ୍ତୁ କି ଆମେ ମଧ ଯାଇ ଜିହାଦ୍‌ରେ ସାମିଲ୍ ହେବାର ପୁଣ୍ୟ ଅର୍ଜନ କରିବୁ । ତାଙ୍କ ଅଫିସର୍ ତାଙ୍କୁ ବୁଝାଇଲେ କି ଦେଖ ରସୁଲେ କରିମ୍ ସ:ଆ:ସଙ୍କ ନିର୍ଦ୍ଦେଶର ଅବମାନନା କରନାହିଁ । ରସୁଲେ କରିମ୍ ସ:ଆ:ସ କହିଥିଲେ ଯେ ଜିତିଯାଓ ବା ହାରିଯାଓ । ତୁମେ ଏହି ଦର୍‌ରାଃକୁ ଛାଡିବ ନାହିଁ । ତେଣୁ ମୁଁ ତୁମକୁ ଯିବାପାଇଁ ଅନୁମତି ଦେଇପାରିବି ନାହିଁ । ସେମାନେ କହିଲେ କି ରସୁଲେ କରିମ୍....'' (ତାଙ୍କ ବାକି ସାଥିମାନେ କହିଲେ ଯେ) ''ରସୁଲେ କରିମ୍ ସ:ଆ:ସଙ୍କ କହିବାର ଅର୍ଥ ଏହା ନଥିଲା ଯେ ଜିତିଗଲେ ମଧ ତୁମେ ଏଠାରୁ ହଲିବ ନାହିଁ । ଆପଣ ସ:ଆ:ସଙ୍କ ଉଦ୍ଦେଶ୍ୟ ତ କେବଳ ତାଗିଦ୍ କରିବାର ଥିଲା । ବର୍ତମାନ ଯେହେତୁ ବିଜୟ ହୋଇସାରିଲାଣି (ତେଣୁ) ଆମର ଏଠାରେ କଣ କାମ । ସୁତରାଂ ସେମାନେ ଖୁଦାଙ୍କ ରସୁଲ୍‌ଙ୍କ ନିର୍ଦ୍ଦେଶ....'' ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି କି ''ସେମାନେ ଖୁଦାଙ୍କ ରସୁଲ୍‌ଙ୍କ ନିର୍ଦ୍ଦେଶ ଉପରେ ନିଜର ରାୟକୁ ଅଗ୍ରାଧିକାର ଦେଇ ଉକ୍ତ ଦର୍‌ରାଃକୁ ଛାଡିଦେଲେ । କେବଳ ତାଙ୍କ ଅଫିସର୍ ଓ କିଛି ସିପାହୀ...'' (ଅର୍ଥାତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଏବଂ କିଛି ସିପାହୀ) ''ବାକି ରହିଯାଇଥିଲେ । ଯେତେବେଳେ କୁଫାର୍‌ଙ୍କ ସେନା ମକା ଆଡକୁ ପଳାୟନ କରୁଥିଲା ସେତେବେଳେ ଅଚାନକ ଖାଲିଦ୍ ବିନ୍ ଓ୍ୱଲିଦ୍ ପଛକୁ ଘୁରି ଚାହିଁଲେ ତ ଦର୍‌ରାଃକୁ ଖାଲି ପଡିଥିବାର ଦେଖିଲେ । ଏଥିରେ ସେ ଉମ୍‌ରୋ ବିନ୍ ଅଲ୍ ଆସ୍‌କୁ ଡାକିଲେ । ଏହି ଦୁଇଜଣ ଏପର୍ଯ୍ୟନ୍ତ ଇସ୍‌ଲାମ୍ ଗ୍ରହଣ କରିନଥିଲେ, ଏବଂ କହିଲେ ଦେଖ କେଡେ ବଢ଼ିଆ ମୌକା । ଆସ ଆମେ ଏଠାରୁ ଫେରିଯାଇ ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କରିଦେବା । ସୁତରାଂ ସେହି ଦୁଇଜଣ ଜର୍ନେଲ୍ ଛତ୍ରଭଙ୍ଗ ଦେଇଥିବା ସିପାହୀମାନଙ୍କୁ ସମ୍ଭାଳିଲେ ଓ ଇସ୍‌ଲାମୀୟ ସେନାର କାନ୍ଧକୁ କାଟି ପାହାଡ ଉପରେ ଚଢ଼ିଗଲେ । ସେଠାରେ ଯେଉଁକିଛି ମୁସଲ୍‌ମାନ୍ ଉପସ୍ଥିତ ଥିଲେ ଓ ସେମାନେ ଶତୃମାନଙ୍କ ସହିତ ମୁକାବିଲା କରିବା ପାଇଁ ଶକ୍ତି ରଖିନଥିଲେ, ସେମାନଙ୍କୁ ଖଣ୍ଡ ଖଣ୍ଡ କରିଦେଲେ ଓ ଇସ୍‌ଲାମୀୟ ସେନାର ପଛପଟୁ ଆକ୍ରମଣ କରିଦେଲେ । କୁଫାର୍‌ଙ୍କର ଏହି ଆକ୍ରମଣ ଏପରି ଅଚାନକ ହୋଇଥିଲା ଯେ ଯେଉଁ ମୁସଲ୍‌ମାନ୍‌ମାନେ ବିଜୟର ଖୁସିରେ ଏଣୁତେଣୁ ବ୍ୟାପିଯାଇଥିଲେ, ସେମାନଙ୍କର ପାଦ ଦୃଢ଼ ହୋଇପାରିଲା ନାହିଁ । କେବଳ କିଛି ସାହାବା ଦୌଡି ଆସି ରସୁଲେ କରିମ୍ ସ:ଆ:ସଙ୍କ ଚତୁଃପାର୍ଶ୍ୱରେ ଏକାଠି ହୋଇଗଲେ । ସେମାନଙ୍କର ସଂଖ୍ୟା ଅଧିକରୁ ଅଧିକ କୋଡିଏ ଥିଲା । କିନ୍ତୁ ଏହି କିଛି ଲୋକେ କେତେ ସମୟ ଶତୃର ମୁକାବିଲା କରିପାରିଥାଆନ୍ତେ । ପରିଶେଷରେ ଗୋଟିଏ ଭିଡ ଯୋଗୁ ମୁସଲ୍‌ମାନ୍ ସିପାହୀମାନେ ମଧ ପଛକୁ ପଛକୁ ଚାଲିଗଲେ ଏବଂ ରସୁଲେ କରିମ୍ ସ:ଆ:ସ ଯୁଦ୍ଧ କ୍ଷେତ୍ରରେ ଏକାକୀ ରହିଗଲେ । ଏହିପରି ଅବସ୍ଥାରେ ଆପଣ ସ:ଆ:ସଙ୍କ ଖୁଦ୍ (ଯୁଦ୍ଧ ସମୟରେ ମୁଣ୍ଡରେ ଯେଉଁ ହେଲ୍‌ମେଟ୍ ପିନ୍ଧାଯାଏ)ରେ ଗୋଟିଏ ପଥର ଆସି ଲାଗିଲା, ଯଦ୍ୱାରା ଖୁଦ୍‌ର କଂଟା ଆପଣଙ୍କ ମୁଣ୍ଡ ଭିତରେ ପଶିଗଲା । ଫଳତଃ ଆପଣ ସ:ଆ:ସ ବେହୋସ୍ ହୋଇ ଗୋଟିଏ ଗାଢ଼ ଭିତରେ ପଡ଼ିଗଲେ'' । (ଯାହା ପୂର୍ବରୁ ବର୍ଣ୍ଣନା ହୋଇସାରିଛି ଯେ ପୁଣି ଜଣେ ସାହାବୀ ଆସି ଉକ୍ତ କଂଟାଟିକୁ ବାହାର କଲେ, ଫଳତଃ ତାଙ୍କର ଦାନ୍ତ ମଧ ଭାଙ୍ଗିଗଲା) ''ଯେଉଁକିଛି ଦୁଷ୍ଟ ପ୍ରକୃତିର ଲୋକେ ଇସ୍‌ଲାମୀୟ ସେନାକୁ କ୍ଷତି ପହଂଚାଇବା ପାଇଁ ଗାଢ଼ ଖୋଳି ରଖିଥିଲେ'' (ଏକ ପ୍ରକାରର ଗାଢ଼ ତିଆରି ହୋଇଥିଲା ଓ ତା ଉପରେ ଘାସ ଇତ୍ୟାଦି ଢ଼ଙ୍କା ଯାଇଥିଲା । ଫଳତଃ ଜଣାପଡୁନଥିଲା କି ଏହା ଗୋଟିଏ ଗାଢ଼ ବୋଲି । ସେଥିରେ ଆଁ ହଜ୍‌ରତ୍ ସ:ଆ:ସ ପଡ଼ିଗଲେ) ''ଏହାପରେ ଆଉକିଛି ସାହାବା ଶହୀଦ୍ ହୋଇଗଲେ ଏବଂ ସେମାନଙ୍କର ଲାସ୍ ଆପଣ ସ:ଆ:ସଙ୍କ ପବିତ୍ର ଶରୀର ଉପରେ ଯାଇ ପଡ଼ିଲା ଓ ଲୋକମାନଙ୍କ ମଧରେ ଏକଥା ବ୍ୟାପିଗଲା ଯେ ରସୁଲେ କରିମ୍ ସ:ଆ:ସ ଶହୀଦ୍ ହୋଇଯାଇଛନ୍ତି ବୋଲି । କିନ୍ତୁ ଯେଉଁ ସାହାବାମାନେ କୁଫାର୍‌ମାନଙ୍କ ଦ୍ୱାରା ଦଳଗତ ଆକ୍ରମଣ ଯୋଗୁ ପଛକୁ ଘୁଂଚି ଯାଇଥିଲେ ସେମାନେ କୁଫାର୍‌ଙ୍କ ପଛକୁ ଘୁଂଚିଯିବା ଯୋଗୁ ପୁଣି ରସୁଲେ କରିମ୍ ସ:ଆ:ସ ଚତୁଃପାର୍ଶ୍ୱରେ ଏକତ୍ରିତ ହୋଇଗଲେ ଏବଂ ସେମାନେ ଆପଣ ସ:ଆ:ସଙ୍କୁ ଗାଢ଼ ଭିତରୁ ବାହାରକୁ ବାହାର କଲେ । ଅଳ୍ପ ସମୟ ପରେ ରସୁଲେ କରିମ୍ ସ:ଆ:ସଙ୍କ ଚେତା ଫେରିଆସିଲା । ଫଳତଃ ଆପଣ ସ:ଆ:ସ ଯୁଦ୍ଧକ୍ଷେତ୍ରର ଚତୁଃପାର୍ଶ୍ୱକୁ ଲୋକ ପଠାଇ ଏ ଖବର ଦେଲେ ଯେ ମୁସଲ୍‌ମାନ୍ ପୁଣି ଏକାଠି ହୋଇଯାଅ ଏବଂ ଆପଣ ସ:ଆ:ସ ସେମାନଙ୍କୁ ସାଥିରେ ନେଇ ପାହାଡ ନିକଟକୁ ଚାଲିଗଲେ ।

ଇସ୍‌ଲାମୀୟ ସେନାଙ୍କୁ କୁଫାର୍‌ମାନଙ୍କ ଉପରେ ବିଜୟ ଲାଭ ହେବା ପରେ ଗୋଟିଏ ଅସ୍ଥାୟୀ ଅସଫଳ ଏଇଥିପାଇଁ ହେଲା ଯେ ସେମାନଙ୍କ ମଧରୁ କିଛି ଲୋକେ....'' (ଏବେ ଏହା ହେଉଛି ଶୁଣିବା ଯୋଗ୍ୟ କଥା । ଆପଣ ର:ଅ ଏ ଫଳ ବାହାର କରୁଛନ୍ତି ଯେ ଇସ୍‌ଲାମୀୟ ସେନାକୁ କୁଫାର୍‌ମାନଙ୍କ ଉପରେ ବିଜୟ ପ୍ରାପ୍ତ ହେବା ପରେ ଗୋଟିଏ ଅସ୍ଥାୟୀ ପରାଜୟ ଏଇଥିପାଇଁ ଲାଗିଲା ତେଣୁ କ୍ଷତି ପହଂଚିଲା କି ସେମାନଙ୍କ ମଧରୁ କିଛି ଲୋକେ) ''ରସୁଲେ କରିମ୍ ସ:ଆ:ସଙ୍କ ଗୋଟିଏ ନିର୍ଦ୍ଦେଶର ଅବମାନନା କଲେ ଓ ଆପଣ ସ:ଆ:ସଙ୍କ ନିର୍ଦ୍ଦେଶ ଉପରେ ଅମଳ କରିବା ପରିବର୍ତେ ନିଜ ମନରୁ ଅର୍ଥ ବାହାର କରି କାମ କରିବା ଆରମ୍ଭ କରିଦେଲେ । ଯଦି ସେମାନେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ପଛରେ ଏପରି ପରିଚାଳିତ ହୋଇଥାନ୍ତେ ଯେଉଁଭଳି ନାଡି ହୃଦୟର ସ୍ପନ୍ଦନର ଅନୁସରଣ କରି ପରିଚାଳିତ ହୋଇଥାଏ । ଯଦି ସେମାନେ ବୁଝିଥାନ୍ତେ ଯେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଟିଏ ନିର୍ଦ୍ଦେଶର ଫଳରେ ଯଦି ସାରା ସଂସାରକୁ ମଧ ନିଜର ଜୀବନ ଉତ୍ସର୍ଗ କରିବାକୁ ପଡେ ତେବେ ତାହା ଏକ ନିରର୍ଥକ ବସ୍ତୁ ହେବ । ଯଦି ସେମାନେ ନିଜସ୍ୱ ଅର୍ଥ କରି ଉକ୍ତ ପାହାଡ ଦର୍‌ରାଃଟିକୁ ଛାଡିନଥାନ୍ତେ ଯାହା ଉପରେ ରସୁଲେ କରିମ୍ ସ:ଆ:ସ ସେମାନଙ୍କୁ ଏ ହିଦାୟତ୍ ଦେଇ ଛିଡା କରାଇଥିଲେ ଯେ ଆମେ ଜିତିଯାଉ ବା ହାରିଯାଉ, କୌଣସି ପରିସ୍ଥିତିରେ ତୁମେ ଏ ସ୍ଥାନରୁ ହଲିବ ନାହିଁ । ତେବେ ନା ଶତୃମାନଙ୍କୁ ପୁନର୍ବାର ଆକ୍ରମଣ କରିବାକୁ ମୌକା ମିଳିଥାନ୍ତା ଏବଂ ନା ମୁହମ୍ମଦ୍ ସ:ଆ:ସ ଓ ତାଙ୍କ ସାହାବାମାନଙ୍କୁ କୌଣସି କ୍ଷତି ପହଂଚିଥାଆନ୍ତା'' । ଆପଣ ର:ଅ କହୁଛନ୍ତି- ଅଲ୍ଲାଃତାଲା ଏହି ଆୟତରେ ମୁସଲ୍‌ମାନ୍ ମାନଙ୍କୁ ଏ କଥା ପ୍ରତି ଧାନ ଆକର୍ଷଣ କରାଇଛନ୍ତି କି ଯେଉଁମାନେ ମୁହମ୍ମଦ୍ ସ:ଆ:ସଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ସମ୍ପୂର୍ଣ୍ଣ ରୂପେ ପରିଚାଳତ ହେଉନାହାଁନ୍ତି ଓ ତାଙ୍କ ନିଜ ମନରୁ ଅର୍ଥ ବାହାର କରି ସେଗୁଡିକୁ ଆପଣ ସ:ଆ:ସଙ୍କ ନିର୍ଦ୍ଦେଶାବଳୀ ଉପରେ ଅଗ୍ରାଧିକାର ଦେଉଛନ୍ତି, ସେମାନଙ୍କୁ ଡରିବା ଉଚିତ୍ କି ଏହା ଫଳରେ କାଳେ ତାଙ୍କ ଉପରେ କୌଣସି ବିପତି ନଆସିଯାଉ ବା ସେମାନେ କୌଣସି ପ୍ରକାର ଭୀଷଣ ଦଣ୍ଡରେ ଦଣ୍ଡିତ ନହୋଇଯାଆନ୍ତୁ । ତେଣୁ ଏଥିରେ ଏକଥା କୁହାଯାଇଛି ଯେ ଯଦି ତୁମେ ସଫଳତା ଲାଭ କରିବାକୁ ଚାହୁଁଛ ତେବେ ତୁମର କାର୍ଯ୍ୟ ଏହା ହେବା ଉଚିତ୍ କି ତୁମେ

ଗୋଟିଏ ହାତ ଉଠାଇବାରେ ଉଠ ଓ ଗୋଟିଏ ହାତକୁ ପକାଇବାରେ ବସିଯାଅ । ଯେପର୍ଯ୍ୟନ୍ତ ଏହି ଆତ୍ମା ଜିବୀତ ରହିବ ସେପର୍ଯ୍ୟନ୍ତ ମୁସଲ୍‌ମାନ୍‌ମାନେ ଜୀବିତ ରହିବେ ଓ ଯେଉଁଦିନ ଏହି ଆତ୍ମା ଶେଷ ହୋଇଯିବ ସେହିଦିନ ଇସ୍‌ଲାମ୍ ତ ଜିବୀତ ରହିବ କିନ୍ତୁ ଖୁଦାତାଲାଙ୍କର ହାତ ସେ ଲୋକମାନଙ୍କର ଗଳା ଚିପିଦେବ, ଯେଉଁମାନେ ମୁହମ୍ମଦ୍ ରସୁଲୁଲ୍ଲାଃଙ୍କ ଆଜ୍ଞାପାଳନ କରୁନଥିବେ'' । (ତଫସିର୍ କବିର, ଖଣ୍ଡ-୬, ପୃଷ୍ଠା-୪୧୦-୪୧୨)

ଆଜି ଦେଖିନିଅନ୍ତୁ ଯେ ଏପରି ଅବସ୍ଥା ମୁସଲ୍‌ମାନ୍‌ମାନଙ୍କର ହୋଇଯାଇଛି । ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ତାଙ୍କ ଉପରୁ ଉଠିଯାଇଛି । ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ଅର୍ଥାତ୍ ଆସିଥିବା ମସିହ୍ ମେହ୍‌ଦୀକୁ ମାନିବା, ତାଙ୍କୁ ମୋର ସଲାମ୍ ପହଂଚାଇବା ଏବଂ ତାଙ୍କୁ ହକମ୍ ଏବଂ ଅଦଲ୍ (ନିର୍ଦ୍ଦେଶକ ଓ ନ୍ୟାୟ ପ୍ରଦାନ କାରୀ) ବିବେଚନା କରିବା ଏପରି ସମସ୍ତ କଥାକୁ ଏବେ ସେହି ଲୋକମାନେ ନିଜ ନିଜର ଅର୍ଥ ବାହାର କରୁଛନ୍ତି । ତେଣୁ ଏହାର ଫଳ ମଧ୍ୟ ଦେଖିନିଅ (କିପରି ବାହାରୁଛି) । ସୁତରାଂ ଏଠାରେ ଅହେମଦୀ ମାନଙ୍କ ପାଇଁ ମଧ୍ୟ ଗୋଟିଏ ଶିକ୍ଷା ରହିଛି । ଗୋଟିଏ ସତର୍କ ସୂଚନା ଅଛି କି ମସିହ୍ ମଉଦ୍ ଆ:ସଙ୍କୁ ଗ୍ରହଣ କରିବା ପରେ ପୁଣି ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ସଫଳତା ଲାଭ କରିବା ଓ ବିଜୟ ଲାଭ କରିବାର ଜମାନତ୍ ଅଟେ । ସୁତରାଂ ପ୍ରତ୍ୟେକଙ୍କୁ ନିଜ ନିଜର ଅବସ୍ଥାକୁ ପରଖିବାର ଆବଶ୍ୟକତା ଅଛି କି କେତେମାତ୍ରାରେ ତାଙ୍କର ଆଜ୍ଞାପାଳନ କରିବାର ସ୍ତର ଅଛି ।

ଏଠାରେ ପ୍ରଥମେ ବର୍ଣ୍ଣନା ହୋଇଥିଲା ଯେ ଅବୁ ସୁଫିୟାନ୍‌ଙ୍କ ସହିତ ଅକ୍‌ରମା ବିନ୍ ଅବୁଜହଲ୍ ଥିଲେ । ଆଉଗୋଟିଏ ହୱାଲାରୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଅନ୍ୟଜଣେ ସାହାବୀ ଉମ୍‌ରୋ ବିନ୍ ଆସ୍‌ଙ୍କ ନାମ ଉଲ୍ଲେଖ କରିଛନ୍ତି କି ସେମାନେ ଦର୍‌ରାଃ ଉପରେ ଆକ୍ରମଣ କରିଥିଲେ । କିଛି ଅନ୍ୟ ରିୱାୟତ୍‌ରେ ମଧ୍ୟ ଅଲଗା ନାମ ରହିଛି । ଏ ସମ୍ୱନ୍ଧରେ ରିସର୍ଚ୍ ସେଲ୍ ଯେଉଁ ଗବେଷଣା କରିଛନ୍ତି ସେଠାରେ ମଧ୍ୟ ସିରତ୍ ପୁସ୍ତକ ଗୁଡିକରେ ଖାଲିଦ୍ ବିନ୍ ୱଲିଦ୍‌ଙ୍କ ସହିତ ଅକ୍‌ରମା ମିଶି ଆକ୍ରମଣ କରିଥିବାର କଥା ମିଳୁଅଛି । (ଶରହ ଜର୍‌କାନି, ଖଣ୍ଡ-୨, ପୃଷ୍ଠା-୪୧୨, ଗଜ୍‌ୱାଏ ୱହଦ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୬)

କିନ୍ତୁ ଏକଥା ମଧ୍ୟ ମିଳୁଛି ଯେ ମୁସ୍‌ରିକ୍‌ମାନେ ତାଙ୍କ ସେନାର ଘୋଡାଚାଳକଙ୍କୁ ଯେଉଁମାନଙ୍କ ନେତୃତ୍ୱରେ ଦେଇଥିଲେ ସେମାନଙ୍କ ମଧ୍ୟରୁ ଉମ୍‌ରୋ ବିନ୍ ଆସ୍ ମଧ୍ୟ ଜଣେ ଥିଲେ । (ତାରିଖୁଲ୍ ଖମିସ୍, ଖଣ୍ଡ-୨, ପୃଷ୍ଠା-୧୯୧, ଗଜ୍‌ୱାଏ ୱହଦ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୯)

ଏ ବିଷୟରେ ସେ କହୁଛନ୍ତି କି ଖାଲିଦ୍ ବିନ୍ ୱଲିଦ୍ ପାହାଡର ଦର୍‌ରାଃଟିକୁ ଖାଲି ସ୍ଥାନ ଦେଖି ଘୋଡାଚାଳକ ମାନଙ୍କ ସହିତ ଆକ୍ରମଣ କଲେ ଓ ଅକ୍‌ରମା ବିନ୍ ଅବୁଜହଲ୍ ତାଙ୍କ ପଛେପଛେ ଆସିଥିଲା । ଏହିପରି ଯଦି ଏହି ତିନିଗୋଟି କଥାକୁ ଗୋଟିଏ ପଟେ ରଖାଯାଏ ତେବେ ପୁଣି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ଏହି ହୱାଲାରେ ମଧ୍ୟ ଓ ବାକି ଇତିହାସ ପୁସ୍ତକ ଗୁଡିକରେ ଲେଖାଯାଇଥିବା ହୱାଲାରେ ମଧ୍ୟ ଏହିପରି ସମାନତା ଦେଖାଯାଇପାରେ କି ଯେହେତୁ ମୁସ୍‌ରିକ୍ ମାନଙ୍କର ଘୋଡାଚାଳକଙ୍କ ନିଗ୍‌ରାନ୍ (ପରିଚାଳକ) ହଜ୍‌ରତ୍ ଉମ୍‌ରୋ ବିନ୍ ଆସ୍ ଥିଲେ । ତେଣୁ ସେ ମଧ୍ୟ ତାଙ୍କ ସହିତ ଥିବେ । ଅର୍ଥାତ୍ ଖାଲିଦ୍ ବିନ୍ ୱଲିଦ୍, ଅକ୍‌ରମା ଏବଂ ଉମ୍‌ରୋ ବିନ୍ ଆସ୍ ତିନିଜଣ ଯାକ ସାଙ୍ଗହୋଇଥିବେ । ଏ ଦୃଷ୍ଟିକୋଣରୁ ଯଦି ଦେଖାଯାଏ ରିୱାୟତ୍‌ରେ କୌଣସି ପ୍ରକାରର ମତଭେଦ ମିଳିବନାହିଁ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ଶହୀଦ୍ ହେବାର ଘଟଣା ଏପରି ଥିଲା କି ଯେତେବେଳେ ଖାଲିଦ୍ ବିନ୍ ୱଲିଦ୍ ଏବଂ ଅକ୍‌ରମା ବିନ୍ ଅବୁଜହଲ୍ ଆକ୍ରମଣ କଲେ ସେତେବେଳେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ (ସେମାନଙ୍କ ଉପରକୁ) ତୀର ଚାଳନା କଲେ । ଏପରିକି ତାଙ୍କର ସମସ୍ତ ତୀର ଶେଷ ହୋଇଗଲା । ପୁଣି ସେ କନ୍ତଦ୍ୱାରା ମୁକାବିଲା କଲେ । ଫଳତଃ ସେ କନ୍ତ ମଧ୍ୟ ଭାଙ୍ଗିଗଲା । ପୁଣି ସେ ନିଜ ତରବାରି ଜରିଆରେ ଯୁଦ୍ଧ କଲେ । ପରିଶେଷରେ ସେ ଶହୀଦ୍ ହୋଇ ତଳେ ପଡିଗଲେ । ତାଙ୍କୁ ଅକ୍‌ରମା ବିନ୍ ଅବୁଜହଲ୍ ଶହୀଦ୍ କରିଛନ୍ତି । ଯେତେବେଳେ ସେ ତଳେ ପଡିଗଲେ ଶତ୍ରୁମାନେ ତାଙ୍କୁ ଘୋସାଡିଲେ ଓ ତାଙ୍କ ଲାସ୍‌କୁ ମୁସ୍‌ଲା (ଲାସ୍‌ର ନାକ କାନ ଇତ୍ୟାଦିକୁ କାଟି ଖଣ୍ଡ ଖଣ୍ଡ କରିଦେବା) କଲେ । ତାଙ୍କ ଶରୀରକୁ କନ୍ତ ଦ୍ୱାରା ଏପରି ଫାଡିଦେଲେ ଯେ ତାଙ୍କର ଅନ୍ତବୁଜୁଳା ମଧ୍ୟ ବାହାରକୁ ବାହାରି ଆସିଗଲା ।

ହଜ୍‌ରତ୍ ଖୱାତ ବିନ୍ ଜୁବୈର୍ କହୁଛନ୍ତି କି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କର ଯେତେବେଳେ ଏପରି ଅବସ୍ଥା ହେଲା ସେତେବେଳେ ମୁସଲ୍‌ମାନ୍ ସେଠାରେ ପହଂଚିଗଲେ ଓ ମୁଁ ମଧ୍ୟ ସେମାନଙ୍କ ସହିତ ଥିଲି । ସେ କହୁଛନ୍ତି କି ମୁଁ ସେ ସ୍ଥାନରେ ହସିଲି ଯେଉଁଠି କୌଣସି ବ୍ୟକ୍ତି ହସେନାହିଁ (ସେ ନିଜର ଅବସ୍ଥାକୁ ବର୍ଣ୍ଣନା କରୁଛନ୍ତି) ଓ ଏପରି ସ୍ଥାନରେ ଘୁମେଇଲି ଯେଉଁସ୍ଥାନରେ କୌଣସି ବ୍ୟକ୍ତି ଘୁମାଇନଥାଏ ଓ ଏପରି ସ୍ଥାନରେ ମୁଁ କୃପଣତା ଦେଖାଇଛି ଯେଉଁଠି କୌଣସି ବ୍ୟକ୍ତି କୃପଣତା ଦେଖାଏନାହିଁ । (ଏହି ତିନୋଟି କଥା ଏପରି ଅବସ୍ଥାରେ କୌଣସି ବ୍ୟକ୍ତି କରିପାରେନାହିଁ । ତାଙ୍କୁ କୁହାଗଲା କି ଏପରି ଅବସ୍ଥା କଣ ? ଆପଣ ଏହା କାହିଁକି କଲେ ? ହଜ୍‌ରତ୍ ଖୱାସ୍ କହିଲେ ମୁଁ ଦୁଇ ବାହୁ ଦ୍ୱାରା ଏବଂ ଅବୁ ହନ୍ନା ଦୁଇଟି ଗୋଡ ଦ୍ୱାରା ଧରି ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କୁ ଉଠାଇଲୁ । ମୁଁ ନିଜର ପଗଡି ସାହାଯ୍ୟରେ ତାଙ୍କ କ୍ଷତ ସ୍ଥାନକୁ ବାନ୍ଧିଦେଲି । ଯେତେବେଳେ ଆମେ ତାକୁ ଉଠାଇ ଧରିଥିଲୁ ସେତେବେଳେ ମୁସ୍‌ରିକ୍‌ମାନେ ଗୋଟିଏ ପଟେ ଥିଲେ । ମୋ ପଗଡିଟି ତାଙ୍କ କ୍ଷତ ସ୍ଥାନରୁ ଖୋଲିଗଲା ଓ ତଳେ ପଡ଼ିଗଲା ଏବଂ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କର ଅନ୍ତବୁଜୁଳା ବାହାରକୁ ବାହାରି ପଡିଲା । ଏଥିରେ ମୋ ସାଥିଜଣକ ଘାବରାଇଗଲା ଏବଂ ଶତ୍ରୁମାନେ ନିକଟରେ ଅଛନ୍ତି ବୋଲି ଭାବି ନିଜ ପଛକୁ ଦେଖିବାକୁ ଲାଗିଲା । ଏକଥାରେ ମୁଁ ହସିଦେଲି (ଅର୍ଥାତ୍ ଏ ସମୟରେ କଣ କରୁଅଛ) । ପୁଣି ଜଣେ ବ୍ୟକ୍ତି ନିଜର କନ୍ତକୁ ନେଇ ଆଗକୁ ବଢ଼ିଲା ଓ ମୋ ଗଳାପାଖକୁ ତାହା ଆଣୁଥିଲା ଯେ ମୋତେ ନିଦ ଲାଗିଗଲା ଓ କନ୍ତଟି ଦୂରେଇଗଲା । (ଏହା ମଧ୍ୟ ଅଲ୍ଲାଃତାଲାଙ୍କ ତରଫରୁ ଏକ ପ୍ରକାରର ସାହାଯ୍ୟ ମିଳିଲା । କହୁଛନ୍ତି ନିଦ କାହିଁକି ଆସିଲା ? ଅଲ୍ଲାଃତାଲାଙ୍କ ତରଫରୁ ହିଁ ଆସିଥିଲା । (କାରଣ) ଏପରି ଅବସ୍ଥାରେ ମୁଁ କିଛି କରିପାରିନଥାନ୍ତି । କନ୍ତଟି ସମ୍ପୂର୍ଣ୍ଣ ରୂପେ ମୋ ଗଳା ନିକଟରେ ଥିଲା କିନ୍ତୁ ତାହା ଦୂରକୁ ଚାଲିଗଲା) ଏବଂ ଯେତେବେଳେ ମୁଁ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କ ପାଇଁ କବର୍ ଖୋଳିବା ଆରମ୍ଭ କଲି ସେତେବେଳେ ମୋ ନିକଟରେ ମୋର କମାଣ ଥିଲା । ମାଟି ଚଟାଣଟି ବହୁତ କଠିନ ହୋଇଗଲା ତେଣୁ ଆମେ ତାଙ୍କ ଲାସ୍‌ଟିକୁ ନେଇ ସମତଳ ଯାଗାକୁ ଚାଲିଗଲୁ ଓ ମୁଁ ମୋ କମାଣର ମୁନ ସାହାଯ୍ୟରେ କବର ଖୋଳିଲି ଓ ମୁଁ କହିଲି ଯେ ମୁଁ ଏହି କମାଣର ୱତର୍ ଖରାପ କରିବି ନାହିଁ । ପୁଣି ମୁଁ ତାକୁ ଖୋଲିଦେଲି ଓ କମାଣ ସାହାଯ୍ୟରେ କବର ଖୋଳି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍‌ଙ୍କୁ ସେଠାରେ ଦଫନ କରିଦେଲି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୬୨-୩୬୩, ଅବ୍‌ଦୁଲ୍ଲାଃ ବିନ୍ ଜୁବୈର, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଅଲ୍ଲାଃତାଲା ଯେଉଁଭଳି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜୁବୈର୍ ଓ ତାଙ୍କ ସାଥିମାନଙ୍କୁ ନିଷ୍ଠାର ସହିତ ଏବଂ ହୁକୁମ୍‌ର ଆତ୍ମାକୁ ବୁଝିବା ବାଲା ବନାଇଥିଲା ଆମକୁ ମଧ୍ୟ ସେ ଶକ୍ତି ଦିଅନ୍ତୁ ଯେ ଆମେ ଅଲ୍ଲାଃତାଲାଙ୍କ ଠାରୁ ସେହିଭଳି ନିର୍ଦ୍ଦେଶକୁ ବୁଝିବାବାଲା ଓ ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ବାଲା ହେବା ଓ ସେହିପରି ସର୍ବଦା ଅଲ୍ଲାଃତାଲାଙ୍କ କରୁଣାର ଉତରାଧିକାରୀ ହୋଇଚାଲିବା ।

ନମାଜ ପାଠ ପରେ ମୁଁ ଗୋଟିଏ ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇବି ଓ ତାହା ହେଉଛି ନାଦିରୁଲ୍ ହସ୍‌ନି ସାହେବ୍ କାନାଡାଙ୍କର, ଯିଏ ୨୦ଡିସେମ୍ବର୍ ଦିନ ୮୫ବର୍ଷ ବୟସରେ ଇହଲୀଳା ତ୍ୟାଗକଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ମର୍‌ହୁମ ଜଣେ ପୁଣ୍ୟବନ୍ତ, ନିଷ୍ଠାବାନ୍ ଏବଂ ଭଦ୍ରବ୍ୟକ୍ତି ଥିଲେ । ତାଙ୍କ ମାଲି କୁର୍‌ବାନୀ ମଧ୍ୟ ଉଚ୍ଚ ସ୍ତରର ଥିଲା । ସେ ମୁସି ଥିଲେ । ସେ ତାଙ୍କ ଅନ୍ତେ ତାଙ୍କ ସ୍ତ୍ରୀ ଏବଂ ପୁତ୍ର ଛାଡିଯାଇଛନ୍ତି ଯେଉଁମାନେ ଅହେମଦୀ ନୁହଁନ୍ତି । ସେ ଅବ୍‌ଦୁର୍ ରଉଫ୍ ଅଲ୍‌ହସ୍‌ନି ସାହେବ୍‌ଙ୍କର ସୁପୁତ୍ର ଥିଲେ ଯିଏ ୧୯୩୮ ମସିହାରେ ନିଜ ଭାଇ ମୋହତରମ୍ ମୁନିରୁଲ୍ ହସନୀ ସାହେବ୍‌ଙ୍କ ପରେ ବୟତ କରିଥିଲେ । ଅବ୍‌ଦୁର୍ ରଉଫ୍ ସାହେବ୍ ମଧ୍ୟ ପୁଣ୍ୟବନ୍ତ ଓ ନୀରବ ପ୍ରକୃତିର ଓ ନିଷ୍ଠାପର ବ୍ୟକ୍ତି ଥିଲେ । ଯେତେବେଳେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଶିରିଆ ଗସ୍ତ କଲେ ସେତେବେଳେ ଅବ୍‌ଦୁର୍ ରଉଫ୍ ଅଲ୍ ହସ୍‌ନୀ ସାହେବ୍‌ଙ୍କ ଘରେ ଗୋଟିଏ ରାତ୍ରି ଖାଇବା ପାଇଁ ଯାଇଥିଲେ । ନାଦିରୁଲ୍ ହସନୀ ସାହେବ୍‌ଙ୍କ ମଧ୍ୟରେ ମଧ୍ୟ ନିଜ ବାପାଙ୍କ ସୁଗୁଣ ଗୁଡିକ ମହଜୁଦ୍ ଥିଲା ଓ ସେ ମଧ୍ୟ ନିଷ୍ଠା ଓ ଭକ୍ତିଭାବର ଉଚ୍ଚତମ ନମୁନା ପେଶ୍ କରିଛନ୍ତି ।

ଅମୀର୍ ସାହେବ୍ କାନାଡା ଲେଖୁଛନ୍ତି କି ମସ୍‌ଜିଦ୍ ବଇତୁଲ୍ ଇସ୍‌ଲାମ୍ ନିର୍ମାଣ ହେବା ପରେ ପ୍ରତ୍ୟେକ ଜୁମା ନିମନ୍ତେ ସେ ଚାରି ଘଂଟା ଡ୍ରାଇଭିଂ କରି ମସ୍‌ଜିଦ୍‌ରେ ପହଂଚୁଥିଲେ ଓ ପୁଣି ସେହିଦିନ ନିଜ ଘର ସଦ୍‌ବୁରୀକୁ ଫେରିଯାଉଥିଲେ । ତାଙ୍କୁ ବାରମ୍ବାର କୁହାଯାଉଥିଲା କି ନମାଜ ଜୁମା ପରେ ଆରାମ କରନ୍ତୁ ଏବଂ ତାପରଦିନ ଫେରିଯାଆନ୍ତୁ । କିନ୍ତୁ ସେ ସର୍ବଦା ନିଜର ବିଶେଷ ଶୈଳୀରେ କୌଣସି ନ କୌଣସି ବାହାନା କରି ଫେରିଯାଉଥିଲେ, ଯଦ୍ୱାରା ଜମାତ୍ ଉପରେ କୌଣସି ପ୍ରକାରର ବୋଝ ନପଡୁ । ଏହି ଶୈଳୀ ସେ ନିଜର ଶେଷ ରୋଗଗ୍ରସ୍ତ ଅବସ୍ଥାରେ ମଧ୍ୟ ଜାରି ରଖିଥିଲେ ଏବଂ ବର୍ଷ ବର୍ଷ ଧରି ମସ୍‌ଜିଦ୍ ବଇତୁଲ୍ ଇସ୍‌ଲାମ୍‌ରେ ନମାଜ ଜୁମା ସମୟରେ ମୁଅଜନ୍ ମଧ୍ୟ ଥିଲେ । ଅଜାନ୍ ଦେବାର ଏକ ସ୍ୱତନ୍ତ୍ର ଶୈଳୀ ତାଙ୍କର ଥିଲା, ଯାହାକୁ ଶୁଣିବା ପରେ ଏକ ପ୍ରକାର ବିଶେଷ ଅନୁଭବ ସୃଷ୍ଟି ହେଉଥିଲା ।

ମର୍‌ହୁମ୍‌ଙ୍କ ଗଏର୍ ଅହେମଦୀ ସ୍ତ୍ରୀ ସୁମୈୟା ସାହିବା ଏହା ଲେଖୁଛନ୍ତି ଯେ ଅଲ୍ଲାଃତାଲା ନାଦିରୁଲ୍ ହସ୍‌ନି ସାହେବ୍‌ଙ୍କୁ ନିଜର ବ୍ୟାପକ ସ୍ୱର୍ଗରେ ସ୍ଥାନ ଦିଅନ୍ତୁ । ସେ ନିଜ ଘରଲୋକମାନଙ୍କ ପାଇଁ ଓ ଜମାତ୍ ପାଇଁ ବହୁତ ସଚ୍ଚା, ସିଧା, ସ୍ୱଚ୍ଛ, ଦିଆନତ୍‌ଦାର୍ ଏବଂ ନିଷ୍ଠାବାନ୍ ବ୍ୟକ୍ତି ଥିଲେ । ପ୍ରତ୍ୟେକ ଅଭାବୀ ଲୋକଙ୍କ ଅଭାବକୁ ପୁରଣ କରିବା ପାଇଁ ଚେଷ୍ଟା କରୁଥିଲେ ଓ ସେମାନଙ୍କ ସହିତ ବହୁତ ସ୍ନେହର ବ୍ୟବହାର କରୁଥିଲେ । ଜଣେ ଗଏର୍ ଅହେମଦୀ ଗରିବ ମହିଳାକୁ ନିଜ ସାମର୍ଥ୍ୟ ଅନୁସାରେ ଗୁପ୍ତ ସାହାଯ୍ୟ କରୁଥିଲେ । ଯେତେବେଳେ ଆମେ ତାଙ୍କ ସହିତ ମିଶିବା ପାଇଁ ଯାଉଥିଲୁ ସେତେବେଳେ ମର୍‌ହୁମ୍ ନାଦିର୍ ସାହେବ୍ ପ୍ରଥମେ ବଜାରକୁ ଯାଇ ତାଙ୍କ ପାଇଁ ଆବଶ୍ୟକୀୟ ଜିନିଷ କିଣନ୍ତି । ପୁଣି ତାଙ୍କ ଘରକୁ ଯାଆନ୍ତି । ମୃତ୍ୟୁ ପର୍ଯ୍ୟନ୍ତ ଏହି ଧାରା ଜାରି ରହିଲା । ତାଙ୍କ ସ୍ତ୍ରୀ ପୁଣି କହୁଛନ୍ତି କି ମୁଁ ମୋ ଜୀବଦଶାରେ ତାଙ୍କ ପରି କାହାକୁ ବେମାର ଅବସ୍ଥାରେ ଧୈର୍ଯ୍ୟ ଧରିବାବାଲା ବ୍ୟକ୍ତି ଦେଖିନାହିଁ । ପ୍ରତ୍ୟେକ ସମୟ ଅଲ୍‌ହମ୍‌ଦୋଲିଲ୍ଲାଃ ର ଶବ୍ଦ ମୁହଁରୁ ବାହାରୁଥିଲା । ଅଲ୍ଲାଃଙ୍କ ଭୟ ହୃଦୟରେ ସର୍ବଦା ରଖୁଥିଲେ ଏବଂ ଅଲ୍ଲାଃଙ୍କ ଗୁଣଗାନ କରୁଥିଲେ । ପାଂଚବେଳା ନମାଜ ଏବଂ ତହଜୁଦ୍ ନିୟମିତ ପାଠ କରୁଥିଲେ । ତାଙ୍କର ସମସ୍ତ ପରିଚିତ ବ୍ୟକ୍ତି ତାଙ୍କର ଏପରି ପୁଣ୍ୟ ମିଜାଜ୍‌କୁ ଜାଣିଥିଲେ ।

ମୋତଜ୍ କଜକ୍ ସାହେବ୍ କାନାଡାରୁ ଲେଖୁଛନ୍ତି କି ଶିରିଆରେ ରହଣୀ ସମୟରେ ନାଦରୁଲ୍ ହସନୀ ସାହେବ୍‌ଙ୍କ ସମ୍ୱନ୍ଧରେ ଶୁଣିଛି । ହସନୀ ଫ୍ୟାମିଲି ଜମାତ୍ ସହିତ ନିଷ୍ଠାଭାବ ଓ ଖିଲାଫତ୍ ସହିତ ସଂପୃକ୍ତି ନିମନ୍ତେ ଚିହ୍ନିତ । କାନାଡା ପହଂଚିବା ପରେ ମୋକରମ୍ ନାଦିରୁଲ୍ ହସନୀ ସାହେବ୍‌ଙ୍କ ସହିତ ମୋର ମସ୍‌ଜିଦ୍‌ରେ ସାକ୍ଷାତ୍ ହେଲା । ସେ ଅତ୍ୟନ୍ତ ପୁଣ୍ୟ ସ୍ୱଭାବର ଓ ହସହସ ମୁଖ ବ୍ୟକ୍ତି ଥିଲେ । ତାଙ୍କ ସହିତ କଥା କହିବା ସମୟରେ ତାଙ୍କ ନିକଟରେ ଥିବା ଖିଲାଫତ୍ ସହିତ ପ୍ରେମଭାବ ଓ ମସ୍‌ଜିଦ୍‌ରେ ସାଙ୍ଗସାଥିଙ୍କ ସହିତ ସାକ୍ଷାତ୍ କରିବାର ସଉକ୍ ମୋତେ ବହୁତ ପ୍ରଭାବିତ କରିଛି । ସେ କହୁଛନ୍ତି କି ତାଙ୍କର ନିୟମିତ ନମାଜ ପଢ଼ିବା ଆମ ସମସ୍ତଙ୍କ ପାଇଁ ଏକ ଉଦାହରଣ ଥିଲା । ସେଥିରୁ ଆମେ ଶିକ୍ଷା ନେବା ଉଚିତ୍ । କହୁଛନ୍ତି କି ତାଙ୍କ ମୃତ୍ୟୁପରେ ତାଙ୍କ ସ୍ତ୍ରୀ ଓ ପୁତ୍ର ଟୋରାଂଟୋ ଆସିଲେ ଏବଂ ଏ ଅଧମକୁ ଜମାତି ବ୍ୟବସ୍ଥା ଅନ୍ତର୍ଗତ ସେମାନଙ୍କ ସେବା କରିବାର ସୌଭାଗ୍ୟ ମିଳିଲା । ତାଙ୍କ ଅନ୍ତେଷ୍ଟିକ୍ରିୟାରେ ସାହାଯ୍ୟ କରିବାର ସୌଭାଗ୍ୟ ମିଳିଲା । ତାଙ୍କ ସ୍ତ୍ରୀ ମୋତେ ବତାଇଲେ କି ଆମ ଇଲାକାରେ ତିନୋଟି ମସ୍‌ଜିଦ୍ ଅଛି ଏବଂ ଏ ସବୁ ଗୁଡିକ ମୁସଲ୍‌ମାନ୍ ମାନଙ୍କ ମସ୍‌ଜିଦ୍ ଅଟେ । ସମସ୍ତେ ମୋତେ ମର୍‌ହୁମ୍‌ଙ୍କ ଯନାଜାଃ ଇତ୍ୟାଦି ସମ୍ୱନ୍ଧରେ ପଚାରିଲେ କିନ୍ତୁ ମୁଁ ସେମାନଙ୍କୁ ଉତର ଦେଇଦେଲି (ଇଏ ହେଉଛନ୍ତି ଗଏର୍ ଅହେମଦୀ) କି ମର୍‌ହୁମ୍‌ଙ୍କ ଯନାଜାଃ ସେହି ମସ୍‌ଜିଦ୍‌ରୁ ହିଁ ଉଠିବ ଯେଉଁଠି ସେ ନମାଜ ପାଠ କରୁଥିଲେ । ପୁଣି କଜକ୍ ସାହେବ୍ କହୁଛନ୍ତି କି ମର୍‌ହୁମ୍‌ଙ୍କ ତାବୁତ୍ ଯେତେବେଳେ କବର୍ ଭିତରେ ରଖାଯାଉଥିଲା ନିଜ ଚାଚା ମୋକରମ୍ ଅଲ୍‌ହାଜ୍ ସାମି କଜକ୍ ସାହେବ୍‌ଙ୍କ ଗୋଟିଏ କଥା ମନେପକାଇ ମୋ ଆଖି ଲୁହରେ ଭରିଗଲା । କଜକ୍ ସାହେବ୍‌ଙ୍କ ଚାଚାଙ୍କର ଯେବେ ମୃତ୍ୟୁ ହେଲା ସେ କହୁଛନ୍ତି ମୃତ୍ୟୁର ନିକଟ ସମୟରେ ମୁଁ ତାଙ୍କ ପାଖରେ ଥିଲି । ସେ ଗୋଟିଏ ଦିନ କାନ୍ଦିକାନ୍ଦି ମୋତେ କହିଲେ କି ସୈୟଦି ହଜ୍‌ରତ୍ ଅମିରୁଲ୍ ମୁମିନୀନ୍ ଅ:ବ:ଅଙ୍କୁ ଏତେଲା କରିଦିଅ ଯେ ମୋତେ ତାଙ୍କ ସହିତ ବହୁତ ପ୍ରେମଭାବ ରହିଛି ଏବଂ ମୁଁ ମୋ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଖିଲାଫତ୍‌ର ୱଫାଦାର୍ ରହିବି । ମୋ ମତରେ ତାଙ୍କ ଦେହାନ୍ତ ବୋଧହୁଏ ଖିଲାଫତେ ସାଲ୍‌ସା ସମୟରେ ହୋଇଥିବ । ସେ ଯାହାହେଉ ତାଙ୍କର ଏହି ବାକ୍ୟ ଥିଲା । ମର୍‌ହୁମ୍ ନାଦିର୍ ସାହେବ୍‌ଙ୍କ ସମ୍ୱନ୍ଧରେ ମଧ୍ୟ କଜକ୍ ସାହେବ୍ ଲେଖୁଛନ୍ତି କି ନାଦିର୍ ସାହେବ୍‌ଙ୍କ ସମ୍ୱନ୍ଧରେ ମଧ୍ୟ ମୋର ଏହି ମନୋଭାବ ରହିଛି । ସେ ମଧ୍ୟ ଖିଲାଫତ୍ ସହିତ ବହୁତ ଭକ୍ତି ଓ ପ୍ରେମଭାବର ସମ୍ପର୍କ ରଖିଥିଲେ । ଏହିଭଳି ଲୋକମାନଙ୍କ ପାଇଁ ଅଲ୍ଲାଃତାଲାଙ୍କର ଏହି ଉକ୍ତି ଉଦ୍ଦିଷ୍ଟ ହୋଇଛି ଯେ *ମିନଲ୍ ମୁମିନୀନା ରିଜାଲୁନ୍ ସଦକୁ ମା ଆହଦୁଲ୍ଲାହା ଆଲୈହେ । ଫମିନ୍‌ହୁମ୍ ମନ୍ କଜାଆ ନହ୍‌ବହୁ ୱମିନ୍‌ହୁମ୍ ମୈଁ ଯନ୍‌ତଜିରୁ । ୱମା ବଦ୍ଦଲୁ ତବ୍‌ଦିଲା ।* (ଅହ୍‌ଜାବ୍:୨୪)

*ଅବଶିଷ୍ଟାଂଶ ପୃଷ୍ଠା-୯ ରେ ଦେଖନ୍ତୁ...*

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*
ଗୁଡ଼ିକୁ ଦେଖିଲେ ।

-----------------

**୧୭ ସେପ୍ଟେମ୍ବର୍ ୨୦୧୮ (ସୋମବାର)**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୬ଟା ସମୟରେ ତମ୍ବୁ ଭିତରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍ତରି ଡାକ ଏବଂ ରିପୋର୍ଟସ୍ ଇତ୍ୟାଦିକୁ ତଦାରଖ କଲେ ଓ ବିଭିନ୍ନ ପ୍ରକାରର ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ଲିପ୍ତ ରହିଲେ ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ୧୧:୧୫ ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ କାର୍ଯ୍ୟାଳୟରେ ପଦାର୍ପଣ କଲେ ଯେଉଁଠି ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସକାଳବେଳାର ଏହି ଶେଷନ୍‌ରେ ୫୪ଟି ଫ୍ୟାମିଲି ଏବଂ ୨୦ଜଣ ସଦସ୍ୟ ବ୍ୟକ୍ତିଗତ ରୂପେ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ୍ କରିଥିବା ଲୋକମାନଙ୍କ ମୋଟ ସଂଖ୍ୟା ଥିଲା ୨୨୧ । ବେଲ୍‌ଜିୟମ୍‌ର ନୂଆ ଜମାତ୍ ଗୁଡ଼ିକରୁ ଆସିଥିବା ସଦସ୍ୟମାନେ ଓ ଫ୍ୟାମିଲି ଗୁଡ଼ିକ ବ୍ୟତୀତ ବାହାର ଦେଶ ଗୁଡ଼ିକରୁ ଯଥା ଇଟାଲୀ, କାନାଡା ଏବଂ ସାଉଦୀଆରବ ରୁ ଆସିଥିବା ସଦସ୍ୟମାନେ ମଧ୍ୟ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏମାନେ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ବହୁତ ସ୍ନେହର ସହିତ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର କୁନି କୁନି ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୨:୧୫ ପର୍ଯ୍ୟନ୍ତ ଜାରି ରହିଲା ।

**ଏଲାନେ ନିକାହ୍ (ନିକାହ୍ ଘୋଷଣା)**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍ ଭିତରେ ପ୍ରବେଶ କଲେ ଓ ନମାଜ ଜୋହର୍ ଏବଂ ଅସର୍ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିମ୍ନଲିଖିତ ତିନୋଟି ନିକାହ୍‌ର ଏଲାନ୍ କଲେ ।

ଅଜିଜା କନ୍‌ଜାଃ ମେହ୍‌ମୁଦ୍ ସୁପୁତ୍ରୀ ମୋକରମ୍ ମଲକ୍ ବେଶାରତ୍ ମେହ୍‌ମୁଦ୍ ସାହେବ୍ ବେଲ୍‌ଜିୟମ୍‌ଙ୍କ ନିକାହ୍ ଅଜିଜମ୍ ଶୋଏବ୍ ତାହିର୍ କୁରୈଶି (ଫିନ୍‌ଲାଣ୍ଡ) ସୁପୁତ୍ର ମୋକରମ୍ ଅବ୍‌ଦୁସ୍ ସମଦ୍ କୁରୈଶି ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ସାରା ବେଗ୍ ସୁପୁତ୍ରୀ ମୋକରମ୍ ରିୟାଜ୍ ଅହେମଦ୍ ବେଗ୍ ସାହେବ୍‌ଙ୍କ ନିକାହ୍ ଅଜିଜମ୍ ତଲ୍‌ହା ରଶିଦ୍ ସୁପୁତ୍ର ମୋକରମ୍ ଖୁରଶିଦ୍ ରଶିଦ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଶହ୍‌ୱାଲ୍ ଅହେମଦ୍ ସୁପୁତ୍ରୀ ମୋକରମ୍ ଓ୍ୱହିଦ୍ ଅହେମଦ୍ ସାହେବ୍‌ଙ୍କ ନିକାହ୍ ଅଜିଜମ୍ ଏହ୍‌ସାନୁଲ୍ ହକ୍ ସୁପୁତ୍ର ମୋକରମ୍ ଇନାମୁଲ୍ ହକ୍ ସାହେବ୍‌ଙ୍କ ସହିତ ଧାର୍ଯ୍ୟ ହେଲା ।

ନିକାହ୍ ଘୋଷଣା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ''ଦୁଆ କରନ୍ତୁ ଅଲ୍ଲାଃତାଲା ଏହି ସମସ୍ତ ବନ୍ଧୁକୁ ପ୍ରତି କ୍ଷେତ୍ରରୁ ବା ବର୍‌କତ୍ କରନ୍ତୁ । ଏମାନେ ଜଣେ ଅନ୍ୟଜଣକର ଧ୍ୟାନ ରଖିବାବାଲା ହୁଅନ୍ତୁ । ଏମାନଙ୍କଠାରୁ ପୁଣ୍ୟ ସନ୍ତାନ ଜନ୍ମ ହୁଅନ୍ତୁ । ଜମାତ୍‌ର ଏବଂ ଦୀନ୍‌ର ସେବକ ହୁଅନ୍ତୁ । ଦୁଆ କରିନିଅ'' । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଦୁଇପକ୍ଷଙ୍କ ସଙ୍ଗେ ହାତ ମିଳାଇବା ପାଇଁ ସୌଭାଗ୍ୟ ପ୍ରଦାନ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଉପରବେଳା ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

**ଫ୍ୟାମିଲ୍ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ସନ୍ଧ୍ୟା ୬ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍ତର୍‌ରେ ପଦାର୍ପଣ କଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସନ୍ଧ୍ୟାବେଳର ଏହି ପ୍ରୋଗ୍ରାମ୍‌ର ୪୭ଜଣ ଫ୍ୟାମିଲିର ୨୧୭ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ । ବେଲ୍‌ଜିୟମ୍‌ର ବିଭିନ୍ନ ଜମାତ୍‌ରୁ ଆସିଥିବା ଫ୍ୟାମିଲି ଗୁଡ଼ିକ ବ୍ୟତୀତ ଫ୍ରାନ୍‌ସରୁ ଆସିଥିବା ଗୋଟିଏ ଫ୍ୟାମିଲି ମଧ୍ୟ ସାକ୍ଷାତ୍‌କାର କରିବାର ସୌଭାଗ୍ୟ ପାଇଲେ । ଏମାନେ ସମସ୍ତେ ନିଜ ପ୍ରିୟ ଆକାଙ୍କ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ । ସେହିଭଳି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା ହାସଲ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଏବଂ ଛୋଟ ଛୋଟ ପିଲାମାନଙ୍କୁ ବହୁତ ସ୍ନେହର ସହିତ ଚକୋଲେଟ୍ ପ୍ରଦାନ କଲେ ।

ଆଜି ସାକ୍ଷାତ୍‌କାର କରିଥିବା ଲୋକମାନଙ୍କ ମଧ୍ୟରେ ବିଭିନ୍ନ ଆରବଦେଶ ଗୁଡ଼ିକରୁ ଆସିଥିବା ନୌମୁବାଏ (ନୂତନ ଅହେମଦୀ) ଫ୍ୟାମିଲି ଗୁଡ଼ିକ ମଧ୍ୟ ସାମିଲ୍ ଥିଲା । କିଛି ଫ୍ୟାମିଲିର ସଦସ୍ୟମାନେ ନିଜ ଜୀବନର ପ୍ରଥମଥର ପାଇଁ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଉଥିଲେ । କିଛି ଲୋକେ ଉକ୍ତ ପ୍ରସଙ୍ଗରେ ନିଜର ମନୋଭାବକୁ ବ୍ୟକ୍ତ ମଧ୍ୟ କରିଛନ୍ତି ।

**ଜମାତ୍‌ର ସଦସ୍ୟମାନଙ୍କ**
**ମନୋଭାବ ବ୍ୟକ୍ତ**

ତୌଫିକୁଲ୍ ଜମ୍‌ଆଦି ସାହେବ୍ କହୁଛନ୍ତି:- ମୋତେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ପ୍ରଥମଥର ପାଇଁ ନିଜ ଫ୍ୟାମିଲି ମାନଙ୍କ ସଙ୍ଗେ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ଯେତେବେଳେ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ କାର୍ଯ୍ୟାଳୟରେ ପ୍ରବେଶ କଲି ସେତେବେଳେ ମୋତେ ଏପରି ଅନୁଭବ ହେଉଥିଲା କି ମୁଁ ଆଉଗୋଟିଏ ସଂସାରରେ ଦାଖଲ ହେଉଅଛି । ଏତେମାତ୍ରାରେ ଆଧ୍ୟାତ୍ମିକତା ଏବଂ ଜ୍ୟୋତିପୁର୍ଣ୍ଣ ଚେହେରାକୁ ଦେଖି ମୁଁ ନିଜର ସମସ୍ତ ଅସୁବିଧାକୁ ଭୁଲିଗଲି ଏବଂ ମୁଁ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିବା ମାତ୍ରେ ମୁଁ ଏକଥା ଅନୁଭବ କଲି କି ଯେପରି ମୁଁ ଜଣେ ଇଶ୍ୱର ପୁରୁଷଙ୍କୁ ଦେଖିସାରିଛି ଯାହା ମୋ ଇମାନ୍‌ରେ ବହୁତ ବୃଦ୍ଧି ଘଟାଇଲା । ମୋ ଫ୍ୟାମିଲି ଓ ଦୁଇଜଣ ଝିଅମାନେ ମଧ୍ୟ ଏହିପରି ମନୋଭାବ ରଖିଥିଲେ । ହଜୁର୍ ଅନୁଓ୍ୱର୍ ଆମକୁ ବହୁତ ସ୍ନେହର ସହିତ *ଆଲୈସଲ୍ଲାହୁ ବିକାଫିନ୍ ଅବ୍‌ଦୁହୁ* ର ମୁଦି ମଧ୍ୟ ପ୍ରଦାନ କଲେ ।

ତାଙ୍କ ସ୍ତ୍ରୀ କହୁଛନ୍ତି କି ଏହା ପୂର୍ବରୁ ମୁଁ ଅନ୍ୟମାନଙ୍କ ହାତରେ ହଜୁର୍‌ଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୁଦି ଗୁଡ଼ିକୁ ଦେଖି ଏ ଇଚ୍ଛା କରୁଥିଲି ଯେ କାଳେ ହଜୁର୍ ମୋତେ ମଧ୍ୟ କେବେ କୌଣସି ମୁଦି ପ୍ରଦାନ କରନ୍ତେ କି । ଆଜି ସେହି ଇଚ୍ଛା କରିନଥିବା ସତ୍ତ୍ୱେ ମଧ୍ୟ ହଜୁର୍ ଅନୁଓ୍ୱର୍ ମୋତେ ଗୋଟିଏ ମୁଦି ପ୍ରଦାନ କଲେ । ଆମେ ହଜୁର୍ ଅନୁଓ୍ୱର୍‌ଙ୍କ କୃତଜ୍ଞତା ଜ୍ଞାପନ କରୁଛି କି ହଜୁର୍ ଆମ ଜଲ୍‌ସାରେ ଯୋଗ ଦେଇଛନ୍ତି ଓ ଇଶ୍ୱର କରନ୍ତୁ ଯେ ହଜୁର୍ ଆମର ଏ ଜଲ୍‌ସାରେ ଯୋଗ ଦେବାପାଇଁ ବାରମ୍ବାର ଆସୁଥାନ୍ତୁ ।

ମରାକିଶ୍ ସହିତ ସମ୍ପର୍କ ରଖିଥିବା ଜଣେ ବନ୍ଧୁ ମୁହମ୍ମଦ୍ ଅଲ୍ ଗଜ୍‌ରାଓ୍ୱି ସାହେବ୍ ବର୍ଣ୍ଣନା କରୁଛନ୍ତି:- ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଆଜି ମୋତେ ପ୍ରଥମଥର ନିମନ୍ତେ ସୌଭାଗ୍ୟ ମିଳିଛି । ଯେତେବେଳେ ୮ଟା ବାଜିଲା ଓ ସେପର୍ଯ୍ୟନ୍ତ ମୋ ନା ମଧ୍ୟ ଡକାଗଲା ନାହିଁ ସେତେବେଳେ ମୁଁ ଏକଥା ଭାବିଲି ଯେ ବୋଧହୁଏ ଆଜି ମୁଁ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିପାରିବି ନାହିଁ ଓ ଏକଥା ଭାବି ମନେମନେ କାନ୍ଦୁଥିଲି କିନ୍ତୁ ଯେତେବେଳେ ମୋ ନାମ ଡକାଗଲା ସେତେବେଳେ ମୋ ମନ ଶାନ୍ତ ହୋଇଗଲା ଯେ ମୁଁ ମଧ୍ୟ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିପାରିବି । ଯେତେବେଳେ ମୁଁ ହଜୁର୍‌ଙ୍କ ଦଫ୍ତର୍‌ରେ ପ୍ରବେଶ କଲି ଏପରି ଲାଗୁଥିଲା ଯେପରି ମୋ ମନ ଆଧ୍ୟାତ୍ମିକତାରେ ଭରିଯାଇଛି । ଖିଲାଫତ୍‌ର ଗୁରୁତ୍ୱ ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ଦ୍ୱାରା ଜଣାପଡ଼ିଥାଏ । ଆମେ ସମସ୍ତେ ଖଲିଫାଙ୍କ ସହିତ ସମ୍ପର୍କ ରଖିବା ପାଇଁ ବାରମ୍ବାର ସାକ୍ଷାତ୍ କରିବା ଉଚିତ୍ । ହଜୁର୍‌ଙ୍କ ଆଧ୍ୟାତ୍ମିକ ଚେହେରାକୁ ଦେଖି ଯେଉଁ ପ୍ରକାରର ଶାନ୍ତ୍ୱନା ମନକୁ ପହଂଚିଥାଏ ତାହା ମୁଁ ବର୍ଣ୍ଣନା କରିପାରୁନାହିଁ । ସାକ୍ଷାତ୍‌କାର୍ ପରେ ମୁଁ ଅଲଗା ବସିପଡିଲି ଓ ଅଲ୍ଲାଃତାଲାଙ୍କୁ ଧନ୍ୟବାଦ ଅର୍ପଣ କଲି କି ସେ ମୋତେ ଏ ଅବସର ପ୍ରଦାନ କଲେ ଯେ ମୁଁ ଖଲିଫାଙ୍କ ସହିତ ସାକ୍ଷାତ୍ କରିପାରିଲି । ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପରେ ଯିଏ ମଧ୍ୟ ମୋତେ ମିଳୁଥିଲେ ମୁବାରକ୍‌ବାଦ୍ ଦେଉଥିଲେ । ସେତେବେଳେ ମୋ ସମ୍ମୁଖରେ ଉକ୍ତ ଦୃଶ୍ୟପଟଟି ଆସିଯାଉଥିଲା ।

ମରାକିଶ୍ ସହିତ ସମ୍ବନ୍ଧ ରଖିଥିବା ମିସେସ୍ ସୋମିୟା ଯାସିର୍ ସାହିବା ବର୍ଣ୍ଣନା କରୁଛନ୍ତି:- ମୋତେ ଏବର୍ଷ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବାର ପ୍ରଥମଥର ପାଇଁ ମୌକା ମିଳିଛି । ମୁଁ ସାକ୍ଷାତ୍‌କାର୍ ପୂର୍ବରୁ ବହୁତ ଚିନ୍ତିତ ଥିଲି । କିନ୍ତୁ ହଜୁର୍‌ଙ୍କ ଜ୍ୟୋତିର୍ମୟ ଚେହେରାକୁ ଦେଖି ମୁଁ ଅତ୍ୟନ୍ତ ଆନନ୍ଦ ଅନୁଭବ କଲି । ହଜୁର୍‌ଙ୍କ ସହିତ ମିଶିବା ପରେ ଏପରି ଲାଗୁଥିଲା ଯେପରିକି ମୁଁ ମୋ ନିଜର କୌଣସି ନିକଟ ସମ୍ପର୍କୀୟଙ୍କ ସହିତ ବହୁତ ଦିନ ପରେ ସାକ୍ଷାତ୍ କରୁଅଛି । ହଜୁର୍ ଅନୁଓ୍ୱର୍ ଯେଉଁଭଳି ଆମପାଇଁ ତାଙ୍କ ସ୍ନେହକୁ ପରିପ୍ରକାଶ କଲେ ତାହା ମୋ ଉପରେ ଗଭୀର ପ୍ରଭାବ ପକାଇଛି ।

ଆଇଶା ମୋଜଫର୍ ସାହିବାଙ୍କ ସମ୍ବନ୍ଧ ଲେବ୍‌ନାନ୍ ଦେଶ ସହିତ ରହିଛି । ସେ ବର୍ଣ୍ଣନା କରୁଛନ୍ତି ହଜୁର୍ ଅନୁଓ୍ୱର୍‌ଙ୍କର ଗୋଟିଏ ବିଶେଷ ପ୍ରଭାବ ଅଛି । ସେଇଥିପାଇଁ ମୋତେ ଆରାମ ଅନୁଭବ ହେଲା । ମୁଁ ପ୍ରଥମଥର ପାଇଁ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୁଯୋଗ ପାଉଥିଲି । ସେଇଥିପାଇଁ ବହୁତ ଚିନ୍ତିତ ଥିଲି । କିନ୍ତୁ ଯେତେବେଳେ ମୁଁ ପ୍ରବେଶ କଲି ଓ ହଜୁର୍ ମୋ ସହିତ କଥା କହିବା ଆରମ୍ଭ କଲେ ସେତେବେଳେ ମୁଁ ଏକ ପ୍ରକାର ଶାନ୍ତ୍ୱନା ଅନୁଭବ କଲି ଯେପରି ମୁଁ ଜଣେ ମୋର କୌଣସି ବନ୍ଧୁଙ୍କ ସହିତ ବାର୍ତ୍ତାଳାପ କରୁଅଛି ଓ ଏକଥା ମୋତେ ବହୁତ ଆଶ୍ଚର୍ଯ୍ୟ ଚକିତ କରିଦେଲା । ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିବା ହିଁ ଅଲ୍ଲାଃତାଲାଙ୍କ ଦ୍ୱାରା ଏକ ବହୁତ ବଡ ଅନୁଗ୍ରହ । ସାକ୍ଷାତ୍‌କାର୍ କରିବା ପୂର୍ବରୁ ମୁଁ ଅନେକ ନିଜସ୍ୱ କଥା ଭାବି ରଖିଥିଲି କିନ୍ତୁ ସମୟର ସ୍ୱଳ୍ପତା ଯୋଗୁ ମୁଁ ସେଗୁଡିକ ନକହିବା ପାଇଁ ନିଷ୍ପତି ନେଲି । କିନ୍ତୁ ମୁଁ ବହୁତ ଆଶ୍ଚର୍ଯ୍ୟ ଯେ ହଜୁର୍ ମୋ ଠାରୁ ସେହି ସବୁ କଥା ଗୁଡିକ ପଚାରି ବୁଝିଲେ ଯେଉଁ କଥାଗୁଡିକୁ ମୁଁ ଭାବି ରଖିଥିଲି ଯେପରି ହଜୁର୍ ମୋର ମନୋଭାବକୁ ଦେଖୁଥିଲେ । ମୁଁ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶି ବହୁତ ଉତମ ଅନୁଭବ କରୁଅଛି । ଅଲ୍ଲାଃତାଲାଙ୍କ ନିକଟରେ ଏ ପ୍ରାର୍ଥନା କି ସେ ଆମକୁ ଖିଲାଫତ୍‌ର ଆହୁରି ଅଧିକ ନିକଟତର କରାନ୍ତୁ ଓ ଆମକୁ ଖିଲାଫତ୍‌ର ଛତ୍ରଛାୟାତଳେ ରଖି ତା'ର କରୁଣାକୁ ପ୍ରଦାନ କରିଚାଲନ୍ତୁ ।

ଆଓ୍ୱାତିଫ୍ ସାହିବାଙ୍କ ସମ୍ପର୍କ ମରାକିଶ୍ ସହିତ ରହିଛି । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ବେଲ୍‌ଜିୟମ୍‌ରେ ତାଙ୍କର ପ୍ରଥମ ସାକ୍ଷାତ୍‌କାର୍ ହେଲା । ସେ କହୁଛନ୍ତି କି ମୋର ସମ୍ବନ୍ଧ ଗୋଟିଏ ଧାର୍ମିକ କୁଟୁମ୍ବ ସହିତ ରହିଛି । ମୋ ବାପା ହେଉଛନ୍ତି ଜଣେ ମୌଲବୀ ଓ ସେ ଗୋଟିଏ ମସ୍‌ଜିଦ୍‌ରେ ଇମାମ୍ ଅଛନ୍ତି । ମୁଁ ୨୦୦୮ ମସିହାରେ ଗୋଟିଏ ସ୍ୱପ୍ନ ଦେଖିଥିଲି ଯେ ଘୋଷଣା ହେଉଅଛି କି କିଛି ସମୟ ମଧ୍ୟରେ ଟି.ଭି ସ୍କ୍ରିନ୍‌ରେ ଆଁ ହଜ୍‌ରତ୍ ସ:ଆ:ସ ଆବିର୍ଭାବ ହେବେ । ମୁଁ ବହୁତ ସଉକ୍‌ର ସହିତ ସାମ୍‌ନାରେ ଲଗାଯାଇଥିବା ସ୍କ୍ରିନ୍‌କୁ ଦେଖିବା ଆରମ୍ଭ କରିଦେଉଛି । ପରିଶେଷରେ ସେଥିରେ ନବୀ କରିମ୍ ସ:ଆ:ସ ଆବିର୍ଭାବ ହେଉଛନ୍ତି ଓ ମୁଁ ତାଙ୍କୁ ଦେଖି ବହୁତ ଖୁସି ହେଉଛି । ଏହି ସପ୍ନଟି ଦେଖିବାର କିଛି ଦିନ ପରେ ମୁଁ ଘରେ ବସି ବିଭିନ୍ନ ଟି.ଭି ଚ୍ୟାନେଲ୍ ଗୁଡ଼ିକୁ ବଦଳାଇ ବଦଳାଇ ଦେଖୁଥିଲି । ସେହି ସମୟରେ ଏମ୍.ଟି.ଏ ଲାଗିଗଲା ଓ ସେତିକିବେଳେ ସେହି ଫଟଟି ଦେଖିବାକୁ ମିଳିଲା ଯାହାକୁ ମୁଁ କିଛି ଦିନ ପୂର୍ବେ ସ୍ୱନ୍ନରେ ଦେଖିଥିଲି । ସେହି ଫଟୋତଳେ ଲେଖାଥିଲା ଅଲ୍ ମସିହ୍ ଅଲ୍ ମଉଦ୍ ଅଲ୍ ଇମାମ୍ ଅଲ୍ ମେହ୍‌ଦୀ । ଏହା ଦେଖି ମୁଁ କାନ୍ଦିବା ଆରମ୍ଭ କରିଦେଲି ଯେ ମସିହ୍ ମଉଦ୍ ଏବଂ ଇମାମ୍ ମେହ୍‌ଦୀ ଆସି ଚାଲି ମଧ୍ୟ ଗଲେଣି ଓ ଆମକୁ ଏ ବିଷୟରେ କିଛି ଜଣାନାହିଁ ।

ମୁଁ ଚ୍ୟାନେଲ୍ ଦେଖିବା ଆରମ୍ଭ କରିଦେଲି କିନ୍ତୁ ମୋ ମନ ଭିତରେ ଶାନ୍ତି ନଥିଲା । ମୋତେ ଏ ଯୁଗର ଭୟ ଥିଲା ଯେ ଲୋକମାନେ କହିବେ କି ଯଦି ଏହା ସତ୍ୟ ତେବେ ଆମ ଇଲାକାରେ ଏକଥା କେବଳ ତୁମେ ହିଁ ବୁଝିପାରିଲ । ଘର ଲୋକମାନଙ୍କର ମଧ୍ୟ ଭୟ ଥିଲା । ତେଣୁ ମୁଁ ଏମ୍.ଟି.ଏ ତ ଦେଖୁଥିଲି କିନ୍ତୁ ତା'ଠାରୁ ଆଗକୁ ଆଉ ଅଧିକା ପଦକ୍ଷେପ ନେଇପାରୁନଥିଲି । ମୁଁ ଅଲହ୍‌ୱାରୁଲ୍ ମୁବାଶିର୍ ପ୍ରୋଗ୍ରାମ୍ ଦେଖୁଥିଲି ଓ ଏହା ଦେଖି ବହୁତ ଆନନ୍ଦ ଅନୁଭବ କରୁଥିଲି । ଏହାଦ୍ୱାରା ମୋତେ ଏ ବିଶ୍ୱାସ ହୋଇଯାଇଥିଲା ଯେ ଏହି ଜମାତ୍ ଇସ୍‌ଲାମ୍‌ର ପ୍ରତିରକ୍ଷା କରିବା ପାଇଁ ସଚ୍ଚା ଜମାତ୍ ଅଟେ । କିନ୍ତୁ ଲୋକମାନଙ୍କର ଭୟ ମୋତେ ଆଗକୁ ବଢ଼ିବା ପାଇଁ ଦେଉନଥିଲା । ମୁଁ ଜାଣିବା ପାଇଁ ଯେତେବେଳେ ଜମାତ୍ ସମ୍ବନ୍ଧରେ ଲୋକମାନଙ୍କ ସହିତ କଥା ହେବାପାଇଁ ଚେଷ୍ଟା କଲି ସେତେବେଳେ ଏ ସମ୍ବନ୍ଧରେ ବହୁତ ଶକ୍ତ କଥା ଶୁଣିବାକୁ ମିଳିଲା ।

ଏତିକିବେଳେ ମୁଁ ସ୍ୱପ୍ନରେ ଦେଖିଲି ଯେ ଜଣେ ଖିନ୍‌ଜିର୍ (ଘୁଷୁରି) ସଦୃଶ ବ୍ୟକ୍ତି ମୋତେ କହୁଛି ଯେ ଯାହାକୁ ତୁମେ ସତ୍ୟବୋଲି ଜାଣୁଅଛ ତାହା ବାସ୍ତବରେ ମିଥ୍ୟା ଅଟେ । ଏହା ଦେଖିବାର କିଛିଦିନ ପରେ ଗୋଟିଏ ଟି.ଭି ଚ୍ୟାନେଲ୍‌ରେ ଜଣେ ପ୍ରସିଦ୍ଧ ମୌଲବୀ ଜମାତ୍ ବିରୋଧରେ ଫତ୍‌ଓ୍ୱା ଦେଲା ଓ ଜମାତ୍‌କୁ ମିଥ୍ୟା ଅଭିହିତ କରି ତା ଠାରୁ ଦୂରେଇ ରହିବା ପାଇଁ କହିଲା । ଯେତେବେଳେ ମୁଁ ତା'ର ଏକଥା ଶୁଣିଲି ସେତେବେଳେ ନିଜକୁ କହିଲି ଏହା ହେଉଛି ମୋ ଦ୍ୱାରା ଦେଖାଯାଇଥିବା ସ୍ୱପ୍ନର ପ୍ରକୃତ ଅର୍ଥ । ଏ ଲୋକମାନେ ମୋତେ ଅହେମଦୀୟତ୍‌ରୁ ରୋକିବାକୁ ଚାହୁଁଥିଲେ ସେ ଯାହାହେଉ ଏହା ସତ୍ତ୍ୱେ ମଧ୍ୟ ମୁଁ ବୟଅତ୍ କରିବା ପାଇଁ ପଦକ୍ଷେପ ଉଠାଇ ପାରିଲି ନାହିଁ । ଏହି ସମୟରେ ଗୋଟିଏ ରାତିରେ ମୋତେ ସ୍ୱପ୍ନରେ ଏହି ପଦଟି ଶୁଣାଇ ଦିଆଗଲା -

*ଇନ୍ନି ମିନଲ୍ଲାହିଲ୍ ଅଜିଜିଲ୍ ଅକ୍‌ବର୍*
*ହକୁନ୍ ଫହଲ୍ ମିନ୍ ଖାଏଫିମ୍ ମୁତଦବ୍‌ବୀର୍*

ଅର୍ଥାତ୍ ମୁଁ ସେହି ଇଶ୍ୱରଙ୍କ ତରଫରୁ ଅଟେ ଯିଏ ହେଉଛନ୍ତି ପରାକ୍ରମୀ ଏବଂ ତତ୍ୱଜ୍ଞ । ଏହି କଥା ସତ୍ୟ ଅଟେ । ତେଣୁ କିଏ ଅଛି ଯିଏ ଭୟ

କରିବ ଏବଂ ଚିନ୍ତା କରିବ ।

*ଯାଅତ୍ ମରାବିଉଲ୍ ହୁଦା ୱ ରିହାମୁହା*
*ନଜଲତ୍ ଉଜୁହୁନ୍ ବାଦାହା କଲ୍ ଅସ୍‌କରି*

ଅର୍ଥାତ୍ ହିଦାୟତ୍‌ର ଭାରିବର୍ଷା ଆସିଯାଇଛି ଓ ଧିରେଧିରେ ବର୍ଷା ବର୍ଷୁଅଛି ଓ ବଡ ବର୍ଷା ଏହାପରେ ଗୋଟିଏ ସେନା ସଦୃଶ ଆସିବାକୁ ଅଛି ।

*ଜୁଇଲତ୍ ଦିଆରୁଲ୍ ହିନ୍ଦ୍ ଅରଜ ନୁଜୁଲିହା*
*ନସ୍‌ରନ୍ ବିମା ସାରତ୍ ମହଲ୍ଲା ତନସ୍‌ସୁରୀ*

ଅର୍ଥାତ୍ ଉପରୋକ୍ତ ବର୍ଷା ବର୍ଷିବାର ସ୍ଥାନ ହିନ୍ଦୁସ୍ଥାନ୍‌ର ଭୂମିକୁ ଅଭିହିତ କରାଯାଇଛି ସାହାଯ୍ୟକାରୀ ରୂପେ କାରଣ ଇସାଇ ଧର୍ମ ମୁସଲ୍‌ମାନଙ୍କ ମଧ୍ୟରେ ପ୍ରସାର କରିବାର ସ୍ଥାନ ହେଉଛି ତାହା ।

ଉପରୋକ୍ତ ପଦଗୁଡିକ ଏପରି ଶକ୍ତିଶାଳୀ ଓ ବୈଭବର ସହିତ ଶୁଣାଗଲା ଯେ ଏହା ମୋତେ ମନେରହିଗଲା ଏବଂ ତା ପରଦିନ ଏମ୍.ଟି.ଏରେ ସେହି କସିଦା ଶୁଣିଲି ସେତେବେଳେ ମୋ ହୃଦୟ ବିଶ୍ୱାସରେ ପୁର୍ଣ୍ଣ ହୋଇଗଲା କି ଏକଥା ମସିହ୍ ମଉଦ୍ ଆ:ସ ସ୍ୱୟଂ ମୋତେ କହିଛନ୍ତି କି ମୁଁ ହେଉଛି ଇଶ୍ୱରଙ୍କ ତରଫରୁ । ସୁତରାଂ କଣ କିଏ (ଇଶ୍ୱରଙ୍କ) ଭୟ ରଖି ଚିନ୍ତା କରୁଥିବା ବ୍ୟକ୍ତି ଅଛି ଯିଏ ମୋର ଏହି ଦାବୀ ଉପରେ ଚିନ୍ତା କରିବ ।

ସେ ସମୟରେ ମୁଁ ଇଂଟରନେଟ୍‌ରେ ବୟତ୍ ଫର୍ମ୍ ପୂରଣ କରି ପଠାଇଦେଲି ଯାହାର ଉତର ମୋତେ ମଧ୍ୟ ମିଳିଗଲା । କିନ୍ତୁ ମୁଁ ସେ ସମ୍ବନ୍ଧରେ କାହାକୁ ବତାଇଲି ନାହିଁ । ତା ପରେ ମୋର ବିବାହ ହୋଇଗଲା ଓ ମୁଁ ବେଲ୍‌ଜିୟମ୍ ଚାଲି ଆସିଲି । ଏଠାକୁ ଆସିବା ପରେ ମଧ୍ୟ ଜମାତ୍ ସହିତ ମୋର କୌଣସି ଯୋଗାଯୋଗ ହେଲାନାହିଁ । ପୁଣି ଦିନେ ମୁଁ ଘରକୁ ଆସିଥିବା ଡାକ ଚିଠିପତ୍ର ଦେଖୁଥିଲି ଯେ ସେଥିରେ ଜମାତ୍ ତରଫରୁ ପଠାଯାଇଥିବା ଲିଫ୍‌ଲେଟ୍ ଥିଲା । ତାହା ଦେଖିବା କ୍ଷଣି ମୁଁ ଚିହ୍ନିନେଲି ଓ ସେଥିରେ ଦିଆଯାଇଥିବା ଫୋନ୍ ନମ୍ବର୍‌ରେ ଯୋଗାଯୋଗ କଲି । ଏହିପରି ଜମାତ୍ ସହିତ ଏଠାରେ ମୋର ସମ୍ପର୍କ ହେଲା । ବର୍ତମାନ ମୁଁ ଏଠାରେ ଅନୁଷ୍ଠିତ ହେଉଥିବା ପ୍ରତ୍ୟେକ ଜଲ୍‌ସା ଓ ଇଜ୍‌ଲାସ୍ ଗୁଡିକରେ ଯୋଗ ଦେଉଛି । ଏହାପରେ ମୁଁ ପୁନର୍ବାର ରସୁଲୁଲ୍ଲାଃ ସ:ଆ:ସଙ୍କୁ ମସିହ୍ ମଉଦ୍ ଆ:ସଙ୍କ ରୂପରେ ଦେଖିଛି । ସେ ହସୁଥିଲେ ଓ ମୋତେ ଏପରି ଅନୁଭବ ହେଲା ଯେ ମୋର ବୟତ କରିବା ଦ୍ୱାରା ଓ ଜମାତ୍ ସହିତ ସମ୍ପର୍କ ସ୍ଥାପନ ହୋଇଯିବା ଦ୍ୱାରା ସେ ମୋ ଉପରେ ବହୁତ ଖୁସି ଅଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାର୍ କରିବା ପରେ ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି:- ମୁଁ ହଜୁର୍ ଅନୁୱର୍‌ଙ୍କୁ ଦର୍ଶନ କରିବା ପାଇଁ ବହୁତ ଅପେକ୍ଷା କରିଛି । ଯେତେବେଳେ ହଜୁର୍ ବେଲ୍‌ଜିୟମ୍ ଆସିଲେ ମୋତେ ଏପରି ଅନୁଭବ ହେଲା ଯେପରି କି ଆପଣଙ୍କ ଆଗମନ ଦ୍ୱାରା ଆକାଶ ଖୁସି ହୋଇଯାଇଛି । ଯେତେବେଳେ ହଜୁର୍ ମହିଳାମାନଙ୍କ ଟେଂଟ୍ ଭିତରେ ପ୍ରବେଶ କଲେ ସେତେବେଳେ ମୁଁ ମୋ ଭାବନାକୁ ଆୟତରେ ରଖିପାରିଲି ନାହିଁ, ଫଳତଃ ମୁଁ କାନ୍ଦି ଚାଲିଲି । ମୁଁ ମୋ ସମ୍ମୁଖରେ ଜଣେ ଇଶ୍ୱର ପୁରୁଷଙ୍କୁ ଚାଲୁଥିବାର ଦେଖୁଥିଲି । ମୁଁ ନବୀ କରିମ୍ ସ:ଆ:ସ ଏବଂ ଇମାମ୍ ମେହ୍‌ଦୀ ଆ:ସଙ୍କୁ ମନେ ପକାଉଥିଲି । ଯେତେବେଳେ ମୁଁ ଆପଣଙ୍କ କାର୍ଯ୍ୟାଳୟ ଭିତରେ ପ୍ରବେଶ କଲି ସେଠାରେ ଏକପ୍ରକାର ଜ୍ୟୋତି ଦେଖିଲି ଓ ତାହାଦ୍ୱାରା ଏପରି ଶାନ୍ତି ଅନୁଭବ କଲି ଯାହା ମୁଁ ପୂର୍ବରୁ କେବେ ଅନୁଭବ କରିନଥିଲି ।

ହଜୁର୍‌ଙ୍କର ହସ ଏବଂ ମୋ ପ୍ରତି ହଜୁର୍‌ଙ୍କର ଧ୍ୟାନ ଆକର୍ଷଣ ହେବାଦ୍ୱାରା ମୋ ମଧ୍ୟରେ ଥିବା ସମସ୍ତ ପ୍ରତିବନ୍ଧକ ଦୂର ହୋଇଗଲା । ମୋତେ ଏପରି ଲାଗିଲା ଯେପରି ମୁଁ ହଜୁର୍‌ଙ୍କୁ ବହୁତ ଦିନ ହେବ ଜାଣିଛି । ଯେପରି ସେ ମୋର ଜଣେ ନିକଟ ସମ୍ପର୍କୀୟ । ସାକ୍ଷାତ୍‌କାର୍ ପରେ ମୋ ମନ ଆନନ୍ଦରେ ଭରିଗଲା ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ୮:୨୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଟେଂଟ୍ ଭିତରକୁ ପ୍ରବେଶ କଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା ।

ହଜୁର୍ ଅନୁୱର୍ ଅ:ବ:ଅ ନିମ୍ନଲିଖିତ ୨୦ଜଣ ପୁଅଝିଅଙ୍କ ଠାରୁ ପବିତ୍ର କୋରାନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ । ଅଜିଜମ୍ ହାଜିକ୍ ମେହ୍‌ମୁଦ୍, ମୌହିଦ୍ ଅହେମଦ୍, ଅୟାନ୍ ଅହେମଦ୍ ମନ୍ନାନ୍, ଅଜିଜମ୍ ବୁର୍‌ହା ଅହେମଦ୍, ଅଜିଜମ୍ ମୁୱିଦ୍ ଅହ୍‌ସନ୍, ଅତ୍‌ହର୍ ମୁଜ୍‌ତବା, ମିର୍ଜା ଅଜିମ୍, ନବିଲ୍ ଅହେମଦ୍, ଆକିବ୍ ମେହ୍‌ମୁଦ୍, ଅଜିଜମ୍ ଅହେମଦ୍ ତାହା, ଅତାଉଲ୍ ଗାଲିବ୍, ହସିବ୍ ଅହେମଦ୍, ଅଜିଜମ୍ ସ୍ୱାଲେହ୍ ହୟାତ୍ ।

ଅଜିଜାଃ ସବ୍‌ରିନ୍ ଅହେମଦ୍, ଆଏଜା ବୁଶ୍‌ରା, ଜିନାଃ ଅହେମଦ୍, ଅନ୍‌ୱେଶା ୱସିମ୍, ସାରାଃ ଅହେମଦ୍, ଜାଜ୍‌ବା ୱସିମ୍ ଏବଂ ଅମତୁଲ୍ ନୁର୍ ଅଖ୍‌ତର୍ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନମାଜ ମଗ୍‌ରିବ୍ ଏବଂ ଇଶା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

------------------------

### ୧୮ ସେପ୍ଟେମ୍ବର୍ ୨୦୧୮ ମଙ୍ଗଳବାର

ହଜୁର୍ ଅନୁୱର୍ ଅ:ବ:ଅ ଭୋର୍ ୬ଟା ସମୟରେ ଟେଂଟ୍ ଭିତରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳବେଳା ହଜୁର୍ ଅନୁୱର୍ ଦଫ୍‌ତରି ଡାକ ଇତ୍ୟାଦି ତଦାରଖ କରି ସେଥିରେ ହିଦାୟତ୍ ପ୍ରଦାନ କଲେ । ଠିକ୍ ୧୧ଟା ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରି କିଛି ସମୟ ପାଇଁ ମୁକରମ୍ ଇସ୍‌ମାଇଲ୍ ଖାନ୍ ସାହେବ୍ ପୂର୍ବତନ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ବେଲ୍‌ଜିୟମ୍‌ଙ୍କ ଘରକୁ ଗଲେ । ଜୋହର୍ ଏବଂ ଅସର୍ ନମାଜ ପାଠ କରିବା ପୂର୍ବରୁ ଫଟୋ ଉଠାଇବାର ପ୍ରୋଗ୍ରାମ୍ ରଖାଯାଇଥିଲା । ଜମାତ୍ ଅମେହଦୀୟା ବେଲ୍‌ଜିୟମ୍‌ର ନିମ୍ନଲିଖିତ ୱହ୍‌ଦାଦାର୍‌ମାନେ ଏବଂ ଅନ୍ୟାନ୍ୟ ଗ୍ରୁପ୍‌ସ୍ ହଜୁର୍ ଅନୁୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଜମାତ୍ ଅହେମଦୀୟା ବେଲ୍‌ଜିୟମ୍, ବିଶେଷ ସୁରକ୍ଷା ଦଳ, ଜିଆଫତ୍ ଟିମ୍, ଜଲ୍‌ସାସାଲାନାର ଅଫିସ୍ ଟିମ୍, ୱକାରେ ଅମଲ୍ ଏବଂ ଟେକ୍‌ନିକାଲ୍ ଟିମ୍ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ, ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା , ଏବଂ ବେଲ୍‌ଜିୟମ୍‌ର ମୁବଲିଗ୍ କରାମ୍ ।

ଫଟୋ ଉଠାଯିବା କାର୍ଯ୍ୟକ୍ରମ ପରେ ହଜୁର୍ ଅନୁୱର୍ ଅ:ବ:ଅ ତବ୍‌ଲିଗ୍ ପ୍ରୋଗ୍ରାମ୍ ନିମନ୍ତେ ପ୍ରସ୍ତୁତ ହୋଇଥିବା ଅଭିଯାନ୍‌ର ତଦାରଖ କଲେ । ଏହି ଅଭିଯାନ୍‌ରେ ପୁସ୍ତକ, ଲିଟ୍‌ରେଚର୍ ଏବଂ ପାମ୍ପଲେଟ୍‌ସ୍ ଇତ୍ୟାଦି ରଖାଯାଇଥାଏ ଏବଂ ପୋଷ୍ଟର୍ ଗୁଡିକ ଲଗାଯାଇଥାଏ । ଏ ସମସ୍ତ ବସ୍ତୁଗୁଡିକ ବିଭିନ୍ନ ଯାଗାରେ ନେଇ ତବ୍‌ଲିଗ୍ କାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ ।

ଏହାପରେ ଠିକ୍ ୨:୨୦ରେ ହଜୁର୍ ଅନୁୱର୍ ଅ:ବ:ଅ ଟେଂଟ୍ ଭିତରେ ପ୍ରବେଶ କରି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁୱର୍ ଅ:ବ:ଅ ମିଶନ୍ ହାଉସ୍‌ର ବାହ୍ୟ ପ୍ରାଙ୍ଗଣରେ ଜୈତୁନ୍ (ଅଲିଭ) ଗଛ ଲଗାଇଲେ । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ବ୍ରିସିଲ୍‌ସ୍‌ରୁ ଲଣ୍ଡନ ଯିବାର ସମୟ ନିକଟତର ହେଉଥିଲା । ଜମାତ୍‌ର ପୁରୁଷ, ମହିଳା ଓ ଛୋଟ ଛୋଟ ପୁଅଝିଅମାନେ ମିଶନ୍ ହାଉସ୍‌ର ବାହ୍ୟ ପ୍ରାଙ୍ଗଣରେ ଏକାଠି ହେଉଥିଲେ । ହଜୁର୍ ଅନୁୱର୍ ଅ:ବ:ଅ ଠିକ୍ ୩:୧୫ରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ଛୋଟ ଛୋଟ ପୁଅଝିଅମାନେ ଦଳଦଳ ହୋଇ ବିଦାୟମୂଳକ ନଜମ୍ ପାଠ କରୁଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ କିଛି ସମୟ ପାଇଁ ଜମାତ୍‌ର ଲୋକମାନଙ୍କ ଗହଣରେ ସମୟ ବିତାଇଲେ । ଛୋଟଠାରୁ ବଡ ପର୍ଯ୍ୟନ୍ତ ସମସ୍ତେ ହଜୁର୍ ଅନୁୱର୍‌ଙ୍କୁ ଦର୍ଶନ କଲେ । ମୋକରମ୍ ଉସାମା ଜୈୱିୟା ସାହେବ୍ ମୁବଲିଗ୍ ମାୟୁଟି ଆଇଲାଣ୍ଡ ଏବଂ ଲୁକ୍‌ମାନ୍ ବାଜ୍‌ୱା ସାହେବ୍ ମୁବଲିଗ୍ ଗ୍ୱାଦେଲୁପ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁୱର୍ ସେହି ଦୁଇଜଣଙ୍କ ଠାରୁ ତାଙ୍କ ଦେଶକୁ ଫେରିଯିବା ସମ୍ବନ୍ଧରେ ପଚାରିଲେ । ସେହି ଦୁଇଜଣ ମୁବଲିଗଙ୍କ ସମ୍ବନ୍ଧ ବେଲ୍‌ଜିୟମ୍ ସହିତ ରହିଛି । ଜଲ୍‌ସାସାଲାନା ବେଲ୍‌ଜିୟମ୍‌ରେ ଯୋଗଦେବା ପାଇଁ ଏଠାରେ ସେମାନେ ରହିଥିଲେ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଅମୀର୍ ସାହେବ୍ ବେଲ୍‌ଜିୟମ୍, ଡାକ୍ତର ଇଦ୍‌ରିସ୍ ଅହେମଦ୍ ସାହେବ୍‌ଙ୍କ ଠାରୁ ତାଙ୍କ ଗାଡି ସମ୍ବନ୍ଧରେ ପଚାରି ବୁଝିଲେ । ଡାକ୍ତର ସାହେବଙ୍କ ନିକଟରେ Tesla ନାମକ ଗୋଟିଏ ସମ୍ପୂର୍ଣ୍ଣ ଇଲେକ୍ଟ୍ରିକ୍ (ବିଜୁଳିରେ ଚାଲୁଥିବା) ଆମେରିକୀୟ ଗାଡି ଅଛି । ସେହି ଗାଡିର ପଛ ଟାୟାର ମଝିରେ ଇଞ୍ଜିନ୍ ସଦୃଶ ଗୋଟିଏ ସିଷ୍ଟମ୍ ରହିଛି ଯାହା ଦୁଇପଟର ଚକକୁ ଶକ୍ତି ଯୋଗାଉଛି । ସେହିପରି ସେଥିରେ କୌଣସି ଗିଅର୍ ବକ୍‌ସ ମଧ୍ୟ ନାହିଁ, ତାହା ବିଜୁଳି ଦ୍ୱାରା ହିଁ ଚାଲେ ।

ହଜୁର୍ ଅନୁୱର୍‌ଙ୍କ ପଚାରିବାରେ ଅମୀର୍ ସାହେବ୍ ବତାଇଲେ କି ଯଦି ଏହାର ବ୍ୟାଟେରୀ ସମ୍ପୂର୍ଣ୍ଣ ରୂପେ ଚାର୍ଯ୍ ଥିବ ତେବେ ଏହା ୩୦୦କି.ମି ଚାଲିପାରିବ । ଯେବେ କି କମ୍ପାନୀ ମୁତାବକ ଏହା ୪୦୦ କି.ମିରୁ ଅଧିକା ଚାଲିଥାଏ । ହଜୁର୍ ଅନୁୱର୍ ତା ବେଟ୍‌ରୀ ଚାର୍ଯ୍ ହେବା ସମ୍ବନ୍ଧରେ ପଚାରି ବୁଝିଲେ । ସେଥିରେ ଅମୀର୍ ସାହେବ୍ ବତାଇଲେ ଯେ ଏହି ଗାଡିର ସୁପର ଚାର୍ଯର୍ ଦ୍ୱାରା ୪୫ ମିନିଟ୍‌ରେ ବ୍ୟାଟେରୀଟି ଫୁଲ୍ ଚାର୍ଯ୍ ହୋଇଯାଏ ଓ ଏହା ୨୨୦ରୁ୨୩୦ କି.ମି ଘଂଟା ପ୍ରତି ବେଗରେ ଚାଲିଥାଏ । ଏହି ଗାଡିର ପଛଦୁଇଟି ଦରଜା ପର ସଦୃଶ ଖୋଲିଥାଏ ଏବଂ ତା ଭିତରେ ଲୋକେ ବିନା ନଇଁକରି ବସିପାରିଥାଆନ୍ତେ ଓ ସେହିପରି ଛିଡା ହୋଇ ମଧ୍ୟ ବାହାରକୁ ବାହାରି ପାରିଥାନ୍ତେ ।

ହଜୁର୍ ଅନୁୱର୍ ଅ:ବ:ଅ ବହୁତ ସ୍ନେହର ସହିତ କିଛି ସମୟ ପାଇଁ ଗାଡିର ପଛ ସିଟ୍‌ରେ ବସି ରହିଲେ ଓ ସିଟ୍ ଗୁଡିକ କିପରି ଆଗପଛ ହୁଏ ଓ ଆର୍ଜଷ୍ଟ୍ ହୁଏ ସେ ବାବଦରେ ପଚାରି ବୁଝିଲେ ।

ମୋକରମ୍ ଡାକ୍ତର୍ ଅତ୍‌ହର୍ ଯୁବେର୍ ସାହେବ୍ (ଯିଏ ଜର୍ମାନୀରୁ କାଫେଲା ସହିତ ଚିକିତ୍ସକ ରୂପେ ଡ୍ୟୁଟିରେ ଆସିଥିଲେ) ଏବଂ ମୋକରମ୍ ଅବ୍‌ଦୁଲ୍ଲାଃ ସପ୍‌ରା ସାହେବ୍ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ କରମର୍ଦ୍ଦନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଠିକ୍ ୩:୨୦ରେ ହଜୁର୍ ଅନୁୱର୍ ଅ:ବ:ଅ ଦୁଆ କରାଇଲେ ଏବଂ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଏବଂ ଏଠାରୁ ଫ୍ରାନ୍‌ସର ବନ୍ଦର Calais ନିମନ୍ତେ ଯାତ୍ରା ଆରମ୍ଭ ହେଲା ଓ ପାଖାପାଖି ଦୁଇଘଂଟା ଯାତ୍ରା କରିବା ପରେ ୫:୨୦ରେ Channel Tunnel ଠାରେ ପହଂଚିଲେ ।

ବେଲ୍‌ଜିୟମ୍‌ରୁ ମୋକରମ୍ ଅମୀର୍ ସାହେବ୍ ବେଲ୍‌ଜିୟମ୍ ଡାକ୍ତର୍ ଇଦ୍‌ରିସ୍ ଅହେମଦ୍ ସାହେବ୍, ମୁବଲିଗ୍ ଇନ୍‌ଚାର୍ଯ୍ ବେଲ୍‌ଜିୟମ୍ ହାଫିଜ୍ ଏହ୍‌ସାନ୍ ସିକନ୍ଦର୍ ସାହେବ୍, ଜେନେରାଲ୍ ସେକ୍ରେଟାରୀ ମୋକରମ୍ ଅସଦ୍ ମୁଜିବ୍ ସାହେବ୍ (ମୁବଲିଗ୍ ସିଲ୍‌ସିଲା), ଅଫ୍‌ଜାଲ୍ ତାରିକ୍ ସାହେବ୍ ଅଫିସର୍ ଜଲ୍‌ସାସାଲାନା, ମୋକରମ୍ ମଲକ୍ ଅର୍‌ଶଦ୍ ଅହେମଦ୍ ସାହେବ୍ ସେକ୍ରେଟାରୀ ରିସ୍ତାନାତା ମୋକରମ୍ ଅନୁୱର୍ ହୁସେନ୍ ସାହେବ୍ (ନାଏବ୍ ଅମୀର୍), ମୋକରମ୍ ଜିଆଉଲ୍ଲାଃ ବାଜ୍‌ୱା ସାହେବ୍ (ସେକ୍ରେଟାରୀ ଜରାଅତ୍), ମୋକରମ୍ ୱହିଦ୍ ଅରାଏଁ ସାହେବ (ସେକ୍ରେଟାରୀ ସମୟୀ ୱ ବସରି), ମୋକରମ୍ ମଲକ୍ ତାହେର୍ ସାହେବ୍ (ଜଇମ୍ ଅନ୍‌ସାରୁଲ୍ଲାଃ) ଏବଂ ମୋକରମ୍ ମୁହମ୍ମଦ୍ ଇମ୍‌ରାନ୍ ସାହେବ୍ (କାଏଦ୍ ଖୁଦାମୁଲ୍ ଅହେମଦୀୟ), ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ଏଠି Calais ଠାରୁ ଲଣ୍ଡନ ନିମନ୍ତେ ବିଦାୟ ଦେବାପାଇଁ କାଫେଲା ସହିତ ଆସିଥିଲେ ।

ପାସ୍‌ପୋର୍ଟ, ଇମିଗ୍ରେସନ୍ ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର କ୍ଲିଅରାନ୍‌ସ କରିବା ପରେ ହଜୁର୍ ଅନୁୱର୍ ଅ:ବ:ଅ ସ୍ୱେସିଆଲ୍ ଲଞ୍ଜ୍ ଭିତରକୁ ପ୍ରବେଶ କଲେ । ୬:୧୦ରେ କାଫେଲାର ଗାଡି ଗୁଡିକ ଟ୍ରେନ୍‌ରେ ଲଦାଗଲା । ଏବଂ ଏହି ଟ୍ରେନ୍ ଠିକ୍୬:୨୦Calais ରୁ ବ୍ରିଟେନ୍‌ର ତଟିୟ ସହର Dover ଆଡକୁ ଅଗ୍ରସର ହେଲେ ଏବଂ ପାଖାପାଖି ଅଧଘଂଟା ଯାତ୍ରା କରିବା ପରେ ଟ୍ରେନ୍‌ଟି ଚ୍ୟାନେଲ୍ ଟନେଲ୍ ପାର୍ କରି Dover ର ନିକଟରେ ଥିବା Folkestone ଇଲାକାରେ ବ୍ରିଟେନ୍‌ର ଭୂମିରେ ପ୍ରବେଶ କଲା ଏବଂ ତାର ବିଶେଷ ଷ୍ଟେସନ୍‌ରେ ଯାଇ ରହିଲା । ପାଖାପାଖି ୧୦ମିନିଟ୍ ବ୍ୟବଧାନ ପରେ ଫ୍ରାନ୍‌ସ୍‌ର ସ୍ଥାନୀୟ ମୁତାବକ ଠିକ୍ ୭ଟା ସମୟରେ ଓ ବ୍ରିଟେନ୍‌ର ସମୟ ମୁତାବକ ଠିକ୍ ୬ଟାବେଳେ କାଫିଲାର ଗାଡିଗୁଡିକ ଟ୍ରେନ୍‌ରୁ ବାହାରକୁ ବାହାର କରାଗଲା ଏବଂ ମୋଟର୍ ୱେରେ ଯାତ୍ରା ଆରମ୍ଭ ହେଲା । (ବ୍ରିଟେନ୍‌ର ସମୟ ଫ୍ରାନ୍‌ସର ସମୟଠାରୁ ଏକଘଂଟା ପଛୁଆ)

ମୋକରମ୍ ମନ୍‌ସୁର୍ ଅହେମଦ୍ ଶାହ୍ ସାହେବ୍ (ନାଏବ୍ ଅମୀର୍ ଜମାତ୍ ଅହେମଦୀୟା ୟୁ.କେ), ମୋକରମ୍ ଅତାଉଲ୍ ମୁଜିବ୍ ରାଶିଦ୍ ସାହେବ୍ (ମୁବଲିଗ୍ ଇନ୍‌ଚାର୍ଯ୍ ୟୁ.କେ), ମୋକରମ୍ ମୁବାରକ୍ ଅହେମଦ୍ ଜଫର୍ ସାହେବ୍ (ଏଡ଼ିଶିନାଲ୍ ୱକିଲୁଲ୍ ମାଲ୍ ଲଣ୍ଡନ), ମୋକରମ୍ ମିର୍ଜା ନାଶିର୍ ଇନ୍‌ଆମ୍ ସାହେବ୍ (ପ୍ରିନ୍‌ସିପାଲ୍ ଜାମିଆ ଅହେମଦୀୟା ୟୁ.କେ), ମୋକରମ୍ ଏଖ୍‌ଲାକ୍ ଅହେମଦ୍ ଅଞ୍ଜୁମ୍ ସାହେବ୍ (ଦଫ୍‌ତର୍ ୱକାଲତେ ତବ୍‌ଶିର୍ ଲଣ୍ଡନ), ମୋକରମ୍ ମେଜର୍ ମେହ୍‌ମୁଦ୍ ଅହେମଦ୍ ସାହେବ୍ (ଅଫିସର୍ ବିଶେଷ ସୁରକ୍ଷା ଦଳ ତାଙ୍କ ସିକ୍ୟୁରିଟି ଟିମ୍ ସହିତ) ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ସେଠାରେ ଉପସ୍ଥିତ ଥିଲେ ।

ପାଖାପାଖି ୧ ଘଂଟା ୪୫ମିନିଟ୍ ଯାତ୍ରା କରିବା ପରେ ୭:୪୫ ସମୟରେ ହଜୁର୍ ଅନୁୱର୍‌ଙ୍କର ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍‌ଠାରେ ପଦାର୍ପଣ ହେଲା ଯେଉଁଠାରେ ଜମାତ୍‌ର ସଦସ୍ୟଗଣ ଅର୍ଥାତ୍ ପୁରୁଷ ଓ ମହିଳାମାନଙ୍କର ଗୋଟିଏ ବହୁତ ବଡ ସଂଖ୍ୟା ଉପସ୍ଥିତ ଥିଲା ଓ ସମସ୍ତେ ନିଜ ପ୍ରିୟ ଆକାଙ୍କୁ

ସ୍ୱାଗତ ଜଣାଇଲେ । ହଜୁର୍ ଅନୁୱର୍ ନିଜ ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲେକୁମ୍ କହିଲେ ଏବଂ ନିଜର ଆବାସସ୍ଥଳୀ ଭିତରକୁ ପ୍ରବେଶ କଲେ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ସଙ୍ଗେ ଯେଉଁ ସୌଭାଗ୍ୟବାନ୍ ବ୍ୟକ୍ତିମାନଙ୍କୁ ଏହି ଯାତ୍ରାରେ ଯିବା ପାଇଁ ଅବସର ମିଳିଥିଲା ସେମାନଙ୍କର ନାମ ରେକର୍ଡ ରଖିବା ଉଦ୍ଦେଶ୍ୟରେ ନିମ୍ନରେ ବର୍ଣ୍ଣନା କରାଯାଉଅଛି ।

ହଜ୍‌ରତ୍ ସୟଦାଃ ଅମତୁସ୍ ସବୁହ୍ ସାହିବା ମଦ୍ଦଜିଲ୍ଲାହଲ୍ ଆଲି (ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ସହଧର୍ମୀଣୀ), ମୋକରମ୍ ମନ୍‌ସୁର୍ ଅହେମଦ୍ ତାହିରି ସାହେବ୍, ମୋକରମ୍ ମୁନୀର୍ ଅହେମଦ୍ ଜାୱେଦ୍ ସାହେବ୍ (ପ୍ରାଇଭେଟ୍ ସେକ୍ରେଟାରୀ), ମୋକରମ୍ ଆବିଦ୍ ୱହିଦ୍ ଖାନ୍ ସାହେବ୍ (ଇନ୍‌ଚାର୍ଯ୍ୟ ପ୍ରେସ୍ ଏଣ୍ଡ ମିଡିଆ ଅଫିସ୍ ଲଣ୍ଡନ୍), ମୋକରମ୍ ସୟଦ୍ ମୁହମ୍ମଦ୍ ଅହେମଦ୍ ନାସିର୍ ସାହେବ୍ (ନାଏବ୍ ଅଫିସର୍ ବିଶେଷ ସୁରକ୍ଷାଦଳ ଲଣ୍ଡନ), ମୋକରମ୍ ନାସିର୍ ଅହେମଦ୍ ସଇଦ୍ ସାହେବ୍ (ସୁରକ୍ଷା ବିଭାଗ), ମୋକରମ୍ ସଖାୱତ୍ ଅଲୀ ବାଜୱା ସାହେବ୍ (ସୁରକ୍ଷା ବିଭାଗ), ମୋକରମ୍ ମୋହସିନ୍ ଐୱାନ୍ ସାହେବ୍(ସୁରକ୍ଷା ବିଭାଗ), ମୋକରମ୍ ଖ୍ୱାଜା ଅବ୍‌ଦୁଲ୍ କୁଦୁସ୍ ସାହେବ୍(ସୁରକ୍ଷା ବିଭାଗ), ମୋକରମ୍ ମେହ୍‌ମୁଦ୍ ଅହେମଦ୍ ଖାନ୍ ସାହେବ୍(ସୁରକ୍ଷା ବିଭାଗ), ମୋକରମ୍ ମିର୍ଜା ଲଇକ୍ ଅହେମଦ୍ ସାହେବ୍(ସୁରକ୍ଷା ବିଭାଗ) ଏବଂ ଏ ଅଧମ ଅବ୍‌ଦୁଲ୍ ମାଜିଦ୍ ତାହେର୍ (ଏଡ଼ିଶିନାଲ୍ ୱକିଲୁଲ୍ ତବ୍‌ଶିର୍ ଲଣ୍ଡନ) ।

ମୋକରମ୍ ହମାଦ୍ ଅହେମଦ୍ ମୁବିନ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା (ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ) ଏବଂ ଅଜିଜମ୍ ମଶ୍‌ହୁଦ୍ ଅହେମଦ୍ ଖାନ୍ (ଜାମିୟା ଅହେମଦୀୟା ୟୁକେ ର ଚତୁର୍ଥ ଶ୍ରେଣୀର ଛାତ୍ର)କୁ ମଧ୍ୟ ଜର୍ମାନୀ ଏବଂ ବେଲ୍‌ଜିୟମ୍‌ରେ ରହଣୀ ସମୟରେ କାଫିଲାରେ ସାମିଲ୍ ହେବାପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି ।

ଏତଦ୍‌ବ୍ୟତୀତ ମୁକରମ୍ ନଦୀମ୍ ଅହେମଦ୍ ଅମିନୀ, ମୋକରମ୍ ନାସିର୍ ଅହେମଧ୍ ଅମିନୀ ଏବଂ ମୋକରମ୍ ଅବ୍‌ଦୁର୍ ରହ୍‌ମାନ୍ ସାହେବ୍‌ଙ୍କୁ କାଫିଲାର ଗାଡି ଗୁଡିକ ଚଳାଇବା ପାଇଁ ସୌଭାଗ୍ୟ ପ୍ରାପ୍ତ ହୋଇଛି ।

ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ (ୟୁକେ)ର ନିମ୍ନଲିଖିତ ସଦସ୍ୟମାନେ ଜଲ୍‌ସାସାଲାନା ଜର୍ମାନୀ ଏବଂ ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର ପ୍ରୋଗ୍ରାମ୍ ଗୁଡିକ ସିଧା ପ୍ରସାରଣ କରିବା ଏବଂ ଅନ୍ୟାନ୍ୟ ପ୍ରୋଗ୍ରାମ୍ ଗୁଡିକ ଓ ପ୍ରତିନିଧି ମଣ୍ଡଳଙ୍କ ସାକ୍ଷାତ୍‌କାର୍‌କୁ ରେକର୍ଡିଂ କରିବା ପାଇଁ ଏହି ଗସ୍ତରେ ସାମିଲ୍ ହେବାର ସୌଭାଗ୍ୟ ମିଳିଛି ।

ମୋକରମ୍ ମୁନୀର୍ ଅହେମଦ୍ ଅଓଦାଃ ସାହେବ୍, ମୋକରମ୍ ସଫିରୁଦ୍ଦିନ୍ କମର୍ ସାହେବ, ମୋକରମ୍ ଅଦ୍‌ନାନ୍ ଜାହିଦ୍ ସାହେବ୍, ମୋକରମ୍ ସଇଦ୍ ୱସିନ୍ ସାହେବ୍, ମୋକରମ୍ ଜକିଉଲ୍ଲାଃ ଅହେମଦ୍ ସାହେବ୍ ।

ଏମ୍.ଟି.ଏ ଆଫ୍ରିକା ଅନ୍ତର୍ଗତ ଆଫ୍ରିକୀୟ ଦେଶଗୁଡିକରେ ଜଲ୍‌ସାସାଲାନାର କଭରେଜ୍ ନିମନ୍ତେ ନିମ୍ନଲିଖିତ ସଦସ୍ୟମାନଙ୍କ ଏହି ଗସ୍ତରେ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି ।

ମୋକରମ୍ ଉମର୍ ସଫିର୍ ସାହେବ୍ (ଇନ୍‌ଚାର୍ଯ୍ୟ ଏମ୍.ଟି.ଏ ଆଫ୍ରିକା), ଲୁକ୍‌ମାନ୍ ଅହେମଦ୍ ସାହେବ୍, ଫାଏଜ୍ ଅହେମଦ୍ ନାସିର୍ ସାହେବ୍, ନବୀଲ୍ ଅହେମଦ୍ ସାହେବ୍ ଏବଂ ହୁମାୟୁଁ ଜାହାଙ୍ଗିର୍ ଖାନ୍ ସାହେବ୍ ।

ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ଅନ୍ତର୍ଗତ ଏହି ଗସ୍ତର କଭରେଜ୍ ଏବଂ ଅଲ୍‌କଲମ୍ ପ୍ରୋଜେକ୍ଟ ପାଇଁ ନିମ୍ନଲିଖିତ ସଦସ୍ୟମାନଙ୍କୁ ଏହି ଯାତ୍ରାରେ ଯୋଗଦେବା ପାଇଁ ମୌକା ମିଳିଥିଲା ।

ମୋକରମ୍ ଆମିର୍ ସଫିର୍ ସାହେବ୍ (ଏଡିଟର୍), ନୁରୁଦ୍ଦିନ୍ ଜାହାଙ୍ଗୀର୍ ଖାନ୍ ସାହେବ୍, ଅବ୍‌ଦୁଲ୍ କୁଦୁସ୍ ଆରିଫ୍ ସାହେବ୍, ଶମାଇଲ୍ ଅହେମଦ୍ ସାହେବ୍ ଏବଂ ସୋହେବ୍ ଅହେମଦ୍ ସାହେବ୍ ।

ଏତଦ୍‌ବ୍ୟତୀତ ମୋକରମ୍ ଅମୀର୍ ଅଲିମ୍ ସାହେବ୍ ଇନ୍‌ଚାର୍ଯ୍ୟ ମଖଜନେ ତସାୱିର୍ ବିଭାଗ ମଧ୍ୟ ଏହି ଗସ୍ତରେ ସାମିଲ୍ ହେବାର ସୌଭାଗ୍ୟ ପାଇଲେ ।

ଜର୍ମାନୀରୁ ଡାକ୍ତର ଅତ୍‌ହର୍ ଜୁବେର୍ ସାହେବ୍ ଏହି ଗସ୍ତରେ ଚିକିସ୍ତକ ରୂପେ କାଫିଲା ସହିତ ଥିଲେ । ଜର୍ମାନୀରୁ ହିଁ ମୋକରମ୍ ଅବ୍‌ଦୁଲ୍ଲାଃ ସପ୍‌ରା ସାହେବ୍‌ଙ୍କୁ ମଧ୍ୟ ଏହି ଗସ୍ତରେ କାଫିଲା ସହିତ ସାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଛି । ଅଲ୍ଲାଃତାଲା ଏହି ସମସ୍ତଙ୍କ ପାଇଁ ଏହି ସୌଭାଗ୍ୟ ମୁବାରକ୍ କରନ୍ତୁ । ଆମିନ୍ ।

(ବହୱାଲା ଅଖ୍‌ବାର୍ ବଦର୍ ୨୯ ନଭେମ୍ବର୍ ୨୦୧୮)

---

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ଏବଂ ପୁଣି କଜକ୍ ସାହେବ୍ କହୁଛନ୍ତି କି ମରହୁମ୍‌ଙ୍କର ଖଲିଫାମାନଙ୍କ ସହିତ ବହୁତ ସ୍ମୃତି ଜୋଡି ହୋଇ ରହିଛି । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଯେବେ ୧୯୫୫ ମସିହାରେ ଶିରିଆ ଗଲେ ସେତେବେଳେ ହଜୁର୍‌ଙ୍କ ସାନିଧ୍ୟ ତାଙ୍କୁ ହାସଲ ହୋଇଛି ଏବଂ ୩ ମଇ ୧୯୫୫ରେ ଶିରିଆର ଅହେମଦୀ ମାନଙ୍କ ସହିତ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ସଙ୍ଗେ ସେଠାରେ ଗୋଟିଏ ମଜ୍‌ଲିସ୍ ହେଲା । କହୁଛନ୍ତି ଉକ୍ତ ମଜ୍‌ଲିସ୍‌ରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ତାଙ୍କ ସହିତ ଆରବୀ ଭାଷାରେ କଥା ହେଲେ ଏବଂ ସେହି ଐତିହାସିକ ବୈଠକ ସମ୍ବନ୍ଧରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ଏହା ମଧ୍ୟ କହୁଛନ୍ତି କି ଆଜି ଯେଉଁ ବୈଠକ ଏଠାରେ କରାଯାଇଛି ଏହା ହେଉଛି ଐତିହାସିକ, କାରଣ ଆଜିଠାରୁ ଅଧ ଶତାବ୍ଦି ପୂର୍ବେ ଯେତେବେଳେ ଆପଣମାନଙ୍କ ମଧ୍ୟରୁ କେହି ମଧ୍ୟ ଜନ୍ମ ହୋଇନଥିଲେ ସେତେବେଳେ ଅଲ୍ଲାଃତାଲା ହଜ୍‌ରତ୍ ମସିହ୍ ମଉଦ୍‌ଙ୍କୁ ସ୍ୱର୍ଗବାଣୀ କରିଥିଲେ କି *ୟଦ୍‌ଉନା ଲକା ଅବ୍‌ଦାଲୁଶ୍ ଶାମି ୱ ଇବାଦୁଲ୍ଲାହି ମିନଲ୍ ଅରବ୍ ।* ଅର୍ଥାତ୍ ଶିରିଆ ଦେଶର ପୁଣ୍ୟବାନ୍ ଲୋକେ ଏବଂ ଆରବ ଦେଶଗୁଡିକରୁ ଅଲ୍ଲାଃଙ୍କ ପୁଣ୍ୟବନ୍ତ ଭକ୍ତମାନେ ତୁମପାଇଁ ପ୍ରାର୍ଥନା କରିବେ ଏବଂ ଆଜି ଆପଣଙ୍କ ଉପସ୍ଥିତିରେ (ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଉକ୍ତ ଶିରିଆଇ ଅହେମଦୀୟଙ୍କୁ କହୁଥିଲେ କି ଆଜି ଆପଣମାନଙ୍କ ଉପସ୍ଥିତିରେ) ଇଶ୍ୱରଙ୍କର ଏହି କଥା ପୂରଣ ହୋଇଗଲା ।

ଏହି ଗସ୍ତ ଅବସରରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ସହିତ ମୋକରମ୍ ନାଦ୍‌ରୁଲ୍ ହସନୀ ସାହେବ୍‌ଙ୍କ କିଛି ସ୍ମୃତିଚିହ୍ନ ସ୍ୱରୂପ ଫଟୋ ମଧ୍ୟ ତାଙ୍କ ପାଖରେ ଅଛି । ତାଙ୍କ ଭଣଜା ଅମ୍ମାରୁଲ୍ ମିସ୍‌କି ସାହେବ୍ ଯିଏ ଏଠାରେ ତବଶିର୍ ବିଭାଗରେ ଅଛନ୍ତି, ଲଣ୍ଡନ୍‌ରେ ରହୁଛନ୍ତି, ସେ କହୁଛନ୍ତି କି ତାଙ୍କର ହଜ୍‌ରତ୍ ଚୌଧୁରୁ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍‌ଙ୍କ ସହିତ ବହୁତ ନିକଟ ସମ୍ପର୍କ ଥିଲା । ମରହୁମ୍ ହଜ୍‌ରତ୍ ଚୌଧୁରୀ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍‌ଙ୍କ ଗୋଟିଏ ପସ୍ତକକୁ ଆରବୀ ଭାଷାରେ ଅନୁବାଦ ମଧ୍ୟ କରିଥିଲେ । ଜମାତ୍ ସହିତ ତାଙ୍କର ବହୁତ ଦୃଢ଼ ସମ୍ପର୍କ ଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଖଲିଫାମାନଙ୍କ ସମ୍ବନ୍ଧରେ କୌଣସି ମିଥ୍ୟା କଥାକୁ ବର୍‌ଦାସ୍ତ କରୁନଥିଲେ । ଏକଦା ସେ ନିଜର ଦୁଇଭାଇଙ୍କ ସହିତ କୌଣସି ଜଣେ ଗଏର୍ ଅହେମଦୀଙ୍କ ଘରକୁ ସମ୍ବେଦନା ପ୍ରକାଶ କରିବା ପାଇଁ ଯାଇଥିଲେ । ସେଠାରେ ଶିରିଆର ଜଣେ ପ୍ରସିଦ୍ଧ ଜ୍ଞାନୀ ଶେଖୁଲ୍‌ବାନୀ ନିଜର ଅନେକ ଛାତ୍ରମାନଙ୍କ ସହିତ ଉପସ୍ଥିତ ଥିଲେ ଯାହାଙ୍କୁ ମରହୁମ୍ ନାଦରୁଲ୍ ହସନୀ ସାହେବ୍ ଏବଂ ତାଙ୍କ ଭାଇମାନଙ୍କ ଅହେମଦୀ ଗ୍ରହଣ କରିଥିବା ବିଷୟ ଜଣା ଥିଲା । ଏଥିରେ ସେମାନେ ଅହେମଦୀ ଏବଂ ଅନ୍ୟାନ୍ୟ ମୌଲବୀ ମାନଙ୍କ ମଧ୍ୟରେ ବିଭେଦମୂଳକ କଥା ଉପରେ ଚର୍ଚ୍ଚା କରିବା ଆରମ୍ଭ କରିଦେଲା । ଯେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମ୍ବନ୍ଧରେ ଖରାପ ଭାଷା ବ୍ୟବହାର କଲା ସେତେବେଳେ ମୋ ମାମୁଁ ମରହୁମ୍ ନାଦରୁଲ୍ ହସନୀ ସାହେବ୍ ବହୁତ ଜୋସ୍‌ରେ ଛିଡା ହୋଇ କହିଲେ କି ଯଦି ତୁମମାନଙ୍କ ମଧ୍ୟରେ ସାହସ ଅଛି ତେବେ ମୋ ସହିତ ମୁନାଜରା (ତର୍କ)କର । ଯେବେକି ଏମାନେ ତିନିଭାଇ ଥିଲେ ଓ ଅପର ପକ୍ଷେ ଶେଖୁଲ୍‌ବାନୀ ସାହେବ୍‌ଙ୍କ ସାଥିମାନଙ୍କର ସଂଖ୍ୟା ୧୫ରୁ ଅଧିକ ଥିଲା । ସେମାନଙ୍କ ମଧ୍ୟରୁ କାହାକୁ ମୁନାଜରା କରିବା ପାଇଁ ସାହସ ହେଲା ନାହିଁ ବରଂ ମୁନାଜରା ପରିବର୍ତେ ସେମାନେ ଝଗଡା କରିବା ଆରମ୍ଭ କରିଦେଲେ ଓ ଏହି ତିନିଭାଇଙ୍କ ଉପରେ ଆକ୍ରମଣ କରିବା ପାଇଁ ଚେଷ୍ଟା କଲେ କିନ୍ତୁ ସେଠାକୁ ତାଜିୟତ୍ କରିବା ପାଇଁ ଆସିଥିବା ଅନ୍ୟ ଲୋକମାନେ ବଂଚାଇଦେଲେ । ନିଜ ପଢ଼ିବା ସମୟରେ ହଜ୍‌ରତ୍ (ମସିହ୍ ମଉଦ୍)ଙ୍କ ବାର୍ତା ପହଂଚାଇବାର କୌଣସି ଅବସରକୁ ହାତଛଡା କରୁନଥିଲେ । ସ୍କୁଲ୍ ଶିକ୍ଷା ସମ୍ପୂର୍ଣ୍ଣ କରିବା ପରେ ମେକାନିକାଲ୍ ଇଞ୍ଜିନିୟରିଂ ପଢ଼ିବା ନିମନ୍ତେ ଆମେରିକା ଚାଲିଗଲେ । ଶେଷବର୍ଷ ୟୁହୁଦୀମାନଙ୍କ ଗୋଟିଏ ଫିର୍କା ସହିତ ବିଶ୍ୱାସ ଓ ପ୍ରଥା ଉପରେ ଯୁକ୍ତି ଆରମ୍ଭ ହୋଇଗଲା । ସେମାନଙ୍କ ନିକଟରେ କୌଣସି ଦଲିଲ୍ ନଥିଲା ତେଣୁ ସେହି ବିରୋଧି ଗୋଷ୍ଠୀ ଯାଇ ପ୍ରିନ୍‌ସିପାଲ୍‌କୁ କହିଲେ କି ୟାଙ୍କୁ କଲେଜ୍‌ରୁ ବାହାର କରିଦିଅ ନଚେତ୍ ଆମେ ଏହା ଉପରେ ଏପରି ଆରୋପ ଲଗାଇବୁ ଯେ ସେ ପଢ଼ା ସମ୍ପୂର୍ଣ୍ଣ କରିପାରିବେ ନାହିଁ । ସେ ଯାହା ହେଉ ପୁଣି ପ୍ରିନ୍‌ସିପାଲ୍‌ଙ୍କ କହିବାରେ ମରହୁମ୍ ନିଜେ ହିଁ ନିଜ କଲେଜ ପରିବର୍ତନ କରିନେଲେ ଓ ଆମେରିକାକୁ ଛାଡି ପୁଣି କାନାଡା ଚାଲି ଆସିଲେ । ତାଙ୍କର ସମସ୍ତ ଧ୍ୟାନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏବଂ ଖୋଲୋଫା ମାନଙ୍କ ପୁସ୍ତକ ଉପରେ କେନ୍ଦ୍ରୀତ ରହୁଥିଲା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆରବୀ ପୁସ୍ତକକୁ ସେ ନିଜ କଣ୍ଠରେ ପଢ଼ି ରେକର୍ଡିଂ କରାଇଛନ୍ତି । ଭାଷା ଶିଖିବା ପାଇଁ ମଧ୍ୟ ଚେଷ୍ଟା କରୁଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଫାର୍ସୀଭାଷାରେ ଥିବା ପଦ୍ୟଗୁଡିକୁ ଆରବୀ ଭାଷଶରେ ଅନୁବାଦ ମଧ୍ୟ କରୁଥିଲେ । ନିଜର ଆରବୀ ଓ ଇଂରାଜୀ ଭାଷାରେ ଥିବା ସମସ୍ତ ଯୋଗ୍ୟତାକୁ ଅନୁବାଦ କରିବାରେ ବିନିଯୋଗ କରୁଥିଲେ । Five volume english commentary ର ପ୍ରଥମ ଖଣ୍ଡର ଆରବୀ ଅନୁବାଦ ଟିମ୍‌ରେ ମଧ୍ୟ ସେ ସାମିଲ୍ ଥିଲେ । ଇସ୍‌ଲାମ୍ ବିରୋଧି ଲୋକମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକରୁ ଉତର ଦେଉଥିଲେ । ସେ ଆରବୀ ଭାଷାରେ ମଧ୍ୟ କିଛି ପୁସ୍ତକ ଲେଖିଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଉଛି ''ମହାନ୍ ରସୁଲ ମୁହମ୍ମଦ୍ ସ:ଆ:ସଙ୍କ ଆବିର୍ଭାବ ସମ୍ବନ୍ଧରେ ପୂର୍ବରୁ ହୋଇଥିବା ଭବିଷ୍ୟବାଣୀ'' । ଇସ୍‌ଲାମୀୟ ପୁସ୍ତକଗୁଡିକରେ ପରିବେଷ୍ଟିତ ତାଙ୍କ ଗୋଟିଏ ନିଜସ୍ୱ ଲାଇବ୍ରେରି ଥିଲା । ତା ସମ୍ପର୍କରେ ସେ ଏ ୱସିୟତ୍ କରିଥିଲେ କି ମୋ ଦେହାନ୍ତ ପରେ ଏହାକୁ ଜମାତ୍‌କୁ ଦେଇ ଦିଆଯାଉ ।

ଅବ୍‌ଦୁଲ୍ କାଦିର୍ ଅଓଦେ ସାହେବ୍ ବର୍ଣ୍ଣନା କରିଛନ୍ତି କି ସେ ଜମାତ୍ ସମ୍ପର୍କରେ କିଛି ପୁସ୍ତକ ମଧ୍ୟ ଲେକ୍‌ଛନ୍ତି ଓ ପୁଣି ସେହି ପୁସ୍ତକଗୁଡିକୁ ନିଜ ଖର୍ଚ୍ଚରେ ପ୍ରକାଶ ମଧ୍ୟ କରିଛନ୍ତି । ଜମାତ୍ ଏବଂ ଖିଲାଫତ୍ ସହିତ ଅତ୍ୟନ୍ତ ପ୍ରେମ କରୁଥିବା ନିଷ୍ଠାବାନ୍ ବ୍ୟକ୍ତି ଥିଲେ । ଚାନ୍ଦାର ଗୁରୁତ୍ୱ ମଧ୍ୟ ଲୋକମାନଙ୍କୁ ଜଣାଉଥିଲେ ।

ଅବ୍‌ଦୁର୍ ରଜାକ୍ ଫରାଜ୍ ସାହେ ମୁରବୀ ସିଲ୍‌ସିଲା ଏବଂ ଜାମିୟା କାନାଡାର ଶିକ୍ଷକ କହୁଛନ୍ତ କି ସେ ଅତ୍ୟନ୍ତ ଧୈର୍ଯ୍ୟବାନ୍ ଓ କୃତଜ୍ଞ ବ୍ୟକ୍ତି ଥିଲେ । ସେ ତାଙ୍କ ବେମାର ଅବସ୍ଥାର ଶେଷ ତିନିବର୍ଷ ମୁହଁ ଜରିଆରେ ଖାଦ୍ୟ ଖାଇପାରୁନଥିଲେ ବରଂ ମେସିନ୍ ଜରିଆରେ ତାଙ୍କ ପେଟରେ ଖାଦ୍ୟ ପହଂଚା ଯାଉଥିଲା । ସେ ଏପରି ପରିସ୍ଥିତିରେ ମଧ୍ୟ ସ୍ୱାସ୍ଥ୍ୟ ଟିକିଏ ଭଲ ଲାଗିଲେ ଜୁମା ପଢ଼ିବା ପାଇଁ ମସ୍‌ଜିଦ୍ ଚାଲି ଆସୁଥିଲେ । ଶିରିଆରେ ଯେତେବେଳେ ଅବସ୍ଥା ଖରାପ ହେଲା ଓ ଆରବୀୟ ଅହେମଦୀୟମାନେ କାନାଡା ଚାଲିଆସିଲେ ସେ ସେମାନଙ୍କ ସହିତ ଅତ୍ୟନ୍ତ ଉତ୍ସାହିତ ହୋଇ ବହୁତ ପ୍ରେମଭାବରେ ମିଳୁଥିଲେ ଏବଂ ଜମାତ୍ ସହିତ ଯୋଡି ହୋଇ ରହିବା ପାଇଁ ଉତ୍ସାହିତ କରି କହୁଥିଲେ କି ଏହି ଦେଶରେ ନିଜ ସନ୍ତାନମାନଙ୍କୁ ବଂଚାଇବାର ଗୋଟିଏ ମାଧ୍ୟମ ହେଉଛି ଜମାତ୍ ଅହେମଦୀୟା ଓ ମସ୍‌ଜିଦ୍ ସହିତ ଯୋଡି ହୋଇରହିବା ।

ମୁସ୍‌ଲେହୁଦ୍ଦିନ୍ ଶମ୍ମୁର୍ ସାହେବ୍ କାନାଡାରେ ମୁରବୀ ଅଛନ୍ତି । ସେ କହୁଛନ୍ତି- ନାଦିରୁଲ୍ ହସନୀ ସାହେବ୍ ଖଲିଫାଙ୍କର ଖୁତ୍‌ବାଜୁମା ଗୁଡିକ ଶୁଣି ପୁଣି ସେଗୁଡିକୁ ପ୍ରିଂଟ୍ କରାଇ ପୁନର୍ବାର ପଢୁଥିଲେ ଓ ପୁଣି ସେଗୁଡିକୁ ଗୋଟିଏ ଫାଇଲ୍‌ରେ ସୁରକ୍ଷିତ କରି ରଖିଦେଉଥିଲେ । ନିଜ ଘରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆରବୀ ପୁସ୍ତକ ଏବଂ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ତଫସିର୍ କବୀର୍‌ର ଦଶଗୋଟି ଖଣ୍ଡର ଆରବୀ ଅନୁବାଦକୁ ନିଜ କଣ୍ଠରେ ରେକର୍ଡିଂ କରି ସୁରକ୍ଷିତ କରିଛନ୍ତି ଏବଂ ଜୁମା ପାଇଁ ଯିବାଆସିବା କରିବା ସମୟରେ ସେଗୁଡିକ ଶୁଣୁଥିଲେ ବା କେବେ ତିଲାବତ୍ ଶୁଣୁଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କ ଦର୍‌ସେ କୁର୍‌ଆନ୍‌ର ଆରବୀ ଅନୁବାଦ ଯେବେ ଏମ୍.ଟି.ଏରେ ପ୍ରସାରଣ ହେବା ଆରମ୍ଭ ହେଲା ସେଗୁଡିକ ମଧ୍ୟ ସେ ରେକର୍ଡିଂ କରି ନିଜ ପାଖରେ ସୁରକ୍ଷିତ ରଖିଲେ । କହୁଛନ୍ତି ମୁଁ ଅନେକଥର ତାଙ୍କ ଘରକୁ ଯାଇଛି । ଯେତେବେଳେ ତାଙ୍କ ଘରେ ମୁଁ ରୁହେ ପ୍ରତ୍ୟେକ ଦିନ ଫଜର୍ ନମାଜର ଦେଢ଼ ଦୁଇଘଂଟା ପୂର୍ବରୁ ମୋତେ ତହଜୁଦ୍ ସମୟରେ କାନ୍ଦି ବିଳାପ କରିବାର ଶବ୍ଦ ଶୁଣାଯାଉଥିଲା । ଯଦି ସେ କେବେ ଟି.ଭି ଦେଖନ୍ତି ତ କେବଳ ଏମ୍.ଟି.ଏ ଦେଖୁଥିଲେ ବା କୌଣସି ଖବର ଦେଖୁଥିଲେ । ଏକଦା ତାଙ୍କର ଏମ୍.ଟି.ଏ ଖରାପ ହୋଇଗଲା । ସେ ତତ୍‌କ୍ଷଣାତ୍ ବାର୍ତା ପଠାଇଲେ ଯେ ଆସି ମୋ ଏମ୍.ଟି.ଏ ଠିକ୍ କରିଦିଅ କାରଣ ତା ବିନା ବଂଚିବା କଷ୍ଟକର । ପୁଣି ଲେଖୁଛନ୍ତି କି ସେ ନମାଜରେ ଏ ଦୁଆ ପାଠ କରୁଥିଲେ- *ଅଲ୍ଲାହୁମ୍ମା ଅତ୍‌ମିନ୍ ଆଲୈନା ନେମତଲ୍ ଖିଲାଫତି* ଅର୍ଥାତ୍ ହେ ଅଲ୍ଲାଃ ଆମକୁ ଖିଲାଫତ୍‌ର ବର୍‌କତ୍‌ରୁ ସଠିକ୍ ଲାଭ ଉଠାଇବା ପାଇଁ ସୌଭାଗ୍ୟ ପ୍ରଦାନ କର ଓ ଯେବେ ମଧ୍ୟ ଏହା ପାଠ କରନ୍ତି ସେତେବେଳେ କାନ୍ଦନ୍ତି । କହୁଛନ୍ତି ଏ ଘଟଣା ମୋ ସମ୍ମୁଖରେ ଅନେକଥର ଘଟିଛି ।

ଅଲ୍ଲାଃତାଲା ମରହୁମ୍ ଏବଂ ମଗ୍‌ଫୁର୍‌ଙ୍କ ପଦମର୍ଯ୍ୟାଦା ଉନ୍ନରୁ ଉନ୍ନତତର କରିଚାଲନ୍ତୁ ଏବଂ ତାଙ୍କ ପୁତ୍ର ଓ ସ୍ତ୍ରୀକୁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ଯେ ସେମାନେ ମଧ୍ୟ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତରେ ଆସିଯାଆନ୍ତୁ । ତାଙ୍କର ସେମାନଙ୍କ ପ୍ରତି ଥିବା ସମସ୍ତ ଦୁଆ ଗ୍ରହଣ ହେଉ ।

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ...*

ଆମେ ସେହି ଲୋକମାନଙ୍କର ମଧ୍ୟ ଧ୍ୟାନ ରଖିପାରିବା । ଖାଦ୍ୟ ତ ବହୁତ ବଡ କଥା । ଏ ପୃଥିବୀରେ ଏପରି ଲୋକ ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ପିଇବା ପାଇଁ ସଠିକ୍‌ମାତ୍ରାରେ ଶୁଦ୍ଧପାଣି ମଧ୍ୟ ମିଳୁନାହିଁ ଓ ଯାହାକିଛି ମିଳୁଛି ତାହା ଏତେ ଅଶୁଦ୍ଧ ଯେ ବୋଧହୁଏ ଆମମଧ୍ୟରୁ ଅଧିକାଂଶ ଲୋକେ ତାକୁ ଦେଖିବା ବି ପସନ୍ଦ କରିବେନାହିଁ । ଅଲ୍ଲାଃତାଲା ଆମକୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇ ଓ ମୋମିନ୍ ମାନଙ୍କର ଲକ୍ଷଣ ବତାଇ ପବିତ୍ର କୋରାନ୍‌ରେ କହୁଛନ୍ତି କି *ୱ ୟୁତ୍‌ଇମୁନା ଅତ୍‌ତାମା ଆଲା ହୁବ୍‌ବିହି ମିସ୍‌କିନୌଁ ୱ ୟତିମୌଁ ୱ ଅସିରା । ଇନ୍ନମା ନୁତ୍‌ଇମୁକୁମ୍ ଲିୱଜ୍‌ହିଲ୍ଲାହି ଲା ନୁରିଦୁ ମିନ୍‌କୁମ୍ ଜଜଅଉଁ ୱଲା ଶୁକୁରା* (ଦହର୍:୯-୧୦)

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହାର ଅନୁବାଦକୁ ବ୍ୟାଖ୍ୟା କରି ଏପରି ବର୍ଣ୍ଣନା କରିଛନ୍ତି କି ଏହି ଆୟତ୍‌ର ଅର୍ଥ ହେଉଛି ଏପରି ଯେ ''ପ୍ରକୃତ ପୁଣ୍ୟ କରୁଥିବା ଲୋକମାନଙ୍କର ଏ ଗୁଣ ଥାଏ ଯେ ସେମାନେ କେବଳ ଖୁଦାଙ୍କ ପ୍ରେମ ପାଇବା ପାଇଁ ଯେଉଁ ଖାଦ୍ୟକୁ ନିଜେ ପସନ୍ଦ କରିଥାନ୍ତି ତାହା ଅଭାବି, ଅନାଥ ଏବଂ କଏଦୀ ଲୋକମାନଙ୍କୁ ଖୁଆଇଥାନ୍ତି ଏବଂ କହୁଛନ୍ତି କି ଆମେ ତୁମଉପରେ କୌଣସି ଏହ୍‌ସାନ୍ (ଅନୁଗ୍ରହ) କରୁନାହୁଁ ବରଂ ଏହି କାର୍ଯ୍ୟ କେବଳ ଏଥିପାଇଁ କରୁଅଛୁ ଯେ ଖୁଦା ଆମ ପ୍ରତି ପ୍ରସନ୍ନ ହୁଅନ୍ତୁ ଏବଂ ତା ମୁହଁ ପାଇଁ ଏ ସେବା କରାଯାଉଛି । ଆମେ ତୁମଠାରୁ ନାଁ ତ କୌଣସି ପ୍ରତିବଦଳ ଚାହୁଁଛୁ ଏବଂ ନା ଏକଥା ଚାହୁଁଛୁ ଯେ ତୁମେମାନେ ଆମର କୃତଜ୍ଞତା ଜ୍ଞାପନ କରିଚାଲ'' । (ଇସ୍‌ଲାମି ଉସୁଲ୍ କି ଫିଲାସଫି, ରୁହାନି ଖଜାଏନ୍, ଖଣ୍ଡ-୧୦, ପୃଷ୍ଠା-୩୫୭)

ଆପଣ ଆ:ସ ଏ କଥାକୁ ସ୍ପଷ୍ଟ କରିଦେଇଛନ୍ତି ଯେ ପସନ୍ଦ ଯୋଗ୍ୟ ବସ୍ତୁଗୁଡିକୁ ଖର୍ଚ୍ଚ କରିବା ହେଉଛି ପୁଣ୍ୟ । ବେକାର୍ ଏବଂ ନିକମା ବସ୍ତୁଗୁଡିକ ଖର୍ଚ୍ଚ କରିବାରେ କୌଣସି ବ୍ୟକ୍ତି ପୁଣ୍ୟ କରିବାର ଦାବି କରିପାରିବ ନାହିଁ । ତେଣୁ ନିଜର ପସନ୍ଦ ଜିନିଷ ଗୁଡିକୁ ଦେବା, ନିଜକୁ ଅଳ୍ପକିଛି କଷ୍ଟରେ ପକାଇ ଅନ୍ୟଙ୍କର ଧ୍ୟାନ ରଖିବା ହେଉଛି ଅସଲ ପୁଣ୍ୟ । ତେଣୁ କୁର୍ବାନୀ କରି ଗରିବ ମାନଙ୍କର ଧ୍ୟାନ ରଖିବା ଏବଂ ସେମାନଙ୍କର ଆବଶ୍ୟକତା ପୂରଣ କରିବା ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ, ତା ମୁହଁର ସଦ୍‌କା, ଏକଥା ପୁଣି ଅଲ୍ଲାଃତାଲାଙ୍କ ସାନିଧ୍ୟ ପ୍ରଦାନ କରିଥାଏ ଓ ଏହା ପୁଣି ଉପାସନା ହୋଇଯାଇଥାଏ । ଯେତେବେଳେ ଏହା ଅଲ୍ଲାଃତାଲାଙ୍କ ଖାତିର କରାଯାଏ ସେତେବେଳେ ଏହି ସେବା ପୁଣି ଉପାସନା ହୋଇଯାଇଥାଏ । ଲୋକମାନଙ୍କୁ ରମ୍‌ଜାନ୍‌ରେ ନିଜ ନିଜର ସାମର୍ଥ୍ୟ ମୁତାବକ ସଦକାତ୍ ଓ ସାହାଯ୍ୟ କରିବା ଧ୍ୟାନ ଆସିଥାଏ । ଏହି ଧ୍ୟାନ ବର୍ଷ ତମାମ୍ ରହିବା ଉଚିତ୍ । କେବଳ ଏହା ସାମୟିକ ନହେଉ ଏବଂ ଯେବେ ବର୍ଷତମାମ୍ ଏପରି ମନୋଭାବ ରହିବ ଏବଂ ଗରିବମାନଙ୍କର ଖିଆଲ୍ ଇଶ୍ୱରଙ୍କ ପ୍ରସନ୍ନତା ପାଇଁ ରଖାଯିବ ତେବେ ପୁଣି ପ୍ରତ୍ୟେକ ଦିନ ଇଦ୍‌ର ଦିନ ହୋଇ ଆନନ୍ଦ ମିଳିଥାଏ । ସାଂସାରିକ ଲୋକେ, ସାଂସାରିକ ସରକାର ସଂଗଠନ ଗୁଡିକ ଯେତେବେଳେ ନିଜର ଯୋଜନା ଅନୁସାରେ ଗରୀବ ଦେଶଗୁଡିକରେ ନିଜ ଖିଆଲରେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଏବଂ ସେମାନଙ୍କ ଭୋକକୁ ମେଂଟାଇବା ପାଇଁ ଯେଉଁ ଖର୍ଚ୍ଚ କରିଥାନ୍ତି ତା'ର ପାଖାପାଖି ୭୦ ବା ଅଶୀ ପ୍ରତିଶତ ନିଜର ଖର୍ଚ୍ଚ ବାବଦପାଇଁ ନେଇଯାଇଥାନ୍ତି । ଏହା ଏଥିପାଇଁ କି ଅଲ୍ଲାଃତାଲାଙ୍କ ଖାତିର୍ ସେମାନେ ଏକାର୍ଯ୍ୟ କରିନଥାନ୍ତି । ସେମାନଙ୍କର କାମ ଉକ୍ତ ଲୋକମାନଙ୍କୁ ନିଜ ଅନୁଗ୍ରହ ତଳେ ରଖିବା ପାଇଁ ହୋଇଥାଏ । ସୁତରାଂ ଉପାସନାର ରଙ୍ଗରେ ଏହି କାର୍ଯ୍ୟକୁ ସମ୍ପାଦନ କରିବା ହେଉଛି ମୋମିନ୍ ମାନଙ୍କର କାମ ଏବଂ ଆନନ୍ଦର ଦିନ ସେମାନଙ୍କୁ, ବାସ୍ତବିକ ଖୁସି ସେମାନଙ୍କୁ ସେତେବେଳେ ମିଳିଥାଏ ଯେତେବେଳେ ସେମାନେ ଅନ୍ୟମାନଙ୍କର ଧ୍ୟାନ ରଖିଥାନ୍ତି । ଜମାତ୍‌ର ବ୍ୟବସ୍ଥା ଅନ୍ତର୍ଗତ ଗରୀବ ଦେଶଗୁଡିକରେ ଅନାଥମାନଙ୍କର ଖର୍ଚ୍ଚ ବହନ କରିବା, ସେମାନଙ୍କୁ ଖାଦ୍ୟ ଦେବା, ବସ୍ତ୍ର ଏବଂ ଶିକ୍ଷା ଯୋଗାଇଦେବାର ବ୍ୟବସ୍ଥା ରହିଛି । ଉତମ ପରିସ୍ଥିତିରେ ରହୁଥିବା ଲୋକମାନଙ୍କୁ ଉକ୍ତ (ଅଭାବୀ) ଲୋକମାନଙ୍କର ଖିଆଲ୍ ରଖିବା ଉଚିତ୍ ଓ ଆନନ୍ଦର ପ୍ରତ୍ୟେକ ଅବସରରେ ଗରୀବମାନଙ୍କର ମଧ୍ୟ ଭାଗ ବାହାର କରିବା ଉଚିତ୍ ।

ପୁଣି ରୋଗୀମାନଙ୍କୁ ମାଗଣା ଚିକିତ୍ସାରେ ଜମାତ୍ ଖର୍ଚ୍ଚ କରୁଅଛି । ପାଣି ଏବଂ ଅଭାବୀ ଲୋକମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଜମାତ୍‌ର ବ୍ୟବସ୍ଥା ଅଛି । ଗରୀବ ଛାତ୍ରଛାତ୍ରୀମାନଙ୍କ ଖର୍ଚ୍ଚ ନିମନ୍ତେ ବ୍ୟବସ୍ଥା ରହିଛି । ସୁତରାଂ ଏଥିପାଇଁ ଯେଉଁଠି ସେମାନେ ନିଜସ୍ୱ ଖର୍ଚ୍ଚ କରୁଛନ୍ତି, ଅଭାବୀ ଲୋକମାନଙ୍କୁ ଦେଉଛନ୍ତି ସେଠାରେ ଜମାତ୍ ବ୍ୟବସ୍ଥା ଅନ୍ତର୍ଗତ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଯେଉଁ ସାହାଯ୍ୟ ମିଳୁଛି ବା ରୋଗୀ ବା ଅନାଥ ନିମନ୍ତେ ଥିବା ଫଣ୍ଡ୍ ଇତ୍ୟାଦି ରହିଛି ସେଥିରେ ନିଜ ସାମର୍ଥ୍ୟ ମୁତାବକ ନିଶ୍ଚିତ ରୂପେ କିଛି ନା କିଛି ଦେବା ଉଚିତ୍ । ଏହିପରି କିଛି ଜେଲି ତନ୍‌ଜିମ୍ ଯାହା ଜମାତ୍ ଅନ୍ତର୍ଗତ ବ୍ୟବସ୍ଥାରେ ପରିଚାଳିତ ଅଛନ୍ତି, ଆସୋସିଏସନ୍ ରହିଛି ସେମାନଙ୍କ ମଧ୍ୟରେ IAAAE ନାମରେ ଇଞ୍ଜିନିୟରସ୍ ଆସୋସିଏସନ୍ ରହିଛି, ଏମାନେ ଶୁଦ୍ଧପାଣି ଇତ୍ୟାଦି ଯୋଗାଇଥାନ୍ତି । ଆଫ୍ରିକାର ବହୁତ ଗୁଡିଏ ଦେଶରେ ଏମାନେ ନଳକୂପ ଲଗାଇଛନ୍ତି, ସୋଲାର୍ ପମ୍ପ୍ ଇତ୍ୟାଦି ଲଗାଇଛନ୍ତି ଏବଂ ହ୍ୟାଣ୍ଡ୍‌ପମ୍ପ୍ ଲଗାଇଛନ୍ତି । ଯେତେବେଳେ ଖରାପ ପାଣି ପିଉଥିବା ଲୋକମାନଙ୍କୁ ଶୁଦ୍ଧପାଣି ପିଇବା ପାଇଁ ମିଳିଥାଏ ଏବଂ ସେମାନଙ୍କ ଘର ସମ୍ମୁଖରେ ମିଳିଥାଏ ସେତେବେଳେ ସେମାନଙ୍କର ଆନନ୍ଦ ଦେଖିବା ସଦୃଶ । ଆମମାନଙ୍କ ମଧ୍ୟରୁ ବହୁତ ଲୋକେ ନିଜ ପିଲାମାନଙ୍କୁ ଯେତେବେଳେ କୌଣସି ପସନ୍ଦ କପଡା ବା ଖେଳନା ନେଇ ଦେଇଥାନ୍ତି ସେତେବେଳେ ପିଲାମାନଙ୍କ ଚେହେରାରେ ଯେପରି ଆନନ୍ଦ ଅନୁଭବ ହୋଇଥାଏ ତାଠାରୁ କେତେ ଅଧିକା ଆନନ୍ଦ ସେହି ଦୂର ଦୂରାନ୍ତରେ ରହୁଥିବା ଗରୀବ ପିଲାମାନଙ୍କ ଚେହେରାରେ ଦେଖିବାକୁ ମିଳେ, ଯେଉଁମାନେ ନିଜ ଘର ଦରଜା ନିକଟରେ ପିଇବା ପାଣି ପାଇଥାନ୍ତି ।

ସେହିପରି ହ୍ୟୁମାନିଟି ଫାଷ୍ଟ୍ ମଧ୍ୟ ବିଭିନ୍ନ ପ୍ରକାରର ଜନସେବା ମୂଳକ କାର୍ଯ୍ୟ କରୁଅଛି । ସେଥିରେ ଖାଦ୍ୟ, ପାଣି, ଶିକ୍ଷା, ଚିକିତ୍ସା ଏବଂ ଅନ୍ୟାନ୍ୟ କାର୍ଯ୍ୟ ବା ଭୂକମ୍ପ ଏବଂ ବାତ୍ୟା ଇତ୍ୟାଦିରେ ତ୍ୱରିତ ସାହାଯ୍ୟ କରିବାର କାର୍ଯ୍ୟ ସାମିଲ୍ ଅଛି । ହ୍ୟୁମାନିଟି ଫାଷ୍ଟ୍‌ରେ ମଧ୍ୟ ଜମାତ୍‌ର ସଦସ୍ୟମାନେ ବହୁତ ଉତ୍ସାହିତର ସହିତ କାମ କରିଥାନ୍ତି ଏବଂ ଯେଉଁ କାର୍ଯ୍ୟଗୁଡିକୁ ଅନ୍ୟ ସଂଗଠନ ଗୁଡିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କରିଥାଏ ଏମାନେ ସେ ସବୁକୁ ହଜାରରେ କରିଦେଇଥାନ୍ତି । ଆମର ସ୍ୱେଚ୍ଛାସେବକମାନେ ସେଠାକୁ ଯାଇଥାନ୍ତି । ତେଣୁ ଜମାତ୍‌ର ଗୋଟିଏ ଅଂଶ ମାଲି ଦୃଷ୍ଟିକୋଣରୁ ମଧ୍ୟ ଏବଂ ବ୍ୟକ୍ତିଗତ ଶକ୍ତି ବିନିଯୋଗ କରିବା ଦୃଷ୍ଟିକୋଣରୁ ମଧ୍ୟ ନିଃସ୍ୱାର୍ଥପର ସେବା ପେଶ୍‌କରି ଏ କାର୍ଯ୍ୟ କରିଥାନ୍ତି । ଅନ୍ୟମାନଙ୍କୁ ବି ଏହା କରିବା ଉଚିତ୍ । ବହୁତ ଲୋକ ଏପରି ଅଛନ୍ତି ଯେଉଁମାନେ ଏହି ପୁଣ୍ୟକାର୍ଯ୍ୟରେ ଭାଗ ନିଅନ୍ତି ନାହିଁ, ସେମାନଙ୍କୁ ମଧ୍ୟ ନେବା ଉଚିତ୍, ଯେପରିକି ମୁଁ କହିସାରିଛି କି ନିଜର ଖୁସି ଅବସରରେ ପୁଣ୍ୟକାର୍ଯ୍ୟରେ ଇଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଭାଗ ନିଅନ୍ତୁ । ଏବଂ ବାସ୍ତବରେ ଏହାଦ୍ୱାରା ଯେଉଁ ଖୁସି ଆପଣଙ୍କୁ ମିଳିବ ଓ ଯେଉଁ ଅଭ୍ୟାସ ହେବ ତାହା ଏହି ଅସ୍ଥାୟୀ ଖୁସିଠାରୁ ବହୁତ ଅଧିକା ହେବ । ଏହିପରି ନିଜ ପିଲାମାନଙ୍କୁ ମଧ୍ୟ ଏପରି ଅଭ୍ୟାସ ପକାଇଦିଅନ୍ତୁ ଯେ ସେମାନଙ୍କୁ ବୟସ୍କଲୋକମାନେ ଇଦ୍ ଦିନ ଯେଉଁ ଇଦି (ଇଦ୍‌ଖର୍ଚ୍ଚ) ଦେଇଥାନ୍ତି ସେଥିରୁ କିଛି ନା କିଛି ପୃଥିବୀର ଗରିବ ପିଲାମାନଙ୍କ ପାଇଁ ମଧ୍ୟ ଦିଅନ୍ତୁ । ଏହା ଏବେଠାରୁ ପିଲାମାନଙ୍କର ଅଭ୍ୟାସରେ ପକାଇ ଦିଅନ୍ତୁ । ଏହାଦ୍ୱାରା ଭବିଷ୍ୟତରେ ସେମାନଙ୍କୁ ଯେଉଁଠି ଜନସେବା ନିମନ୍ତେ ଖର୍ଚ୍ଚ କରିବାବାଲା ବନାଇଦେବ, ଲୋକମାନଙ୍କ ସହିତ ସହାନୁଭୁତିଶୀଳ ହେବା ବନାଇଦେବ ସେଠାରେ ଅଲ୍ଲାଃତାଲାଙ୍କ କରୁଣାର ପାତ୍ର ହୋଇ ସେମାନଙ୍କ ଜୀବନର ସମସ୍ତ ଅସୁବିଧାରୁ ମୁକ୍ତି ଦେବାବାଲା ମଧ୍ୟ ବନାଇଦେବ । ପୁଣ୍ୟ ଉପରେ କାଏମ୍ ରହିବାବାଲା ହେବେ । ତେଣୁ ଏହି ମନୋଭାବ ଆସନ୍ତା ପିଢ଼ୀଙ୍କ ମନରେ ମଧ୍ୟ ଉପୁଜିବା ଉଚିତ୍ ଓ ଏହା ହେଉଛି ଇଦ୍‌ର ପ୍ରକୃତ ଖୁସି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବାରମ୍ବାର ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି କି ହୁକୁକୁଲ୍ ଇବାଦ୍ ଏବଂ ଜଣେ ଅନ୍ୟଜଣଙ୍କ ପାଇଁ ପୁଣ୍ୟ ମନୋଭାବ ରଖିବା କେଡେ ଜରୁରୀ ଅଟେ । ସୁତରାଂ ଗୋଟିଏ ଅବସରରେ ମସିହ୍ ମଉଦ୍ ଆ:ସ କହୁଛନ୍ତି କି -

ଶରୀୟତ୍‌ର ଦୁଇଟି ବଡ ଅଂଶ ରହିଛି ଓ ପାର୍ଶ୍ୱ ରହିଛି, ଯାହାର ସୁରକ୍ଷା ମଣିଷକୁ କରିବା ଜରୁରୀ ଅଟେ । ଗୋଟିଏ ହେଉଛି ଅଲ୍ଲାଃଙ୍କ ଅଧିକାର ପ୍ରଦାନ କରିବା ଓ ଦ୍ୱିତୀୟଟି ହେଉଛି ଅଲ୍ଲାଃଙ୍କ ଭକ୍ତଙ୍କର ଅଧିକାରକୁ ପ୍ରଦାନ କରିବା, ଅଲ୍ଲାଃଙ୍କ ହକ୍‌କୁ ପ୍ରଦାନ କରିବା ହେଉଛି ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରିବା, ତାର ଆଜ୍ଞା ପାଳନ କରିବା, ଉପାସନା କରିବା, ଏକେଶ୍ୱରବାଦ, ତା ନିଜ ସହିତ ବା ତାର କୌଣସି ବିଶେଷ ଗୁଣ ସହିତ କାହାରିକୁ ସମକକ୍ଷ ନକରିବା'' । ଏହା ତ ହେଉଛି ଅଲ୍ଲାଃତାଲାଙ୍କର ଅଧିକାର କି ତାର ଉପାସନା କରାଯାଉ, ତାକୁ ଭଲପାଇବା, ତା'ର ଏକେଶ୍ୱରବାଦକୁ ସ୍ୱୀକାର କରିବା ନା କେବଳ ସ୍ୱୀକାର କରିବା ବରଂ ଆମର ପ୍ରତ୍ୟେକ କାର୍ଯ୍ୟରେ ତା'ର ଏକେଶ୍ୱରବାଦ ପ୍ରକାଶ ହେଉଥିବ ଏବଂ ତା'ର ଯେତେ ପ୍ରକାରର ବିଶେଷ ଗୁଣ ଅଛି, ସେଥିରେ ଏ ବିଶ୍ୱାସ ରଖାଯିବ ଯେ କେହି ତାର ସମକ୍ଷକ ହୋଇପାରିବେ ନାହିଁ । ଏବଂ ଦ୍ୱିତୀୟ କଥା କହୁଛନ୍ତି- ''ଏବଂ ଭକ୍ତଙ୍କ ଅଧିକାର ହେଉଛି ଏହା ଯେ ନିଜ ଭାଇମାନଙ୍କ ସହିତ ଗର୍ବ ଅହଂକାର, ଖୟାନତ୍ ଏବଂ କୌଣସି ପ୍ରକାର ଅତ୍ୟାଚାର କରାନଯାଉ ଯେପରି ଚାରିତ୍ରିକ ପାର୍ଶ୍ୱରେ କୌଣସି ପ୍ରକାରର ଦୋଷ ଦୁର୍ବଳତା ନରହୁ'' । ଆପଣ ଆ:ସ କହୁଛନ୍ତି କି ଶୁଣିବାକୁ ତ ଏହା ହେଉଛି ଦୁଇଟି ବାକ୍ୟ କିନ୍ତୁ (ଏହା ଉପରେ) ପରିଚାଳିତ ହେବା ବହୁତ କଷ୍ଟକର'' ।

କହୁଛନ୍ତି କି ''ଯଦି ଅଲ୍ଲାଃତାଲାଙ୍କର ବହୁତ ବଡ କରୁଣା ମନୁଷ୍ୟ ଉପରେ ହେବ ତେବେ ସେ ଉକ୍ତ ଦୁଇଗୋଟି ପାର୍ଶ୍ୱ ଉପରେ କାଏମ୍ ରହିପାରିବ'' ସୁତରାଂ ଅଲ୍ଲାଃତାଲାଙ୍କର ଫଜଲ୍ (କରୁଣା)କୁ ଆମେ ଖୋଜିବା ଉଚିତ୍ ଓ କେହି ସେଥିରୁ ବଂଚିତ ନରୁହନ୍ତୁ । କହୁଛନ୍ତି କି ଆମେ ଏ ପୃଥିବୀରେ କଣ ଦେଖୁଛେ କି ''କାହାଠାରେ କ୍ରୋଧ ମାତ୍ରାଧିକ ବଢିଯାଇଛି'' । ବହୁତ ଶୀଘ୍ର କ୍ରୋଧ ତାକୁ ଆସିଯାଇଥାଏ, ''ଯେତେବେଳେ ତାହା ଜୋସ୍ ମାରିଥାଏ । ସେତେବେଳେ ନା ତ ତାର ହୃଦୟ ପବିତ୍ର ରହିପାରେ ଏବଂ ନା ତାର ଭାଷା । ହୃଦୟରୁ ନିଜ ଭାଇର ବିରୋଧରେ ଅପବିତ୍ର ଯୋଜନା କରିଥାଏ ଓ ମୁହଁରୁ ଗାଳି ଦେଇଥାଏ'' ।

ଆପଣ ଆ:ସ କହୁଛନ୍ତି କି ''.....ସୁତରାଂ ଦିନ ରାତି ଏ ଚେଷ୍ଟା କରିବା ଉଚିତ୍ କି ଜଣେ ମନୁଷ୍ୟକୁ ସଚ୍ଚା ଏକେଶ୍ୱରବାଦ ହେବାପରେ ନିଜର ଚରିତ୍ରକୁ ଠିକ୍ ରଖୁ'' । ଏକଶ୍ୱରବାଦ ଉପରେ କାଏମ୍ ରହିବା ଉପରେ ଏହା ତା ପାଇଁ ଜରୁରୀ ଅଟେ କି ସେ ତାର ନିଜ ଚରିତ୍ରକୁ ସୁଦାରୁ ।

ଆପଣ ଆ:ସ କହୁଛନ୍ତି କି ''..... ମୁଁ ଦେଖୁଅଛି ଯେ ବହୁତ ଲୋକ ଏପରି ଅଛନ୍ତି ଯେଉଁମାନଙ୍କ ଠାରେ ନିଜ ଭାଇମାନଙ୍କ ପାଇଁ କୌଣସି ପ୍ରକାରର ମଧ୍ୟ କିଛି ସହାନୁଭୁତି ନାହିଁ । ଯଦି ଜଣେ ଭାଇ ଭୋକିଲା ମରୁଥିବ ତ ଅନ୍ୟଜଣଙ୍କୁ ଧ୍ୟାନ ନାହିଁ । ଏବଂ ତାର ଖବର ନେବାପାଇଁ ସେ ପ୍ରସ୍ତୁତ ନୁହେଁ ବା ଯଦି ସେ ଅନ୍ୟ କୌଣସି ପ୍ରକାରର ଅସୁବିଧାରେ ପଡ଼ିଛି ତେବେ ସେ ତା ପାଇଁ ଏତିକି ମଧ୍ୟ କରୁନାହିଁ ଯେ ନିଜ ଧନରୁ କିଛି ଅଂଶ ଖର୍ଚ୍ଚ କରିବ'' । କହୁଛନ୍ତି କି ''ହଦିସ୍ ଶରୀଫ୍‌ରେ ପଡୋଶୀଙ୍କ ଧ୍ୟାନ ରଖିବା ଓ ତା ସହିତ ସହାନୁଭୁତି ଦେଖାଇବାର ନିର୍ଦ୍ଦେଶ ଆସିଛି ବରଂ ଏପରି ମଧ୍ୟ (ନିର୍ଦ୍ଦେଶ) ରହିଛି କି ଯଦି ତୁମେ ମାଂସ ରାନ୍ଧ ତେବେ ଝୋଳ ଟିକେ ଅଧିକା କରିଦିଅ ଯଦ୍ୱାରା ତାକୁ ମଧ୍ୟ ଦେଇପାରିବ । ଏବେ କଣ ହେଉଛି, ନିଜର ପେଟକୁ ଦେଖାଯାଉଛି କିନ୍ତୁ ତା'ର (ଅର୍ଥାତ୍ ପଡୋଶୀର) କୌଣସି ପରବାୟ ନାହିଁ । ଏହା ଭାବନାହିଁ କି ପଡୋଶୀର କେବଳ ଏତିକି ଅର୍ଥ ଯିଏ ଘର ନିକଟରେ ରହିଥାଏ ବରଂ ତୁମର ଯେଉଁ ଭାଇ ଅଛନ୍ତି ସେମାନେ ମଧ୍ୟ ପଡୋଶୀ ଯଦିଚ ସେମାନେ ଶହେ କୋଷ ଦୂରତାରେ ମଧ୍ୟ ରହୁଥିବେ'' । ତେବେ ଏହା ହେଉଛି ଜଣେ ମୋମିନ୍‌ର ସ୍ତର କି କିପରି ତାକୁ ସହାନୁଭୁତି ଦେଖାଇବା ଉଚିତ୍, କିପରି ତାକୁ ଅନ୍ୟମାନଙ୍କୁ ଖୁଆଇବା ପାଇଁ ଏକ ଚେଷ୍ଟା ଓ ଧ୍ୟାନ ରଖିବା ଉଚିତ୍ ।

ପୁଣି ଆପଣ ଆ:ସ କହୁଛନ୍ତି କି ''ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟହ ନିଜର ଅନୁଶୀଳନ କରିବା ଉଚିତ୍ କି ସେ କେତେମାତ୍ରାରେ ଉକ୍ତ କଥାଗୁଡିକ ଉପରେ ଧ୍ୟାନ ଦେଉଛି ଓ କେତେମାତ୍ରାରେ ସେ ନିଜ ଭାଇମାନଙ୍କ ସହିତ ସହାନୁଭୁତିଶୀଳ ହୋଇ ବ୍ୟବହାର କରୁଛି । ଏହାକୁ ଗଭୀରଭାବେ ଅନୁଧ୍ୟାନ କରିବା ହେଉଛି ମନୁଷ୍ୟର କର୍ତବ୍ୟ'' । କହୁଛନ୍ତି କି ''ସହି ହଦିସ୍‌ରେ ଆସୁଛି ଯେ କୟାମତ୍ ଦିନ ଅଲ୍ଲାଃତାଲା କହିବେ କି ମୁଁ ଭୋକିଲା ଥିଲି, ତୁମେ ମୋତେ ଖାଇବାକୁ ଦେଇନଥିଲ, ମୁଁ ଶୋସିଲା ଥିଲି, ତୁମେ ମୋତେ ପିଇବାକୁ ଦେଇନଥିଲ, ମୁଁ ବେମାର ଥିଲି, ତୁମେ ମୋତେ ଚିକିତ୍ସା କରାଇନଥିଲ, ଯେଉଁ ଲୋକମାନଙ୍କୁ ଏହି ପ୍ରଶ୍ନ ପଚରାଯିବ ସେମାନେ କହିବେ କି ହେ ଆମର ପାଳନକର୍ତା ! ତୁମେ କେବେ ଭୋକିଲା ଥିଲ ଯେ ଆମେ ତୁମକୁ ଖାଇବାକୁ ଦେଇନଥିଲୁ, ତୁମେ କେବେ ଶୋଷିଲା ଥିଲ ଯେ ଆମେ ତୁମକୁ ପିଇବାକୁ ଦେଇନଥିଲୁ ଓ ତୁମେ କେବେ ବେମାର ଥିଲ ଯେ ଆମେ ତୁମକୁ ଦେଖିନଥିଲୁ । ଏଥିରେ ପୁଣି ଖୁଦାତାଲା କହିବେ କି ମୋର ଅମୁକ ଭକ୍ତ ଏହି ସବୁ କଥାରେ ପିଡୀତ ଥିଲା କିନ୍ତୁ ତୁମେମାନେ ତା ସହିତ କୌଣସି ପ୍ରକାରର ସହାନୁଭୁତି ଦେଖାଇନଥିଲ । ତା ସହିତ ସହାନୁଭୁତି ଦେଖାଇବା ମୋ ସହିତ ହିଁ ସହାନୁଭୁତି ଥିଲା । ସେହିପରି ଆଉଗୋଟିଏ ଗୋଷ୍ଠୀକୁ କହିବ ସାବାସ୍ ! ତୁମେମାନେ

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ମୋ ସହିତ ସହାନୁଭୁତି ଦେଖାଇଛ । ମୁଁ ଭୋକିଲା ଥିଲି, ମୋତେ ଖାଇବାକୁ ଦେଇଥିଲ, ମୁଁ ଶୋଷିଲା ଥିଲି ମୋତେ ପିଇବାକୁ ଦେଇଥିଲ, ଇତ୍ୟାଦି ଇତ୍ୟାଦି । ସେହି ଦଳ କହିବେ ହେ ଆମର ଖୁଦା, ଆମେ କେବେ ଏପରି ତୁମ ସହିତ ବ୍ୟବହାର କରିଥିଲୁ ? ସେତେବେଳେ ଅଲ୍ଲାଃତାଲା ଉତର ଦେବେ କି ମୋର ଅମୁକ ଭକ୍ତ ସହିତ ତୁମେମାନେ ଯେଉଁ ସହାନୁଭୁତି ଦେଖାଇଥିଲ ତାହା ମୋ ସହିତ ସହାନୁଭୁତି ଥିଲା'' । କହୁଛନ୍ତି କି ''ବାସ୍ତବରେ ଖୁଦାତାଲାଙ୍କ ମଖ୍‌ଲୁକ୍ (ସୃଷ୍ଟଜ)ଙ୍କ ସହିତ ସହାନୁଭୁତି ଦେଖାଇବା ହିଁ ବହୁତ ବଡ କଥା ଓ ଏହାକୁ ଖୁଦାତାଲା ବହୁତ ପସନ୍ଦ କରିଥାଏ । ଏହାଠାରୁ ବଳି ଆଉ କଣ ହେବ କି ସେ ତା ସହିତ ନିଜର ସହାନୁଭୁତି....'' ଅର୍ଥାତ୍ ନିଜ ଭକ୍ତଙ୍କ ସହିତ ସହାନୁଭୁତି ବା ଗରୀବଙ୍କ ସହିତ ସହାନୁଭୁତି ''....ନିଜର ସହାନୁଭୁତି ପ୍ରକାଶ କରିଥାଏ'' । ଅର୍ଥାତ୍ ଏପରି ଅଟେ ଯେପରିକି କେହିଜଣେ ଅଲ୍ଲାଃତାଲାଙ୍କ ସହିତ ସହାନୁଭୁତି ଦେଖାଇଥାଏ । ଗୋଟିଏ ଉଦାହରଣ ଦେଇ ଆପଣ ଆ:ସ କହୁଛନ୍ତି କି ''ସାଧାରଣତଃ ଏ ସଂସାରରେ ମଧ୍ୟ ଏପରି ଘଟିଥାଏ କି ଯଦି କୌଣସି ବ୍ୟକ୍ତିର ସେବକ ତାର କୌଣସି ବନ୍ଧୁ ନିକଟକୁ ଯାଏ ଏବଂ ସେହି ବ୍ୟକ୍ତିଜଣକ ତା ପ୍ରତି କୌଣସି ଧ୍ୟାନ ନଦିଏ ତେବେ କଣ ସେହି ସେବକର ମାଲିକ ଉକ୍ତ ବନ୍ଧୁଙ୍କ ଠାରୁ ଖୁସିହେବ ? ଯଦି କୌଣସି ମାଲିକର ଚାକର ମଧ୍ୟ କାହା ପାଖକୁ ଯାଇଥାଏ ଯିଏ ତାର ବନ୍ଧୁ ଏବଂ ସେହି ବନ୍ଧୁ ଜଣକ ତା ଚାକର ସହିତ ଉତମ ବ୍ୟବହାର ନକରେ ତେବେ ସେହି ଚାକର ପାଇଁ ମାଲିକ ନିଜ ବନ୍ଧୁଙ୍କ ଠାରୁ ଖୁସି ହୋଇନଥାଏ । ତେବେ କହୁଛନ୍ତି କେବେ ସେ ଖୁସି ହେବ କି ? ''କେବେ ନୁହେଁ । ଯେବେକି ତାକୁ ସେ କୌଣସି ପ୍ରକାର ଦୁଃଖ ତ ଦେଇନାହିଁ କିନ୍ତୁ କେବେ ନୁହେଁ । ଉକ୍ତ ଚାକରର ସେବା କରିବା ଓ ତା ସହିତ ଉତମ ବ୍ୟବହାର କରିବା ଏପରି ଅଟେ ଯେପରି ତା ମାଲିକ ସହିତ ଉତମ ବ୍ୟବହାର । ଖୁଦାତାଲାଙ୍କୁ ମଧ୍ୟ ସେହିପରି ଅସନ୍ତୋଷ ହୋଇଥାଏ ଯେପରି ତା ମ୍‌ଖଲୁକ୍ ସହିତ କିଏ ଖରାପ ବ୍ୟବହାର କରେ'' ଅଲ୍ଲାଃତାଲା ଏହା ପସନ୍ଦ କରେନାହି କି କେହି ତାର ମଖ୍‌ଲୁକ୍‌କୁ ଖରାପ ବ୍ୟବହାର କରେ, ତାର ଧ୍ୟାନ ନରଖୁ, ତାର ଆବଶ୍ୟକ ସମୟରେ ତା କାମରେ ନଆସୁ । କହୁଛନ୍ତି ''କାରଣ ତାକୁ ନିଜର ମଖ୍‌ଲୁକ୍ ସହିତ ବହୁତ ପ୍ରେମ ରହିଛି ସୁତରାଂ ଯେଉଁ ବ୍ୟକ୍ତି ଖୁଦାତାଲାଙ୍କ ମଖ୍‌ଲୁକ୍ ସହିତ ସହାନୁଭୁତି ଦେଖାଇଥାଏ ତେବେ ଏପରି ହୋଇଥାଏ ଯେପରି ସେ ନିଜ ଖୁଦାଙ୍କୁ ପ୍ରସନ୍ନ କରିଥାଏ'' ।

ପୁଣି ଆପଣ ଆ:ସ କହୁଛନ୍ତି କି ''ସୁତରାଂ ସୁଚରିତ୍ର ହିଁ ସମସ୍ତ ଉନ୍ନତିର ପାହାଚ ଅଟେ । ମୋ ଜ୍ଞାତରେ ହୁକୁକୁଲ୍ ଇବାଦ୍ ହେଉଛି ଏକ ପାର୍ଶ୍ୱ ଯାହା ହୁକୁକୁଲ୍ଲାଃର ପାର୍ଶ୍ୱକୁ ଶକ୍ତି ପ୍ରଦାନ କରିଥାଏ'' ସହାନୁଭୁତି ଦେଖାଇବା, ହୁକୁକୁଲ୍ ଇବାଦ୍‌ର ଏହିପାର୍ଶ୍ୱ ଅଲ୍ଲାଃତାଲାଙ୍କର ଅଧିକାର ପ୍ରଦାନ କରିବାରେ ମଧ୍ୟ ମଜ୍‌ବୁତ୍ କରିଥାଏ । ଯଦି ଅଲ୍ଲାଃତାଲାଙ୍କ ଭକ୍ତଙ୍କ ସହିତ ଦୃଢ଼ ସମ୍ପର୍କ ସୃଷ୍ଟି କରିବ ତେବେ ଅଲ୍ଲାଃତାଲାଙ୍କ ସହିତ ମଧ୍ୟ ଦୃଢ଼ ସମ୍ପର୍କ ସ୍ଥାପନ ହୋଇଯିବ । କହୁଛନ୍ତି ''ଯେଉଁବ୍ୟକ୍ତି ମାନବ ଜାତି ସହିତ ଉତମ ଚରିତ୍ରକୁ ବ୍ୟବହାର କରିଥାଏ ଖୁଦାତାଲା ତାର ଇମାନ୍ (ବିଶ୍ୱାସ)କୁ ନଷ୍ଟ କରେନାହିଁ । ଯେତେବେଳେ ମନୁଷ୍ୟ ଇଶ୍ୱରଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ଗୋଟିଏ କାର୍ଯ୍ୟ କରିଥାଏ ଓ ନିଜ ଦୁର୍ବଳ ଭାଇ ସହିତ ସହାନୁଭୁତି ଦେଖାଇଥାଏ ସେତେବେଳେ ତାର ନିଷ୍ଠା ଦ୍ୱାରା ତାର ଇମାନ୍ ଶକ୍ତିଶାଳୀ ହୋଇଯାଏ କିନ୍ତୁ ଏକଥା ମନେରଖିବା ଉଚିତ୍ କି ଲୋକଦେଖାଣିଆ ଭାବେ ଯିଏ ଏପରି ଚରିତ୍ରକୁ ପରିପ୍ରକାଶ କରେ ତାହା ଖୁଦାତାଲାଙ୍କ ପାଇଁ ହୋଇନଥାଏ ଓ ସେଥିରେ ନିଷ୍ଠା ନରହିବା ଯୋଗୁ କିଛି ଲାଭ ମିଳିନଥାଏ'' ।

ସୁତରାଂ କୁର୍ବାନୀ ମଧ୍ୟ ଏବଂ ଚାନ୍ଦା ମଧ୍ୟ ଖୁଦାତାଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ ଦେବା ଉଚିତ୍ । ଆମର ଏଠାରେ ଏପ୍ରଥା ରହିଛି କି ରମ୍‌ଜାନ୍ ମାସରେ ଦୁଆ କରିବା ପାଇଁ ଲିଷ୍ଟ୍ ବନାଯାଏ । ଦୁଆ ହାସଲ କରିବା ପାଇଁ ନିଶ୍ଚିତ ରୂପେ ଏହା ହେଉ କିନ୍ତୁ ନାମକୁ ପ୍ରକାଶ କରିବା ପାଇଁ ନହେଉ । ଆପଣ ଆ:ସ କହୁଛନ୍ତି ''ଏହିପରି ଅନେକ ଲୋକ ଯାତ୍ରିନିବାସ ଇତ୍ୟାଦି ନିର୍ମାଣ କରିଥାନ୍ତି । ଏହାର ଅସଲ ଉଦ୍ଦେଶ୍ୟ ନାଁ କମାଇବା ପାଇଁ ହୋଇଥାଏ'' । ଯାତ୍ରୀମାନଙ୍କ ପାଇଁ ଯାତ୍ରୀନିବାସ ବନାନ୍ତି, ରହିବା ପାଇଁ ଯାଗା ବନାନ୍ତି, ମାଗଣାରେ ରହିବା ପାଇଁ ବ୍ୟବସ୍ଥା କରିଦିଅନ୍ତି, ତାଙ୍କ ପାଖରେ ଟଙ୍କାଥାଏ, ପାଣି ଯୋଗାଇଦେବାର ବ୍ୟବସ୍ଥା କରିଥାନ୍ତି କିନ୍ତୁ ସେମାନଙ୍କର ଉଦ୍ଦେଶ୍ୟ କଣ ? କହୁଛନ୍ତି କି ''ପ୍ରସିଦ୍ଧି ଲାଭ କରିବା....'' ଖୁଦାଙ୍କ ମୁହଁକୁ (ଚାହିଁ) କରିନଥାନ୍ତି ଯେପରିକି ମୁଁ କହିସାରିଛି ଯେ ଅଧିକାଂଶ ଧନୀଦେଶ ଗୁଡିକ ନିଜର ଉଦ୍ଦେଶ୍ୟ ସାଧନ ପାଇଁ ଗରିବ ମାନଙ୍କୁ ସାହାଯ୍ୟ କରିଥାନ୍ତି । ପୁଣି ଆପଣ ଆ:ସ କହୁଛନ୍ତି କି ''....ଯଦି ମଣିଷ ଖୁଦାତାଲାଙ୍କ ପାଇଁ କିଛି କାର୍ଯ୍ୟକରେ ତାହା କେତେ ଛୋଟ ହୋଇଥାଉ ନା କାହିଁ ତାକୁ ଅଲ୍ଲାଃତାଲା ନଷ୍ଟ କରନ୍ତି ନାହିଁ ଓ ତାର ପ୍ରତିବଦଳ ପ୍ରଦାନ କରିଥାନ୍ତି'' କହୁଛନ୍ତି କି ''ମୁଁ ତଜକରତୁଲ୍ ଅଉଲିଆରେ ପଢ଼ିଛି ଯେ ଜଣେ ୱଲିଅଲ୍ଲାଃ କହୁଛନ୍ତି କି ଏକଦା ବର୍ଷା ହେଲା ଓ ଅନେକ ଦିନ ପର୍ଯ୍ୟନ୍ତ ଜାରି ରହିଲା । ସେହି ବର୍ଷା ଦିନରେ ମୁଁ ଏହା ଦେଖିଲି ଯେ ଜଣେ ଅଶୀ ବର୍ଷର ବୁଢ଼ା ଗବର୍ (ନିଆଁକୁ ପୁଜୁଥିବା ବ୍ୟକ୍ତି) ଗୋଟିଏ ଛାତ ଉପରେ ପକ୍ଷୀମାନଙ୍କୁ ଶସ୍ୟ ଦେଉଥିଲା । ମୁଁ ଏ ଭାବନାରେ (ସେ କାଫିର୍ ଅଛନ୍ତି) ଏବଂ କାଫିର୍‌ର କାର୍ଯ୍ୟଗୁଡିକ ନଷ୍ଟ ହୋଇଯାଇଥାଏ (ତାକୁ କହିଲା କି କଣ ତୁମର ଏପରି କାର୍ଯ୍ୟଦ୍ୱାରା ତୁମକୁ କିଛି ପୁଣ୍ୟ ମିଳିବ ?'' । ସେହି ୱଲିଉଲ୍ଲାଃକୁ ପଚାରିଲେ । ''ସେ ଉତର ଦେଲେ କି ହଁ ନିଶ୍ଚିତ ମିଳିବ । ପୁଣି ସେହି ୱଲିଉଲ୍ଲାଃ ବର୍ଣ୍ଣନା କରୁଛନ୍ତି କି ଏକଦା ମୁଁ ହଜ୍ ସମୟରେ ଦେଖିଲି ଯେ ସେହି ଗବର୍ ତଓ୍ୱାଫ୍ କରୁଥିଲା ଓ ସେ ମୋତେ ଚିହ୍ନିନେଇ କହିଲା କି ଦେଖ ସେହି ଦାନା ପକାଇବାର ମୋତେ ପୁଣ୍ୟ ମିଳିଲା କି ନାହିଁ ? ଅର୍ଥାତ୍ ସେହି ଦାନା (ଯାହାକୁ ମୁଁ ପକ୍ଷୀମାନଙ୍କ ପାଇଁ ପକାଉଥିଲି) । ମୋତେ ଇସ୍‌ଲାମ୍ ଗ୍ରହଣ କରିବାର କାରଣ ହେଲା'' । ଉକ୍ତ ଅଗ୍ନିପୂଜକ ସେହି ପୁଣ୍ୟ କାର୍ଯ୍ୟକୁ ସଂସାରରେ ଲାଭ ଉଠାଇବାର ମାଧ୍ୟମ ରୂପେ କରିନଥିଲା ବରଂ ଏକଥାରେ ସେ ଖୁସି ହୋଇଥିଲା ଯେ ତାର ସେହି ପୁଣ୍ୟକାର୍ଯ୍ୟ ତାକୁ ଇସ୍‌ଲାମ୍ ଗ୍ରହଣ କରିବା ପାଇଁ ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ମାଧ୍ୟମ ହୋଇଗଲା ।

ପୁଣି ଆପଣ ଆ:ସ କହୁଛନ୍ତି କି ''ହଦିସ୍‌ରେ ମଧ୍ୟ ଏହା ଉଲ୍ଲେଖ ଅଛି କି ଜଣେ ସାହାବୀ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପଚାରିଲେ ଯେ ମୁଁ ଜାହିଲିୟତ୍ ଦିନଗୁଡିକରେ ବହୁତ ଖର୍ଚ୍ଚ କରୁଥିଲି'' ମୁଁ ନିଃସ୍ୱାର୍ଥପର ହୋଇ ଲୋକମାନଙ୍କ ହିତ ସାଧନ ନିମନ୍ତେ ଖର୍ଚ୍ଚ କରୁଥିଲି । ''କଣ ଏହାର ପୁଣ୍ୟ ମୋତେ ମିଳିବ ? ଆଁ ହଜ୍‌ରତ୍ ସ:ଆ:ସ ତାକୁ ଉତର ଦେଲେ କି ଏହା ହେଉଛି ତାର ପୁଣ୍ୟଫଳ କି ତୁମେ ତା ଯୋଗୁ ମୁସଲ୍‌ମାନ୍ ହୋଇଗଲ'' । ସେହି ଫଳ ତ ତୁମେ ଖାଉଅଛ । ଅଲ୍ଲାଃତାଲା ଉକ୍ତ ପୁଣ୍ୟଯୋଗୁ ତୁମକୁ ମୁସଲମାନ ହେବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । କହୁଛନ୍ତି କି ''ଏଥିରୁ ଜଣାପଡୁଛି ଯେ ଅଲ୍ଲାଃତାଲା କାହାର ସାଧାରଣ ନିଷ୍ଠାପର କାର୍ଯ୍ୟକୁ ମଧ୍ୟ ନଷ୍ଟ କରିନଥାଏ ଓ ଏହା ମଧ୍ୟ ପ୍ରମାଣିତ ହେଉଛି ଯେ ମଖ୍‌ଲୁକ୍‌ଙ୍କ ସହାନୁଭୁତି ଓ ଧ୍ୟାନ ରଖିବାଟା ଅଲ୍ଲାଃତାଲାଙ୍କ ଅଧିକାରକୁ ସୁରକ୍ଷା ଦେବାର କାରଣ ହୋଇଥାଏ'' । ଏ ଭାବନା ହେବା ଉଚିତ୍ କି ଆମେ ପୁଣ୍ୟ କାର୍ଯ୍ୟ ସାଂସାରିକ ଲାଭ ଉଠାଇବା ପାଇଁ କରିବା ନାହିଁ ବରଂ ଅଲ୍ଲାଃତାଲାଙ୍କ ସାନିଧ୍ୟ ପ୍ରାପ୍ତ କରିପା ପାଇଁ କରିବା । ପୁଣି ଏହା ଅଲ୍ଲାଃତାଲାଙ୍କ ଅଧିକାରକୁ ସୁରକ୍ଷା ଦେବାର ଜରିଆ ହୋଇଯାଏ ।

ସୁତରାଂ କହୁଛନ୍ତି କି ''ତେଣୁ ମଖ୍‌ଲୁକ୍ ସହିତ ସହାନୁଭୁତି ଦେଖାଇବା ହେଉଛି ଏପରି । ଯଦି ମନୁଷ୍ୟ ତାକୁ ଛାଡିଦିଏ ଓ ତା ଠାରୁ ଦୂରେଇ ଯାଏ ତେବେ ସେ ଧିରେ ଧିରେ ପଶୁ ପାଲଟିଯାଏ । ମନୁଷ୍ୟର ମାନବିକତା ଏହା ଚାହୁଁଛି ଏବଂ ସେ ସେପର୍ଯ୍ୟନ୍ତ ମନୁଷ୍ୟ ହୋଇ ରହିବ, ଯେପର୍ଯ୍ୟନ୍ତ ନିଜର ଅନ୍ୟଭାଇମାନଙ୍କ ସହିତ ଉତମ ବ୍ୟବହାର ଓ ଅନୁଗ୍ରହ କରୁଥିବ ଏବଂ ସେଥିରେ କୌଣସି ପ୍ରକାରର ବିଭେଦ ଦେଖିବନାହିଁ ଯେପରିକି ସାଦି କହିଛନ୍ତି- *ବନି ଆଦମ୍ ଆଜାଏ ୟକ୍ ଦିଗର୍ ଅନ୍ଦ୍* ଅର୍ଥାତ୍ ମନୁଷ୍ୟ ହେଉଛି ଜଣେ ଅନ୍ୟଜଣକର ଅଙ୍ଗ । ଆପଣ ଆ:ସ କହୁଛନ୍ତି କି ''ମନେରଖ ସହାନୁଭୁତି ଦେଖାଇବାର ପରିଧି ମୋ ନିକଟରେ ଅତି ବ୍ୟାପକ । କୌଣସି ଜାତି ଏବଂ କୌଣସି ବ୍ୟକ୍ତିକୁ ଏଥିରୁ ଅଲଗା ନକରାଯାଉ'' । ଏପରି ନହେଉ କି କୌଣସି ବିଶେଷ ଜାତି ନିମନ୍ତେ ସହାନୁଭୁତି ଦେଖାଅ ବରଂ ପ୍ରତ୍ୟେକଙ୍କ ସହିତ ସହାନୁଭୁତି ଦେଖାଇବା ଉଚିତ୍, କାହାକୁ ଅଲଗା ନ କରାଯାଉ । ''ମୁଁ ଆଜିକାଲିର ମୁର୍ଖ ମାନଙ୍କପରି ଏହା କହିବାକୁ ଚାହୁଁନାହିଁ ଯେ ତୁମେମାନେ ନିଜର ସହାନୁଭୁତିକୁ କେବଳ ମୁସଲ୍‌ମାନ୍‌ଙ୍କ ପାଇଁ ହିଁ ଧାର୍ଯ୍ୟରଖ, ନୁହେଁ । ମୁଁ ଏକଥା କହୁଛି ଯେ ତୁମେ ଖୁଦାତାଲାଙ୍କ ସମସ୍ତ ପ୍ରାଣୀଙ୍କ ସହିତ ସହାନୁଭୁତି ଦେଖାଅ, ସେ ଯିଏ ବି ହୋଇଥାଉ । ହିନ୍ଦୁ ହେଉ ବା ମୁସଲ୍‌ମାନ୍ ହେଉ ବା ସେ ଯେ କେହି ବି ହେଉ । ମୁଁ କଦାପି ସେହି ଲୋକମାନଙ୍କ କଥାକୁ ପସନ୍ଦ କରେନାହିଁ ଯେଉଁମାନେ ସହାନୁଭୁତିକୁ କେବଳ ନିଜ ଜାତି ଭିତରେ ସିମୀତ ରଖିବାକୁ ଚାହିଁଥାନ୍ତି । ସେମାନଙ୍କ ମଧ୍ୟରେ କିଛି ଲୋକ ଏହି ପ୍ରକାରର ମନୋଭାବ ରଖିଥାନ୍ତି'' । ଅର୍ଥାତ୍ ଆପଣ ଆ:ସ ଏପରି ଲୋକମାନଙ୍କ ଉଦାହରଣ ଦେଉଛନ୍ତି ଯେଉଁମାନେ ଏପରି ମନୋଭାବ ରଖୁଛନ୍ତି କି ସେ କହୁଛନ୍ତି ''ଯଦି ଗୋଟିଏ ସିରା ର ମାଟିହାଣ୍ଡିରେ'' ଚିନିର ଯେଉଁ ବହଳା ସିରପ୍ ଥାଏ ସେହି ମାଟିହାଣ୍ଡିରେ ଯଦି ହାତ ପୁରାଅ ଓ ପୁଣି ତାକୁ ରାଶି ଅଖା ଭିତରେ ପୁରାଅ ତ ଯେତେମାତ୍ରାରେ ରାଶି ଲାଗିଯିବ ସେତିକି ମାତ୍ରାରେ ଅନ୍ୟମାନଙ୍କୁ ଧୋକା ଦେଇପାରିବ ଅର୍ଥାତ୍ ଅନ୍ୟମାନେ ଏପରି ଉଦାହରଣ ବନାଇଛନ୍ତି ମିଛ କହିବା ପାଇଁ, ଧୋକା ଦେବା ପାଇଁ, ନିଜର Justification ରଖିଛନ୍ତି, ଏତିକିମାତ୍ରାରେ ଅନୁମତି ରହିଛି ଯେ ଶିରା ଭିତରେ ହାତ ପୁରାଅ, ତା ପରେ ରାଶିରେ ହାତ ମାର । ଯେତିକି ରାଶି ଲାଗିବ ତୁମେ ସେତିକି ମାତ୍ରାରେ ଅନ୍ୟକୁ ଧୋକା ଦେଇପାରିବ । ତେବେ ଏହା ହେଉଛି ସେହି ଲୋକମାନଙ୍କ ଅବସ୍ଥା ଯେଉଁମାନେ ଇସ୍‌ଲାମ୍‌ର ଶିକ୍ଷାକୁ ବିଗାଡି ସାରିଛନ୍ତି । ଆମ ଉପରେ ଅଲ୍ଲାଃତାଲାଙ୍କର କେତେ ଅନୁଗ୍ରହ ଯେ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ପ୍ରକୃତ ଇସ୍‌ଲାମ୍ ଆଡକୁ ମାର୍ଗଦର୍ଶନ ମିଳିଛି ।

କହୁଛନ୍ତି କି ''ସେମାନଙ୍କର ଏପରି ଅଭଦ୍ର ଏବଂ ମନଗଢ଼ା କଥା ଦ୍ୱାରା ବହୁତ କ୍ଷତି ହୋଇଛି ଏବଂ ସେମାନଙ୍କୁ ଏହା ପଶୁ ବନାଇ ଦେଇଛି । କିନ୍ତୁ ମୁଁ ତୁମକୁ ବାରମ୍ବାର ଏ ଉଦଦେଶ ଦେଉଛି କି ତୁମେ କଦାପି ଓ କଦାପି ନିଜର ସହାନୁଭୁତିର ସୀମାକୁ ସିମୀତ କରନାହିଁ ଏବଂ ସହାନୁଭୁତି ନିମନ୍ତେ ଏ ଶିକ୍ଷାକୁ ଅନୁସରଣ କର ଯାହାକୁ ଅଲ୍ଲାଃତାଲା ପ୍ରଦାନ କରିଛନ୍ତି ଅର୍ଥାତ୍ *ଇନ୍ନଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଏହ୍‌ସାନେ ୱ ଇତାଏଜିଲ୍ କୁର୍‌ବା* ଅର୍ଥାତ୍ ପ୍ରଥମତଃ ପୁଣ୍ୟ କରିବା ସମୟରେ ତୁମେ ନ୍ୟାୟକୁ ଦୃଷ୍ଟି ଆଗରେ ରଖ । ଯେଉଁ ବ୍ୟକ୍ତି ତୁମ ସହିତ ପୁଣ୍ୟ କରୁଛି ତୁମେ ମଧ୍ୟ ତା ସହିତ ପୁଣ୍ୟ କର ।

ଏବଂ ପୁଣି ଦ୍ୱିତୀୟ ସ୍ତର ହେଉଛି ଏହା କି ତୁମେ ଏହାଠାରୁ ବଳି ତା ସହିତ ବ୍ୟବହାର କର । ଏହା ହେଉଛି ଏହ୍‌ସାନ୍ (ଅନୁଗ୍ରହ) । ଏହ୍‌ସାନ୍‌ର ସ୍ତର ଯଦିଚ ନ୍ୟାୟଠାରୁ ଅଧିକା ଏବଂ ଏହା ବହୁତ ବଡ ପୁଣ୍ୟ ଅଟେ । କିନ୍ତୁ କେବେ ନା କେବେ ଏହା ସମ୍ଭବ ହୋଇଥାଏ କି ଅନୁଗ୍ରହ କରିଥିବା ବ୍ୟକ୍ତି ନିଜର ଅନୁଗ୍ରହକୁ ଜଣାଇବା ପାଇଁ ମନେପକାଇଦେବ କିନ୍ତୁ ସେ ସବୁଠାରୁ ବଳି ଆଉଗୋଟିଏ ସ୍ତର ରହିଛି କି ମନୁଷ୍ୟ ଏପରି ପୁଣ୍ୟ କରୁ ଯାହା ନିଜସ୍ୱ ହୋଇଥିବ'' । ତାହା ଏପରି ପୁଣ୍ୟଥିବ ଯେଉଁଥିରେ ନିଜସ୍ୱ ପୁଣ୍ୟ ପରିପ୍ରକାଶ ହେଉଥିବ । ''ଯେଉଁଥିରେ ଅନୁଗ୍ରହ ଦେଖେଇବାର କୌଣସି ଅଂଶ ନଥିବ'' । ''ଯେପରି ମାଆ ନିଜ ପିଲାକୁ ପାଳିଥାଏ ଏବଂ ସେହି ପାଳନ କରିବାର କୌଣସି ପ୍ରତିବଦଳ ପାଇବା ଇଛା ରଖିନଥାଏ ବରଂ ପ୍ରାକୃତିକ ଜୋସ୍ ଥାଏ ଯାହା ତା ପିଲାପାଇଁ ସେ ନିଜର ସମସ୍ତ ସୁଖ ଓ ଆରାମ୍‌କୁ ବଳିଦାନ ଦେଇଥାଏ'' । ନିଃସ୍ୱାର୍ଥପର ହୋଇ ମାଆ ତା ପିଲାର ସେବା କରିଥାଏ । ଏବେ ଏହି ତୃତୀୟସ୍ତରର ପୂଣ୍ୟ ଏପରିକି ଏଭଳି ସେବା କରିବା ଯାହା ଇତାଏଜିଲ୍ କୁର୍‌ବା ଅଟେ ଓ ଏହାର ସବୁଠାରୁ ବଡ ଉଦାହରଣ ହେଉଛି ମାଆର ଉଦାହରଣ ଯାହା ସେ ତା ପିଲାମାନଙ୍କ ପାଇଁ କରିଥାଏ । ଜଣେ ସାଂସାରିକ ବ୍ୟକ୍ତିଙ୍କଠାରେ ଏପରି ପୁଣ୍ୟ ସୃଷ୍ଟିହୋଇନଥାଏ । ଏମାନେ ଅନଗ୍ରହ କରିବା ଭିତରେ ହିଁ ସିମୀତ ରହିଥାନ୍ତି । ପୁଣି ଅନୁଗ୍ରହ କରିଥିବା କଥା ମନେପକାଇ ଦେଇଥାନ୍ତି । ଯଦି ଗରୀବ ରାଷ୍ଟ୍ରଗୁଡିକ ସେମାନଙ୍କ ଉଦ୍ଦେଶ୍ୟକୁ ପୁରଣ ନକରନ୍ତି ତେବେ ସେମାନେ ଯେଉଁ ଯୋଜନା ସେମାନଙ୍କ ଦେଶରେ ଗରୀବ ମାନଙ୍କ ଉନ୍ନତି ନିମନ୍ତେ ଆରମ୍ଭ କରିଥାନ୍ତି ସେଥିରୁ ପଛଘୁଂଚା ଦେଇଥାନ୍ତି ବରଂ ସେମାନଙ୍କୁ ହଇରାଣ ହରକତ କରିଥାନ୍ତି ଏବଂ ଏହି କାରଣ ଯୋଗୁ କିଛି ମୁସଲ୍‌ମାନ୍ ରାଷ୍ଟ୍ରଗୁଡିକ ଉପରେ ବୋମା ବର୍ଷଣ କରାଯାଉଛି । ବରଂ ବଡବଡ ଇସ୍‌ଲାମୀୟ ରାଷ୍ଟ୍ରଗୁଡିକ ମଧ୍ୟ ଏହି କାର୍ଯ୍ୟ କରୁଛନ୍ତି । ସେଇଥିପାଇଁ ୟମନ୍ ମଧ୍ୟ ଏହାର ଶିକାର ହେଉଅଛି । ଗୋଟିଏ ବଡ ଇସ୍‌ଲାମୀୟ ରାଷ୍ଟ୍ର ସାଉଦୀଆରବର ପଲିସି ଗୁଡିକୁ ସେମାନେ ସମ୍ପୂର୍ଣ୍ଣ ରୂପେ ମାନୁନାହାଁନ୍ତି । ସେଇଥିପାଇଁ ତାଙ୍କ ଗରୀବ ଲୋକମାନଙ୍କୁ ମାର ଏବଂ ନିଜ ପିଲାମାନଙ୍କୁ ମଧ୍ୟ ମାର, ତାଙ୍କ ମହିଳାମାନଙ୍କୁ ମଧ୍ୟ ମାର, ତାଙ୍କ ବୁଢ଼ାଙ୍କୁ ମଧ୍ୟ ମାର ଏବଂ ପ୍ରତ୍ୟେକ ଶାନ୍ତିପ୍ରିୟ ନାଗରିକଙ୍କ ମଧ୍ୟ ମାରିଦିଅ । ତେବେ ଯେଉଁଠି ଏହି ପ୍ରକାରର ମନୋଭାବ ରହିଛି ସେଠାରେ ଇଶ୍ୱର ମିଳିନଥାଏ । ଏ ସବ କାର୍ଯ୍ୟ ନା ତ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ଲାଭ କରିବା ପାଇଁ ହୋଇଥାଏ ଓ ନା ଏହାଦ୍ୱାରା ଅଲ୍ଲାଃତାଲା ମିଳିଥାନ୍ତି । ତେଣୁ ଆଜି ଅହେମଦୀମାନେ ପ୍ରଥମତଃ ନିଃସ୍ୱାର୍ଥପର ହୋଇ କାର୍ଯ୍ୟକରିବା ଉଚିତ୍ । ଦ୍ୱିତୀୟତଃ ଏ ପ୍ରାର୍ଥନା କରିବା ଉଚିତ୍ କି ଅଲ୍ଲାଃତାଲା ଉକ୍ତ ଅତ୍ୟାଚାରୀମାନଙ୍କ ହାତକୁ ମଧ୍ୟ ରୋକି ଦିଅନ୍ତୁ । ଏହାକୁ ସ୍ପଷ୍ଟ କରି ଆପଣ ଆ:ସ କହୁଛନ୍ତି କି ''....ସୁତରାଂ ଏପରି ଶୈଳୀରେ ପୁଣ୍ୟ ହେଉ କି ତାହାକୁ ପ୍ରାକୃତିକ ସ୍ତର ପର୍ଯ୍ୟନ୍ତ ପହଂଚାଇ ଦିଆଯାଉ କାରଣ ଯେତେବେଳେ କୌଣସି ବସ୍ତୁ ଉନ୍ନତି କରିକରି ତା'ର ପ୍ରାକୃତିକ ସମ୍ପୂର୍ଣ୍ଣତା ପର୍ଯ୍ୟନ୍ତ ପହଂଚିଯାଏ ସେତେବେଳେ ତାହା ସମ୍ପୂର୍ଣ୍ଣ ହୋଇଯାଏ'' । ***(ମଲ୍‌ଫୁଜାତ୍, ଖଣ୍ଡ-୭, ପୃଷ୍ଠା-୨୭୮-୨୮୪, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) । (କ୍ରମଶଃ....)***

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.4 Thursday 31 January 2019 Issue No.5**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ବେଲ୍‌ଜିୟମ୍ ଗସ୍ତ - (ସେପ୍ଟେମ୍ବର ୨୦୧୮)

**୧୬ ସେପ୍ଟେମ୍ବର ୨୦୧୮ (ରବିବାର) ରିପୋର୍ଟ୍‌ର ବଳକା ଅଂଶ ।**

ଏବର୍ଷ ଜଲ୍‌ସାସାଲାନ ବେଲ୍‌ଜିୟମ୍‌ର ମିଡିଆ ଦ୍ୱାରା ଯେପରି କଭ୍‌ରେଜ୍ ଦିଆଯାଇଛି ଏହା ପୂର୍ବରୁ କଦାପି ଏପରି ହୋଇନାହିଁ । ଅଲ୍ଲାଃତାଲାଙ୍କ କରୁଣାରୁ ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର ଇଲେକ୍‌ଟ୍ରୋନିକ୍ ଏବଂ ପ୍ରିଂଟ୍ ମିଡିଆ ମାଧ୍ୟମରେ ବହୁତ ବ୍ୟାପକ ରୂପେ କଭ୍‌ରେଜ୍ କରାଯାଇଛି । ଜଲ୍‌ସାସାଲାନା ବେଲ୍‌ଜିୟମ୍ ପ୍ରସଙ୍ଗରେ ସେଠିକାର ବେଲ୍‌ଜିୟମ୍‌ର ଟି.ଭି ଚ୍ୟାନେଲ୍ ଏବଂ ତିନୋଟି ଖବରକାଗଜରେ ଖବରମାନ ପ୍ରକାଶ ପାଇଛି ଯାହା ମାଧ୍ୟମରେ ଦୁଇ ମିଲିୟନ୍ ଲୋକମାନଙ୍କ ନିକଟରେ ବାର୍ତ୍ତା ପହଂଚିଛି । ଏତଦ୍‌ବ୍ୟତୀତ ସୋସିଆଲ୍ ମିଡିଆରେ ୟୁ.ଟୁବ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ଟୁଇଟର୍ ଜରିଆରେ ମଧ୍ୟ ହଜାର ହଜାର ଲୋକମାନଙ୍କ ନିକଟରେ ବାର୍ତ୍ତା ପହଂଚିଛି । ବେଲ୍‌ଜିୟମ୍ ଜାତୀୟ ଟି.ଭି ''ରିଙ୍ଗ୍ ଟି.ଭି'' ଯାହା ଫ୍ଲେମିସନ୍ ଭାଷାର ଅଟେ, ସେ ମଧ୍ୟ ଜଲ୍‌ସା ସମ୍ବନ୍ଧରେ ଖବର ପ୍ରସାରଣ କରିଛି । ଗୋଟିଏ ଆକଳନ ମୁତାବକ ତା ମାଧ୍ୟମରେ ବାର ଲକ୍ଷ ଲୋକଙ୍କ ପର୍ଯ୍ୟନ୍ତ ଜମାତ୍‌ର ବାର୍ତ୍ତା ପହଂଚିଲା । ସେଥିରେ କୁହାଯାଇଛି କି ''ଅହେମଦୀୟା ମୁସ୍‌ଲିମ୍ ଜମାତ୍ ବେଲ୍‌ଜିୟମ୍‌ର ଜଲ୍‌ସାସାଲାନାରେ ବହୁ ସଂଖ୍ୟକ ଲୋକେ ଭାଗ ନେଇଛନ୍ତି'' । ଏହି ସପ୍ତାହରେ ଅହେମଦୀୟା ମୁସ୍‌ଲିମ୍ ଜମାତ୍ ବେଲ୍‌ଜିୟମ୍ ନିଜର ୨୫ତମ ଜଲ୍‌ସାସାଲାନା Brusseles Kart Expo, Groot Bijgaarden ଠାରେ ଅନୁଷ୍ଠିତ ହେଲା । ଜମାତ୍ ଅହେମଦୀୟା ହେଉଛି ଇସ୍‌ଲାମ୍‌ର ଗୋଟିଏ ଶାଖା ଏବଂ ଏ ଜମାତ ପୃଥିବୀର ୨୦୦ଟିରୁ ଅଧିକା ଦେଶରେ କାଏମ୍ ହୋଇସାରିଲାଣି ଓ ପ୍ରତ୍ୟେକ ପ୍ରକାରର ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ଖଣ୍ଡନ କରୁଅଛି । ଏହି ଜଲ୍‌ସାରେ ତାଙ୍କର ଆଧ୍ୟାତ୍ମିକ ଇମାମ୍ (ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ ଅ:ବ:ଅ) ମଧ୍ୟ ଯୋଗ ଦେଇଥିଲେ । ରିଙ୍ଗ୍ ଟି.ଭି ଏହି ପ୍ରୋଗ୍ରାମ୍‌କୁ କଭ୍‌ରେଜ୍ କରିବା ପାଇଁ ଆସିଥିଲା । ଅହେମଦୀୟା ମୁସ୍‌ଲିମ୍ ଜମାତ୍ ବେଲ୍‌ଜିୟମ୍‌ର ମୁଖ୍ୟ ସେଂଟର୍ ବଇତୁସ୍ ସଲାମ୍ Brusselsstraat ଦିଲ୍‌ବେକ୍‌ଠାରେ ପ୍ରତିଷ୍ଠା ହୋଇଛି । ସମଗ୍ର ପୃଥିବୀରୁ ହଜାର ହଜାର ଲୋକେ ନିଜର ଏହି ଜଲ୍‌ସାସାଲାନାରେ ଯୋଗ ଦେବାପାଇଁ Brusseles Kart Expo, Groot Bijgaarden ଠାରେ ଏକତ୍ରିତ ହୋଇଥିଲେ ଯେଉଁଠି ତାଙ୍କର ଆଧ୍ୟାତ୍ମିକ ଗୁରୁ ମିର୍ଜା ମସ୍‌ରୁର୍ ଅହେମଦ୍ ସାହେବ୍ ମଧ୍ୟ ସାମିଲ୍ ହୋଇଥିଲେ ।

ଏ ଜଲ୍‌ସାକୁ ସାର ପୃଥିମୀରେ ମିଲିୟନ୍ ମିଲିୟନ୍ ଲୋକେ ଦେଖିଛନ୍ତି । ନମାଜ ପରେ ବିଭିନ୍ନ ବିଷୟ ଉପରେ ଭାଷଣ ଦିଆଯାଇଛି । ଉଦାହରଣ ସ୍ୱରୂପ ମଦ୍ୟପାନ, ନିଶା ଏବଂ ଇଂଟରନେଟ୍‌ର କୁପ୍ରଭାବ ବିଷୟରେ ସଚେତନ କରାଯାଇଛି ।

ଅହେମଦୀୟା ମୁସ୍‌ଲିମ୍ ଜମାତ୍ ନିଜର ଇସ୍‌ଲାମୀୟ ପ୍ରଥା ଏବଂ ଇଂଟିଗ୍ରେସନ୍ କାର୍ଯ୍ୟ ଯୋଗୁଁ ସର୍ବତ୍ର ଚିହ୍ନିତ ଏବଂ ଆମ ଖଲିଫା କହୁଛନ୍ତି ଇଂଟିଗ୍ରେସନ୍ ବିନା ଏଠାରେ କୌଣସି ପ୍ରକାର ଭବିଷ୍ୟତ ନାହିଁ ।

ବେଲ୍‌ଜିୟମ୍‌ର ଗୋଟିଏ ଜାତୀୟ ଖବରକାଗଜ De Standaard ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଫଟୋ ସହିତ ଜଲ୍‌ସାର ଏ ଖବର ପ୍ରକାଶ କରିଛି । ଏହି ଖବରକାଗଜଟି ଫ୍ଲେମିଶ୍ ଭାଷାରେ ପ୍ରକାଶ ପାଇଥାଏ ଓ ଏହାର ପ୍ରତ୍ୟେକ ଦିନର ସର୍କୁଲେସନ୍ ହେଉଛି ଏକଲକ୍ଷ ବାର ହଜାର । ଗୋଟିଏ ଆକଳନ ମୁତାବକ ଏହି ଖବରକାଗଜଟିକୁ ପାଠ କରୁଥିବା ଲୋକମାନଙ୍କର ସଂଖ୍ୟା ହେଉଛି ସାଢ଼େ ଚାରିଲକ୍ଷରୁ ଅଧିକା । ଏ ଖବରକାଗଜଟି ଲେଖୁଛି କି ହିନ୍ଦୁସ୍ତାନ୍ ଏବଂ ପାକିସ୍ତାନ୍‌ର ଗୋଟିଏ ଧାର୍ମିକ ଜମାତ୍ ଆସନ୍ତାବର୍ଷ ଏ ଦେଶରେ ପ୍ରଥମ ମସ୍‌ଜିଦ୍‌ର ଉଦ୍‌ଘାଟନ କରିବ । ଜମାତ୍ ଅହେମଦୀୟା ମୁସ୍‌ଲିମା ନିଜର କେନ୍ଦ୍ର Uccle କୁ ଚାଲିଯାଉଛି ।

ଅହେମଦୀୟା ମୁସଲିମ୍ ଜମାତ୍ ଆସନ୍ତାବର୍ଷର ପ୍ରାରମ୍ଭରେ ଆମ ଦେଶରେ ନିଜର ନିୟମିତ ପ୍ରଥମ ମସ୍‌ଜିଦ୍‌ର ଉଦ୍‌ଘାଟନ କରିବାକୁ ଯାଉଅଛି । ଅଟ୍ଟାଳିକାଟି ପାଖାପାଖି ପୂର୍ଣ୍ଣ ହୋଇସାରିଛି । ବର୍ତ୍ତମାନ ପର୍ଯ୍ୟନ୍ତ ବେଲ୍‌ଜିୟମ୍‌ରେ ଭିନ୍ନଭିନ୍ନ ଉପାସନା ପୀଠ ମହଜୁଦ୍ ଥିଲା କିନ୍ତୁ ନିୟମିତ ଗୋଟିଏ ମସ୍‌ଜିଦ୍‌ର ଅଭାବ ଥିଲା । ବର୍ତ୍ତମାନ ଦିଲ୍‌ବେକ୍‌ଠାରେ ତାଙ୍କର କେନ୍ଦ୍ର ଅବସ୍ଥିତ ଅଛି କିନ୍ତୁ ଯୋଜନା ମୁତାବକ ଏହି ଜାଗାଟିକୁ ବଢ଼ାଇବା ବା ଏଠାରେ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରିବାର ଅଛି ଯଦ୍ୱାରା ଅଧିକାରୁ ଅଧିକା ଅହେମଦୀୟ ଏକତ୍ରିତ ହୋଇପାରିବେ । କିନ୍ତୁ ବିଗତ ଦିନ ଗୁଡିକରେ ଏହିଭଳି ଯୋଜନାକୁ ବିରୋଧ କରାଯାଉଥିଲା ।

ସୁତରାଂ ଅହେମଦୀ ମୁସଲ୍‌ମାନ୍‌ମାନଙ୍କୁ Uccle ଠାରେ ଆଉଗୋଟିଏ ସ୍ଥାନ ମିଳିଯାଇଛି ଯଦିଚ ଏହା ମଧ୍ୟ ସହଜରେ ଉପଲବ୍ଧ ହୋଇନଥିଲା । ଯେବେ ଏହି ମସ୍‌ଜିଦ୍‌ର ନିର୍ମାଣ ଯୋଜନାର କାମ ଆରମ୍ଭ ହେଲା ସେତେବେଳେ ସ୍ଥାନୀୟ ଲୋକମାନଙ୍କ ତରଫରୁ ବିରୋଧ ହେଲା । କିନ୍ତୁ ଅହେମଦୀ ମାନଙ୍କ ସଫଳତା ମିଳିଲା ।

ଜମାତ୍ ଅହେମଦୀୟାର ଅଧିକାଂଶ ସଦସ୍ୟ ଏ ଆଶା କରୁଛନ୍ତି କି ତାଙ୍କ ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ମସ୍‌ଜିଦ୍‌କୁ ଉଦ୍‌ଘାଟନ କରିବା ପାଇଁ ପୁନର୍ବାର ଆମର ଏ ଦେଶକୁ ଆସିବେ ।

ବେଲ୍‌ଜିୟମ୍‌ର ଆଉଗୋଟିଏ ଜାତୀୟ ଖବରକାଗଜ Het Nieuwsblad ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଫଟୋ ଛାପି ଦେଶରେ ପ୍ରଥମ ଅହେମଦୀ ମସ୍‌ଜିଦ୍‌ର ଆସନ୍ତା ବର୍ଷ ଉଦ୍‌ଘାଟନ ହେଡ୍‌ଲାଇନ୍ ଅନ୍ତର୍ଗତ ଏ ଖବର ଛାପିଛି । ଏହି ଖବରକାଗଜଟି ମଧ୍ୟ ଫ୍ଲେମିଶ୍ ଭାଷାରେ ପ୍ରକାଶ ହେଉଛି । ଏହାର ପତ୍ୟେକ ଦିନର ସର୍କୁଲେସନ୍ ହେଉଛି ୨ଲକ୍ଷ ୬୫ ହଜାର । ଯେବେ କି ଏହି ଖବରକାଗଜକୁ ପାଠ କରୁଥିବା ଲୋକମାନଙ୍କର ସଂଖ୍ୟା ହେଉଛି ୧ମିଲିୟନ୍‌ରୁ ଅଧିକା । ଏହି ଖବରକାଗଜଟି ଲେଖୁଛି ଯେ:- ଶାନ୍ତିପ୍ରିୟ ଜମାତ୍ ମୁସ୍‌ଲିମାର ମର୍କଜ୍ (କେନ୍ଦ୍ରସ୍ଥଳୀ) ଦିଲ୍‌ବେକ୍‌ରୁ Uccle କୁ ଉଠି ଚାଲିଯାଉଛି । ଅହେମଦୀୟା ମୁସ୍‌ଲିମ୍ ଜମାତ୍ ଆସନ୍ତା ବର୍ଷର ପ୍ରାରମ୍ଭରେ ଆମର ଏହି ଦେଶରେ ନିଜର ନିୟମିତ ଏକ ମସ୍‌ଜିଦ୍ ଉଦ୍‌ଘାଟନ କରିବାକୁ ଯାଉଅଛି । ଅଟ୍ଟାଳିକାଟି ସମ୍ପୂର୍ଣ୍ଣ ନିର୍ମାଣ ହୋଇସାରିଛି ଓ ଜମାତ୍ ଅହେମଦୀୟାର ସଦସ୍ୟମାନେ ଏ ଆଶା ରଖିଛନ୍ତି ଯେ ତାଙ୍କ ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ପୁନର୍ବାର ଆମ ଦେଶକୁ ଆସନ୍ତୁ ।

ଏହି ଖବରକାଗଜଟି ମଧ୍ୟ De Standaard ଖବରକାଗଜ ସଦୃଶ ଖବର ପ୍ରକାଶ କରିଥିଲା । କିନ୍ତୁ ଏ ଖବରକାଗଜଟି ଶେଷରେ ଲେଖିଛି କି ପୋଲିସ୍‌ଙ୍କ ଜରିଆରେ ଜଣାପଡ଼ିଛି ଯେ ମୁସଲ୍‌ମାନ୍‌ମାନଙ୍କର ଏହି ଜମାତ୍ ଯାହାର ମୂଳଦୁଆ ଏକଶହ ପଚିଶି ବର୍ଷ ପୂର୍ବେ ହିନ୍ଦୁସ୍ତାନ୍‌ରେ ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ରଖିଥିଲେ, ଏହି ଜମାତ୍ ଆମ ଦେଶରେ କେବେ ମଧ୍ୟ କୌଣସି ପ୍ରକାରର ସମସ୍ୟା ସୃଷ୍ଟି କରିନାହିଁ ।

Bruzz Magazine ରେ ଏ ଖବର ପ୍ରକାଶ ପାଇଥିଲା କି Love for All Hatred for None ର ପ୍ରଚାର କରୁଥିବା ଅହେମଦୀୟା ମୁସ୍‌ଲିମ୍ ଜମାତ୍ ବେଲ୍‌ଜିୟମ ନିଜର ୨୫ତମ ଜଲ୍‌ସାସାଲାନା ଅନୁଷ୍ଠିତ କଲା । ଏହି ଜମାତ୍‌ର ଅଧିକାଂଶ ଲୋକମାନଙ୍କର ସମ୍ବନ୍ଧ ପାକିସ୍ତାନ୍ ସହିତ ରହିଛି ଓ ଏମାନେ ରିଫ୍ୟୁଜି ରୂପେ ଆମ ଦେଶରେ ଆସି ଅଛନ୍ତି । ଏବଂ ଦିଲ୍‌ବେକ୍, ହାସଲ୍‌ଟ୍ ଏବଂ ଇଂଟୋରପେନ୍‌ଠାରେ ତାଙ୍କ ମର୍କଜ ଅଛି । ୧୯୦୮ ମସିହାରେ ସେଥିରେ ଖିଲାଫତ୍‌ର ନିଜାମ୍ (ବ୍ୟବସ୍ଥା) ଜାରି ହେଲା । ଏମାନଙ୍କର ଏ ବିଶ୍ୱାସ ଅଛି କି ଇମାମ୍ ମେହ୍‌ଦୀ ଏବଂ ମସିହ୍ ମଉଦ୍ ହେଉଛନ୍ତି ତାଙ୍କ ଜମାତ୍‌ର ପ୍ରତିଷ୍ଠାତା । ଏତଦ୍‌ବ୍ୟତୀତ ତାଙ୍କର ଏହି ଜମାତ୍ ବହୁତ ବିରୋଧର ସାମ୍‌ନା କରୁଅଛି । ଏବର୍ଷ ତାଙ୍କ ଜଲ୍‌ସାର ବିଷୟବସ୍ତୁ ''ହଜ୍‌ରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ହେଉଛନ୍ତି ଶାନ୍ତିର ଦୂତ'' ଥିଲା ।

ମୁବଲିଗ୍ ଇନ୍‌ଚାର୍ଯ୍ ଲେଖୁଛନ୍ତି:- ଯେତେବେଳେ ବେଲ୍‌ଜିୟମ୍ ଟି.ଭି ଏବଂ ବେଲ୍‌ଜିୟମ୍‌ର ଅନ୍ୟାନ୍ୟ ଖବରକାଗଜ ଗୁଡିକରେ ଜଲ୍‌ସା ସମ୍ବନ୍ଧୀୟ ଖବରଗୁଡିକ ପ୍ରସାରଣ ଓ ପ୍ରକାଶ ପାଇଲା ସେତେବେଳେ କିଛି ଲୋକମାନେ ଫୋନ୍ କରି ଆଶ୍ଚର୍ଯ୍ୟ ପ୍ରକାଶ କଲେ କି ଦିଲ୍‌ବେକ୍‌ଠାରେ ଚାରି ହଜାର ମୁସଲ୍‌ମାନ୍ ଏକାଠି ହୋଇଥିଲେ ଏବଂ ଆମେ କିଛି ଜାଣିପାରିଲୁ ନାହିଁ । ଏହି ଇଜ୍‌ତିମା (ଜନ ସମାବେଶ) ଦ୍ୱାରା ଆମକୁ କୌଣସି ପ୍ରକାରର ଅସୁବିଧା ହେଲାନାହିଁ ଏବଂ ନା ଆମେ କୌଣସି ପ୍ରକାରର କୋଳାହଳ ଶୁଣିବାକୁ ପାଇଲୁ ।

ବେଲ୍‌ଜିୟମ୍ ଫେଡେରାଲ୍ ପୋଲିସ୍‌ର ପ୍ରତିନିଧି ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ:- ଆମକୁ ଏଠାରେ ଦୁଇଶହ ଏବଂ ଅଢ଼ାଇଶ ଲୋକମାନଙ୍କର ସମାବେଶରେ ପୋଲିସ୍ ସପୋର୍ଟ୍ ଦେବାକୁ ପଡ଼ିଥାଏ । କିନ୍ତୁ ଆପଣଙ୍କ ଜଲ୍‌ସାରେ ଚାରିହଜାର ଲୋକ ଏକାଠି ହୋଇଥିଲେ । ଏହା ସତ୍ତ୍ୱେ ମଧ୍ୟ କୌଣସି ଅସୁବିଧା ହେଲାନାହିଁ । ଆପଣଙ୍କ ଜମାତ୍ ହେଉଛି ଏକ ଶାନ୍ତିପ୍ରିୟ ଜମାତ୍ । ଆପଣମାନଙ୍କୁ ପୋଲିସ୍‌ର ଆବଶ୍ୟକତା ନାହିଁ ।

**ଏମ୍.ଟି.ଏ ଆଫ୍ରିକା ଅନ୍ତର୍ଗତ ଜଲ୍‌ସା ସାଲାନା ଜର୍ମାନୀ ଏବଂ ବେଲ୍‌ଜିୟମ୍‌ର କଭ୍‌ରେଜ୍**

ସମ୍ପୂର୍ଣ୍ଣ ଆଫ୍ରିକାରେ ବିଭିନ୍ନ ଚ୍ୟାନେଲ୍ ଗୁଡିକରେ ଜଲ୍‌ସାସାଲାନା ଜର୍ମାନୀ ଏବଂ ଜଲ୍‌ସାସାଲାନ ବେଲ୍‌ଜିୟମ୍‌ର କଭ୍‌ରେଜ ହୋଇଛି । ସେମାନଙ୍କ ମଧ୍ୟରୁ କିଛି ଚ୍ୟାନେଲ୍ ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସମସ୍ତ ଅଭିଭାଷଣକୁ ପ୍ରସାରଣ କଲା । ଏବଂ ଆଉକିଛି ଚ୍ୟାନେଲ୍ ଜଲ୍‌ସାସାଲାନା ସମ୍ବନ୍ଧରେ ବ୍ୟାପକ ରୂପେ ଖବର ପ୍ରସାରଣ କରିଛନ୍ତି ।

ସିରିଆଲୋନ୍‌ରେ ନ୍ୟାସ୍‌ନାଲ୍ ଟେଲିଭିଜନ୍ ସମେତ ତିନୋଟି ଟି.ଭି ଚ୍ୟାନେଲ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସମସ୍ତ ଅଭିଭାଷଣ ଏବଂ ବୟତ୍ ଉତ୍ସବକୁ ପ୍ରସାରଣ କରାଯାଇଛି ।

ଘାନାରେ ଦୁଇଟି ଟେଲିଭିଜନ୍ ଚ୍ୟାନେଲ୍‌ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସମସ୍ତ ଅଭିଭାଷଣ ଓ ବୟତ୍ ଉତ୍ସବକୁ ପ୍ରସାରଣ କରାଗଲା ।

ସେହିଭଳି ରୱାଣ୍ଡାରେ ମଧ୍ୟ ଗୋଟିଏ ଟେଲିଭିଜନ୍‌ରେ ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣ ଏବଂ ବୟତ୍‌ର କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଛି । ଏହି ଚ୍ୟାନେଲ୍ ମାଧ୍ୟମରେ କୋଡିଏ ମିଲିୟନ୍‌ରୁ ଅଧିକା ଲୋକମାନଙ୍କ ପର୍ଯ୍ୟନ୍ତ ବାର୍ତ୍ତା ପହଂଚିଲା ।

**ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ଜରିଆରେ ଜଲ୍‌ସାସାଲାନା ଜର୍ମାନୀର କଭ୍‌ରେଜ୍**

ଏ ବର୍ଷ ପ୍ରଥମଥର ପାଇଁ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ମଧ୍ୟ ସୋସିଆଲ୍ ମିଡିଆ ମାଧ୍ୟମରେ ଜଲ୍‌ସାସାଲାନା ଜର୍ମାନୀକୁ କଭର୍ କରିଛି । ଜଲ୍‌ସାର ଦୁଇସପ୍ତାହ ପୂର୍ବରୁ "Caliph in Germany" ନାମରେ ଗୋଟିଏ ସିରିଜ୍ ଆରମ୍ଭ ହେଲା । ସେହିପରି ଜଲ୍‌ସା ଦିନ ଗୁଡିକରେ ମଧ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଜର୍ମାନୀ ଗସ୍ତ ସମ୍ବନ୍ଧୀୟ ଡକ୍ୟୁମେଂଟାରି ଓ ବିଭିନ୍ନ ଅତିଥି ଓ ଜଲ୍‌ସାରେ ଯୋଗ ଦେଇଥିବା ଲୋକମାନଙ୍କର ହୃଦୟସ୍ପର୍ଶୀ ଘଟଣାମାନ ଉପରେ ଆଧାରିତ ଇଂଟରଭ୍ୟୁ ଏବଂ ଭିଡିଓ କ୍ଲିପ୍‌ସ୍ ଗୁଡିକୁ ସୋସିଆଲ୍ ମିଡିଆରେ ପ୍ରସାରଣ କରାଗଲା । ସୋସିଆଲ୍ ମିଡିଆ ମାଧ୍ୟମରେ ମୋଟ ୧.୯୮ ମିଲିୟନ୍ ଲୋକମାନେ ଏହି ପୋଷ୍ଟ୍‌କୁ ଦେଖିଲେ ।

ସେହିପରି ଜଲ୍‌ସାସାଲାନା ବେଲ୍‌ଜିୟମ୍ ଅବସରରେ ରିଭ୍ୟୁ ଅଫ୍ ରିଲିଜିଅନ୍‌ସ୍ ଭିନ୍ନ ଭିନ୍ନ ତିନିଗୋଟି ସଂକ୍ଷିପ୍ତ ସିରିଜ୍ ସୋସିଆଲ୍ ମିଡିଆରେ ପରିଚାଳନା କଲା । ସେଥିରେ ନମାଜ, ଅଜାନ୍ ଏବଂ ଓ୍ୱଜୁ ଇତ୍ୟାଦି କାର୍ଯ୍ୟଶୈଳୀ ସମ୍ବନ୍ଧିତ ଭିଡିଓ ସାମିଲ୍ ଥିଲେ ଯଦ୍ୱାରା ଅଣ ମୁସଲ୍‌ମାନ୍ ମାନଙ୍କୁ ଇସ୍‌ଲାମୀୟ ଉପସନା ପଦ୍ଧତି ସମ୍ପର୍କରେ ସୂଚନା ଦିଆଯାଇପାରିବ । ଏହି ଭିଡିଓ ଗୁଡିକ ମଧ୍ୟ ଅଣ ମୁସଲ୍‌ମାନ୍ ଲୋକଙ୍କ ମଧ୍ୟରେ ବହୁତ ଗ୍ରହଣୀୟ ହେଲା ଏବଂ ବହୁ ସଂଖ୍ୟକ ଲୋକେ ଏହି ଭିଡିଓ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**